ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK | ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.265 Bhubaneswar Saturday December 10 2022 | ୨୫ତମ ବର୍ଷ ସଂଖ୍ୟା-୨୬୫ ଭୁବନେଶ୍ୱର, ଶନିବାର, ଡିସେମ୍ବର ୧୦, ୨୦୨୨ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS

## ପ୍ରଦେଶ କଂଗ୍ରେସ ମୁଖ୍ୟଙ୍କୁ ମୋକିମଙ୍କ ଆହ୍ୱାନ: ଦାୟିତ୍ୱ ଛାଡ



ଭୁବନେଶ୍ୱର,୯।୧୨(ପି.ଏନ): ଓଡିଶାରେ କଂଗ୍ରେସ ଦାୟିତ୍ୱରେ ଥିବା ମୁଖିଆମାନେ ସିଟ୍ ଛାଡନ୍ତୁ। ଅବସର ନିଅନ୍ତୁ। ତାଙ୍କ ମୁହଁ ଦେଖିବାକୁ ଲୋକେ ଆଉ ଚାହୁଁନାହାନ୍ତି। ସେମାନେ ଆକର୍ଷଣ ହରାଇ ସାରିଲେଣି। ୟୁପି ଓ ପଶ୍ଚିମବଙ୍ଗ ଭଳି ଓଡିଶାରେ କଂଗ୍ରେସ ଦଳ ମୂଳପୋଛ ହେବାକୁ ବସିଛି। ଆଜି ଏଭଳି କହିଛନ୍ତି କଂଗ୍ରେସ ନେତା ତଥା କଟକ ବିଧାୟକ ମହମ୍ମଦ ମୋକିମ୍।ସେ ଗଣମାଧ୍ୟମକୁ କହିଛନ୍ତି, ବାରମ୍ବାର ଉପନିର୍ବାଚ଼ନ ଓ ନିର୍ବାଚ଼ନ ପରାଜୟ ପରେ କଂଗ୍ରେସ ମୁଖ୍ୟଙ୍କୁ ଗୁରୁତର ସହ ଚ଼ିନ୍ତା କରିବାର ସମୟ ଆସିଯାଇଛି। ଯେଉଁମାନେ ଓଡିଶାରେ କଂଗ୍ରେସ ଦଳର ନେତୃତ୍ୱ ନେଉଛନ୍ତି ତଥା ଯେଉଁମାନେ ଦିଲ୍ଲୀରୁ କଂଗ୍ରେସ ଦଳକୁ ମନିଟର କରିବା ପାଇଁ ଆସୁଛନ୍ତି ସେମାନଙ୍କ ପ୍ରତି ସନ୍ଦେହ ସୃଷ୍ଟି ହୋଇଛି। ସାଧାରଣ କଂଗ୍ରେସ କର୍ମୀଙ୍କ ଭିତରେ ପ୍ରଶ୍ନ ଉଠିଛି ଯେ, ବିଗତ ୫ ବର୍ଷ ଧରି ବାରମ୍ବାର ଯେତେ ଉପନିର୍ବାଚ଼ନ ବା ନିର୍ବାଚ଼ନ ହେଉଛି ଦଳୀୟ ଭୋଟ ହାର ୨ରୁ ୩ ପ୍ରତିଶତକୁ ପହଞ୍ଚି ଗଲାଣି। ନୋଟା ସହିତ କଂଗ୍ରେସର ଭୋଟ ହାର ସମାନ ହୋଇଗଲାଣି।କାହିଁକି ଏ ବାବଦରେ ସମୀକ୍ଷା ହେଉନି ? ଯେଉଁମାନଙ୍କୁ ଦିଲ୍ଲୀରୁ ଦାୟିତ୍ୱ ଦିଆଯାଇଛି ସେମାନେ ଏଠାରେ ରହି କାହିଁକି କଂଗ୍ରେସ ଦଳକୁ ତିଆରି କରିବାକୁ ପ୍ରଚେଷ୍ଟା କରୁନାହାନ୍ତି ? ଯଦି ଭାରତ ବର୍ଷର ପ୍ରଧାନମନ୍ତ୍ରୀ ୫୪ କିଲୋମିଟର ରୋଡ୍ ଶୋ କରିପାରୁଛନ୍ତି ଓ ଗୋଟାଏ ରାଜ୍ୟରେ ନିର୍ବାଚ଼ନ ଜିତାଇବା ପାଇଁ ବାରମ୍ବାର ଗସ୍ତ କରିପାରୁଛନ୍ତି ତାହା ହେଲେ ଏଠାରେ ଯେଉଁମାନେ ପ୍ରଭାରି ଅଛନ୍ତି ଓ ଯେଉଁମାନେ ଦଳ ଦାୟିତ୍ୱରେ ଅଛନ୍ତି ନିର୍ବାଚ଼ନକୁ ପର୍ଯ୍ୟଟନ ସ୍ଥଳ ବୁଲିବା ଭଳି କାହିଁକି ଭାବୁଛନ୍ତି ?ଏବେ ତଳସ୍ତରରେ କଂଗ୍ରେସ କର୍ମୀମାନେ ହତୋତ୍ସାହିତ ହୋଇ ଯାଇଛନ୍ତି। ଯେଉଁମାନେ ସମ୍ମୁଖରେ ବସିଛନ୍ତି, ଦାୟିତ୍ୱ ସମ୍ପନ୍ନ ବରିଷ୍ଠ ନେତା ତଥା ଶୋ' କଲ୍ ?ଡ ସିନିୟର ଲିଡରଙ୍କ ମୁହଁ ଦେଖି ଲୋକେ ଆଉ ଭୋଟ ଦେବାକୁ ଚ଼ାହୁଁ ନାହାନ୍ତି। ସେମାନେ କଂଗ୍ରସ ପାଇଁ ସମ୍ପତ୍ତି (ଆସେଟ୍) ନୁହେଁ ବୋ।ଝ (ଲା।ଇବିଲିଟି) ହୋଇଯାଇଛନ୍ତି।ବିଜେଡି ମୁଖ୍ୟ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯେଉଁ ଭଳି ଭାବେ ତାଙ୍କ ଦଳ ପାଇଁ ନିଷ୍ପତ୍ତି ନେଉଛନ୍ତି କଂଗ୍ରେସ ତାକୁ ଅନୁସରଣ କରିବା ଉଚ଼ିତ୍। ଯେଉଁମାନଙ୍କ ସମୟ ହୋଇଗଲାଣି, ଯେଉଁମାନଙ୍କ ପ୍ରତି ଲୋକଙ୍କ ଆକର୍ଷଣ ନାହିଁ, ସେମାନେ ଅବ୍ୟାହତି ନେବା ଉଚ଼ିତ୍। ନୂଆ ଯୁବକଙ୍କୁ ଓ ନୂଆ ଲୋକଙ୍କୁ ସାମ୍ନାକୁ ଆଣିବା ଉଚ଼ିତ୍। ଯଦି ମଞ୍ଚ ଉପରେ ସେହି ନେତାମାନେ ବସିବେ ଲୋକ ତାଙ୍କ ପ୍ରତି ଆକୃଷ୍ଟ ହେଉନାହାନ୍ତି। କଂଗ୍ରେସକୁ ଭୋଟ ଦେଉନାହାନ୍ତି। ତେଣୁ କଂଗ୍ରେସ ବାରମ୍ବାର ବିଫଳତାର ସ୍ୱାଦ ଚ଼ାଖୁଛି।ଏଥିସହ କଂଗ୍ରେସର ଯେଉଁ ବଡ ପଣ୍ଡାମାନେ ଅଛନ୍ତି ସେମାନଙ୍କ ସମ୍ପର୍କରେ ଗୋଟାଏ ଧାରଣା ସୃଷ୍ଟି ହୋଇଛି ସେମାନଙ୍କ ପାଇଁ ଉପନିର୍ବାଚ଼ନ ଆମଦାନୀର ଏକ ସୁଯୋଗ ହୋଇଯାଇଛି। କିପରି ଭାବେ ଏଠାରେ କଂଗ୍ରେସକୁ ହରାଇ ଦିଆଯିବ ଓ ସେମାନେ ଭୋଟ ବିକ୍ରି କରିବାକୁ କେତେ ମୂଲଚ଼ାଲ କରିବେ। ଫଳତଃ ପରବର୍ତ୍ତି ଅବସ୍ଥାରେ କଂଗ୍ରେସ ମାତ୍ର ୨ ହଜାରରୁ ୩ ହଜାର ଭୋଟରେ ସୀମିତ ରହୁଛି। ତେଣୁ ଏନେଇ ସମୀକ୍ଷା ନୁହେଁ, ସେମାନଙ୍କ ଉପରେ ଉତ୍ତରଦାୟିତ୍ୱ ଫିକ୍ସ କରିବା ଜରୁରୀ।ସେ କହିଛନ୍ତି ଯେ ଦିଲ୍ଲୀର ନେତାମାନଙ୍କ ଉପରେ ମଧ୍ୟ ସନ୍ଦେହ ହେଲାଣି। ସେମାନେ ମଧ୍ୟ ଏଥିରେ ସମ୍ପୃକ୍ତ ରହୁଛନ୍ତି। କାରଣ କଂଗ୍ରେସ ପ୍ରତି ଉପନିର୍ବାଚ଼ନରେ ବିଫଳତା ସ୍ୱାଦ ଚ଼ାଖୁଛି। ଏହାସତ୍ତ୍ୱେ ଏହା ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନି। ଅଗଣିତ କଂଗ୍ରେସ କର୍ମୀ ଏବେ ଭୟଭୀତ ଅବସ୍ଥାରେ ଅଛନ୍ତି। ସେମାନେ କଂଗ୍ରେସ ପତାକା ଧରିବେ ନା ଧରିବେନି ? ତେଣୁ କଠୋର ନିଷ୍ପତ୍ତି ନେବାର ସମୟ ଅସିଯାଇଛି। ଯଦି ଏଭଳି ସ୍ଥିତି ଲାଗି ରହେ କଂଗ୍ରେସ ଦଳ ଓଡିଶାରୁ ବିଲୁପ୍ତ ହୋଇଯିବ। ଯାହା ୟୁପି ଓ ପଶ୍ଚିମବଙ୍ଗରେ ହୋଇଛି, ସମାନ ଦଶା ହେବ। ବେଳ ଥାଉଥାଉ ଏକ ଆମୂଳଚୂଳ ପରିବର୍ତ୍ତନ ଆବଶ୍ୟକ। ଯେଉଁମାନେ ସାମ୍ନା ଚୌକିରେ ବସିଛନ୍ତି, ଗୋଲ୍ ?ଡେନ୍ ହ୍ୟାଣ୍ଡସେକ୍ କରିବାକୁ ପଡିବ। ନୂଆ ପି ?ଙ୍କୁ ଯଦି ଆଗକୁ ଅଣା ନ ଯାଏ ଓ ଲୋକଙ୍କ ପାଖରେ ନ ପହଞ୍ଚାଯାଏ, ତେବେ କଂଗ୍ରେସ ଉଦ୍ଧାଇ ପାରିବ ନାହିଁ।ନିର୍ବାଚନ ପୂର୍ବରୁ ଓ ପରେ ଗଣମାଧ୍ୟମରେ ହାରିଗଲୁ ବୋଲି ଦାୟିତ୍ୱରେ ଥିବା ନେତା କହିଦେଲେ। ଗୋଟିଏ କାହାଣୀ କୁହାଗଲା, ଆମ ପାଖରେ ସମ୍ବଳ ନାହିଁ। ଆମେ ଲ ?ିବାକୁ ସକ୍ଷମ ହେଉନୁ। ବିଜେଡି ଓ ବିଜେପି ଅପର୍ଯ୍ୟାପ୍ତ ଟଙ୍କା ଖର୍ଚ୍ଚ କରି ଭୋଟ କିଣି ନେଉଛନ୍ତି। ଯଦି ସମ୍ବଳ ନାହିଁ ଓ କଂଗ୍ରେସ ଦଳ ଲ ?ିବାକୁ ନିଜକୁ ପ୍ରସ୍ତୁତ କରିପାରୁନି, ତେବେ ପ୍ରାର୍ଥୀ କାହିଁକି ଦିଆଯାଉଛି ବୋଲି ସେ ପ୍ରଶ୍ନ କରିଛନ୍ତି। କ'ଣ ଲୋକହସା ହେବା ପାଇଁ ? ଯଦି ପ୍ରାର୍ଥୀ ଦିଆଯାଉଛି କିନ୍ତୁ ଖର୍ଚ୍ଚ ତୁଲେଇପାରୁନାହାନ୍ତି ତେବେ ଯେଉଁମାନେ ଦାୟିତ୍ୱରେ ଅଛନ୍ତି ସେମାନେ ଦାୟିତ୍ୱ ଛାଡି ଦିଅନ୍ତୁ। ଓଡିଶାରେ କଂଗ୍ରେସ ନେତା ବୋଲି ଏବେ ପରିଚ଼ୟ ଦେବା କଷ୍ଟ ହେଲାଣି। ଲୋକେ ଆଗେଇ ଆସି ଦଳର ଦାୟିତ୍ୱ ନେଇଥିବା ନେତାଙ୍କୁ ବିତାଡିତ କରନ୍ତୁ।ଗୁଜରାଟରେ ପରାଜୟ ପରେ ସେଠାରେ ଦଳ ଦାୟିତ୍ୱରେ ଥିବା ମୁଖିଆ ସ୍ୱଇଚ୍ଛାରେ ଇସ୍ତଫା ଦେଇଛନ୍ତି। ତେଣୁ ଏଠାରେ ଯେଉଁମାନେ ଦାୟିତ୍ୱରେ ଅଛନ୍ତି ସେମାନେ ଅବ୍ୟାହତି ନିଅନ୍ତୁ। କାରଣ ସେମାନେ ନିର୍ବାଚ଼ନ ଲ ?ିବା ପାଇଁ ନୁହେଁ, ହୋଟେଲରେ ରହି ମଉଜ ମଜଲିସ୍ କରିବାକୁ ଯାଉଛନ୍ତି। ସେମାନେ ହିଁ ବିଶ୍ୱାସ ଘାତକତା କରୁଛନ୍ତି। ଢଗ କହିଲା ଭଳି ୯ରୁ ୯୦ କହିଲେ ହବନି। ପିସିସି ସଭାପତି କଥା ହାସ୍ୟାସ୍ପଦ। ଧାମନଗରରେ ପରାଜୟ ପରେ ବିଜେଡି ପଦ୍ମପୁରରେ ବିଜୟ ନିମନ୍ତେ ତୃଣମୂଳ ସ୍ତରରେ ଉଦ୍ୟମ କରିଥିଲା। ୨୦୨୪ରେ ଏଭଳି ସ୍ଥିତି ରହିଲେ ନୋଟା ସହ ଲ ?ିବାକୁ ପଡିବ। ନିଜର ରାଜନୈତିକ ଭବିଷ୍ୟତକୁ ଲକ୍ଷ୍ୟରେ ରଖି ଦିଲ୍ଲୀରୁ କଂଗ୍ରସ ମୁଖ୍ୟ କୌଣସି ଠୋସ୍ ପଦକ୍ଷେପ ନ ନେଲେ ଆମେ କଠିନ ନିଷ୍ପତ୍ତି ନେବୁ ବୋଲି ମୋକିମ୍ କହିଛନ୍ତି।ସେପଟେ ତାଙ୍କୁ ଏକ କାରଣ ଦର୍ଶାଅ ନୋଟିସ୍ ଜାରି ହୋଇଥିବାରୁ ଦଳୀୟ ନେତାଙ୍କ କହିବା ମୁତାବକ ପଦ୍ମପୁର ଉପନିର୍ବାଚ଼ନରୁ ଦୂରେଇ ରହିଥିଲେ ମୋକିମ୍ ଗଣମାଧ୍ୟମକୁ ସୂଚ଼ନା ଦେଇଥିଲେ। ଓଡିଶାରେ କଂଗ୍ରେସ ନେତୃତ୍ୱ ଓ ପ୍ରଭାରିଙ୍କ ବିରୋଧରେ ମୋକିମ୍ ?ଙ୍କ ଏଭଳି ବିଷୋଦ୍ ?ଗାର ଏବେ ରାଜନୈତିକ ମହଲରେ ଅଲୋଚ଼ନାର ବିଷୟ ହୋଇଛି।

## କିଏ ହେବେ ମୁଖ୍ୟମନ୍ତ୍ରୀ ? ବିଧାୟକ ନେଇ ପାରିଲେନି, ହାଇକମାଣ୍ଡ ନେବେ ନିଷ୍ପତ୍ତି





ଶିମଲା.୯।୧୨(ପି.ଏନ): ହିମାଚ଼ଳ ପ୍ରଦେଶ ବିଧାନସଭା ନିର୍ବାଚ଼ନରେ କଂଗ୍ରେସ ସରକାର ଗଠନ କାରିବାକୁ ବହୁମତ ପାଇଥିଲେ ମଧ୍ୟ କିଏ ମୁଖ୍ୟମନ୍ତ୍ରୀ ହେବେ, ତା'କୁ ନେଇ ଛକପଞ୍ଝା ଜାରି ରହିଛି। କଂଗ୍ରେସ ରାଜ୍ୟରେ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣା ନ କରି ନିର୍ବାଚ଼ନ ଲଢୁଥିଲା।ନିର୍ବାଚ଼ନ ଜିତିବା ପରେ ଆଜି ନବ ନିର୍ବାଚ଼ିତ ବିଧାୟକ ଦଳ ବୈଠକ ବସିଥିଲା। ଏଥିରେ ବିଧାୟକ ଦଳ ନେତାଙ୍କୁ ଚ଼ୟନ କରାଯିବାର ଥିଲା। କିନ୍ତୁ ବୈଠକରେ କୌଣସି ନାଁ ଉପରେ ବି ମୋହର ବାଜିନି। ବିଧାୟକମାନେ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକଙ୍କ ଉପସ୍ଥିତିରେ ଗୋଟିଏ ସଂକଳ୍ପ ପାରିତ କରିଛନ୍ତି।ଏହି ଧାଡିକା ସଂକଳ୍ପ ପତ୍ରରେ ମୁଖ୍ୟମନ୍ତ୍ରୀ ବାଛିବା ନିଷ୍ପତ୍ତି କଂଗ୍ରେସ ହାଇକମାଣ୍ଡଙ୍କ ଉପରେ ଛଡା ଯାଇଛି। ହାଇକମାଣ୍ଡ ଯାହାକୁ ବାଛିବେ, ସେ ହିଁ ରାଜ୍ୟରେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି।ବିଧାୟକ ଦଳ ବୈଠକ ପୂର୍ବରୁ ମୁଖ୍ୟମନ୍ତ୍ରୀ ପଦ ପାଇଁ ପ୍ରବଳ ଦାବିଦାବର ଥିବା ୪ ନେତା ନିଜର ଶକ୍ତି ପ୍ରଦର୍ଶନ କରିଥିଲେ। ଏମାନଙ୍କ ମଧ୍ୟରୁ ସବୁଠାରୁ ଆଗରେ ଅଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଦିବଂଗତ ନେତା ଭିରଭ୍ଦିଭ ସିଂହଙ୍କ ପତ୍ନୀ ପ୍ରତିଭା ସିଂହ। ସେ ହିମାଚ଼ଳ ପ୍ରଦେଶ କଂଗ୍ରେସ ମୁଖ୍ୟ। ତାଙ୍କ ନେତୃତ୍ୱରେ ଦଳ ନିର୍ବାଚ଼ନ ମଧ୍ୟ ଲ ?ିଥିଲା। ସେ ମଧ୍ୟ ଖୋଲାଖୋଲି ଭାବେ ମୁଖ୍ୟମନ୍ତ୍ରୀ ହେବାକୁ ଆଶା ରଖିଥିବା କହିଛନ୍ତି। ଆଜି ତାଙ୍କ ସମର୍ଥକମାନେ ଏକାଠି ହୋଇ ହାଇକମାଣ୍ଡଙ୍କୁ ନିଜର ଦାବି ମଧ୍ୟ ଜଣାଇଛନ୍ତି।ପ୍ରତିଭାଙ୍କ ବ୍ୟତୀତ କଂଗ୍ରେସର ପୂର୍ବତନ ରାଜ୍ୟ ମୁଖ୍ୟ ସୁଖବିନ୍ଦର ସିଂହ ସୁଖୁ ମଧ୍ୟ ରହିଛନ୍ତି। କଂଗ୍ରେସ ବିରୋଧ ଦଳରେ ଥିବା ବେଳେ ଏହାର ନେତା ଭାବେ କାର୍ଯ୍ୟ କରୁଥିବା ମୁକେଶ ଅଗ୍ନିହୋତ୍ରୀ ମଧ୍ୟ ରାଜ୍ୟର ଟପ୍ ? ପଦ ପାଇଁ ଦାବିଦାର ରହିଛନ୍ତି। ହର୍ଷବର୍ଦ୍ଧନ ଚୌହାନଙ୍କ ସମର୍ଥକମାନେ ମଧ୍ୟ ତାଙ୍କ ସପକ୍ଷରେ ଲବି ଆରମ୍ଭ କରିଛନ୍ତି। ଏପରି ଟଣାଓଟରା ଚ଼ାଲିବା କଂଗ୍ରେସ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି। ତେଣୁ ନବ ନିର୍ବାଚ଼ିତ ବିଧାୟକମାନେ ଗୋଟିଏ ସଂକଳ୍ପ ପାରିତ କରି ହାଇକମାଣ୍ଡଙ୍କ ଉପରେ ସବୁ ଦାୟିତ୍ୱ ଛାଡି ଦେଇଛନ୍ତି। ସୁଖୁଙ୍କ ନାଁ ଚ଼ର୍ଚ୍ଚାରେ ଥିଲେ ମଧ୍ୟ ସେ ମୁଖ୍ୟମନ୍ତ୍ରୀ ହେବାକୁ ଆଗୀ ଆଶା କର ନଥିବା କହିଛନ୍ତି। ସେ କହିଛନ୍ତି, "ମୁଁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ନୁହେଁ। ମୁଁ ଜଣେ ଶୃଙ୍ଖଳିତ ସୈନ୍ୟ। କଂଗ୍ରେସ ଦଳ ଓ ବିଧାୟକ ଭାବେ ମୁଁ କାମ କରୁଛି ଏବଂ ଆଗକୁ ମଧ୍ୟ ମୋର କାମ ଜାରି ରହିବ। ହାଇକମାଣ୍ଡଙ୍କ ନିଷ୍ପତ୍ତି ହିଁ ଚୂଡାନ୍ତ।"ଆଜିର ବିଧାୟକ ଦଳ ବୈଠକ ପୂର୍ବରୁ କଂଗ୍ରେସର ପର୍ଯ୍ୟବେକ୍ଷକ ଭାବେ ହିମାଚ଼ଳ ପ୍ରଦେଶରେ ନିଯୁକ୍ତି ପାଇଥିବା ଛତିଶଗଡ ମୁଖ୍ୟମନ୍ତ୍ରୀ ଭୂପେଶ ବାଘେଲ, ହରିଆଣାର ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପେନ୍ଦର ସିଂହ ହୁଡ୍ଡା ଓ ହିମାଚ଼ଳ ପ୍ରଦେଶ କଂଗ୍ରେସର ପ୍ରଭାରୀ ରାଜୀବ ଶୁକ୍ଳା ରାଜ୍ୟପାଳଙ୍କୁ ଭେଟିଥିଲେ। ସେମାନେ ବିଜୟୀ ପ୍ରାର୍ଥୀଙ୍କ ତାଲିକା ରାଜ୍ୟପାଳଙ୍କୁ ଦେଇ ସରକାର ଗଠନ କରିବାକୁ ଦାବି ଜଣାଇଥିଲେ।ହିମାଚ଼ଳ ପ୍ରଦେଶ ବିଧାନସଭାର ୬୮ଟି ଆସନରୁ କଂଗ୍ରେସ ୪୦ଟିରେ ଜିତିଥିବା ବେଳେ ବିଜେପି ୨୫ଟି ଓ ସ୍ୱାଧୀନ ପ୍ରାର୍ଥୀ ୩ଟି ଆସନରେ ଜିତିଛନ୍ତି।

## ମାଟ୍ରିକ ସମେଟିଭ୍-୧ ଖାତା ଦେଖା ଆରମ୍ଭ

ଭୁବନେଶ୍ୱର, ୯।୧୨(ପି.ଏନ): ଶୁକ୍ରବାର ଠାରୁ ମାଟ୍ରିକ ସମେଟିଭ୍-୧ ଖାତା ଦେଖା ଆରମ୍ଭ ହୋଇଛି । ମିଳିଥିବା ସୂଚନା ଅନୁସାରେ ମୋଟ ୫୬ଟି କେନ୍ଦ୍ରରେ ୧୨୪୫୦ ଶିକ୍ଷକ ମୂଲ୍ୟାୟନରେ ନିୟୋଜିତ ଅଛନ୍ତି । ସକାଳ ୯ଟାରୁ ଏହି ଖାତା ଦେଖା ପ୍ରକ୍ରିୟା ଆରମ୍ଭ ସନ୍ଧ୍ୟା ୫ଟା ଯାଏ ଚାଲିବ । ଆସନ୍ତା ୧୦ ଦିନ ମଧ୍ୟରେ ଖାତା ଦେଖା ସାରିବାକୁ ଲକ୍ଷ୍ୟ ରଖା ଯାଇଥିବା ଜଣା ପଡିଛି । ଖାତା ଦେଖା କେନ୍ଦ୍ରକୁ ନିରୀକ୍ଷକଙ୍କୁ ମୋବାଇଲ ନେବାକୁ ବାରଣ କରାଯାଇଛି । ଉଲ୍ଲେଖନୀୟ ଯେ ଚଳିତ ବର୍ଷ ନଭେମ୍ବର ୨୩ରୁ ୩୦ ତାରିଖ ପର୍ଯ୍ୟନ୍ତ ରାଜ୍ୟର ୩୦୨୯ ପରୀକ୍ଷା କେନ୍ଦ୍ରରେ ୫ ଲକ୍ଷ ୪୦ ହଜାର ଛାତ୍ରଛାତ୍ରୀ ସମେଟିଭ୍-୧ ପରୀକ୍ଷା ଦେଇଥିଲେ।

## ବେହାଲ ମେଡିକାଲ୍ କଲେଜର ଅବସ୍ଥା: ମିଳୁନି ଚ଼ିକିତ୍ସା, ରୋଗୀ ଖାଉଛନ୍ତି ନିମ୍ନମାନର ଖାଦ୍ୟ !



ବାରିପଦା (ମାଣିକଲାଲ ପାଣି): ବହୁ ସଂଘର୍ଷ ଓ ପ୍ରତିବାଦ ପରେ ମୟୂରଭଞ୍ଜକୁ ମିଳିଥିଲା ମେଡିକାଲ୍ କଲେଜ। ହେଲେ ଆବଶ୍ୟକ ସଂଖ୍ୟକ ଷ୍ଟାଫ୍ ନିଯୁକ୍ତି କରିବା ପାଇଁ ଭୁଲିଗଲେ ସରକାର ! ଯେଉଁଥିପାଇଁ ମେଡିକାଲ୍ କଲେଜର ସ୍ୱାସ୍ଥ୍ୟ ଅବସ୍ଥା ବେହାଲ୍ ? ହୋଇଛି। ଘାଣ୍ଟି ସନ୍ତୁଳି ହେଉଛନ୍ତି ଜିଲ୍ଲାର ଗରିବ ଓ ଅସହାୟ ରୋଗୀ। ଯେଉଁ ରୋଗୀମାନେ ଚ଼ିକିତ୍ସିତ ହେଉଛନ୍ତି, ସେମାନଙ୍କୁ ନିମ୍ନମାନର ଖାଦ୍ୟ ଦିଆଯାଉଛି। ଠିକା ସଂସ୍ଥା ମେନ୍ୟୁ ଅନୁସାରେ ଖାଦ୍ୟ ଦେଉନଥିବା ଅଭିଯୋଗ ହୋଇଛି।ମୟୂରଭଞ୍ଜ ହେଉଛି ଏକ ଆଦିବାସୀ ଅଧ୍ୟୁଷିତ ଜିଲ୍ଲା। ଏହି ଜିଲ୍ଲାର ଗରିବ ଲୋକଙ୍କୁ ଉନ୍ନତମାନର ଚ଼ିକିତ୍ସା ସେବା ଯୋଗାଇଦେବା ପାଇଁ ବହୁ ସଂଘର୍ଷ ପରେ ୨୦୧୭ ମସିହାରେ ବାରିପଦାରେ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍ପିଟାଲ ପ୍ରତିଷ୍ଠା କରାଯାଇଥିଲା। ମେଡିକାଲ୍ କଲେଜ ପ୍ରତିଷ୍ଠା ହେବା ପରେ ଗରିବ ଲୋକଙ୍କ ଆଶା ଓ ଆକାଂକ୍ଷା ପୂରଣ ହେବ ବୋଲି ଆଶା କରାଯାଉଥିଲା। ହେଲେ ଆଜି ପର୍ଯ୍ୟନ୍ତ ଲୋକଙ୍କ କିଣି ପାରୁନାହିଁ ମେଡିକାଲ୍ କଲେଜ। ପ୍ରତିଦିନ ନାନା ବିବାଦରେ ଛନ୍ଦି ହୋଇପଡୁଛି ମେଡିକାଲ୍ ?। କେତେବେଳେ ସ୍ୱାସ୍ଥ୍ୟ ସେବାରେ ଡାକ୍ତରଙ୍କ ଅଭାବ ଅଭିଯୋଗ ହେଉଛି ତ ଆଉ କେତେବଳେ ମେଡିକାଲ୍ ? କଲେଜର ଆନୁସଙ୍ଗୀକ ବ୍ୟବସ୍ଥାକୁ ନେଇ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ଆଉ କେତେବେଳେ ନିମ୍ନମାର ଖାଦ୍ୟା ଯୋଗାଇବାକୁ ନେଇ।ଦେଖିବାକୁ ଗଲେ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍ପିଟାଲ ଉପରେ ମୟୂରଭଞ୍ଜ, ବାଲେଶ୍ୱର ଓ ପଡ ?ଶୀ ରାଜ୍ୟ ଝାଡଖଣ୍ଡରୁ ବହୁ ଲୋକ ନିର୍ଭର କରୁଛନ୍ତି। ଏଠାକୁ ଚ଼ିକିତ୍ସା ହେବା ପାଇଁ ପ୍ରତିଦିନ ଅନ୍ତଃଭାଗ ଓ ବହିଃର ବିଭାଗକୁ ୬୦୦ରୁ ୭୦୦ ରୋଗୀ ଆସୁଛନ୍ତି। ହେଲେ ରୋଗୀଙ୍କ ଉଚ଼ିତ ଚ଼ିକିତ୍ସା ମିଳୁନାହିଁ। ଯାହାକୁ ନେଇ ରୋଗୀ ଓ ତାଙ୍କ ସମ୍ପର୍କୀୟଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ମିଳିଥିବା ସୂଚ଼ନା ଅନୁସାରେ ମେଡିକାଲ୍ ? କଲେଜ ପାଇଁ ୨୧ ପ୍ରଫେସର ଦରକାର ଥିବା ବେଳେ ଅଛନ୍ତି ମାତ୍ର ୧୫ ଜଣ।

## ରାଜ୍ୟରେ ପୁଣି ଖୋଲିବ ଘରୋଇ ଡିଗ୍ରୀ ଓ ପ୍ରଫେସନାଲ୍ କଲେଜ୍

ଭୁବନେଶ୍ୱର ,୯।୧୨(ପି.ଏନ): ଉଚ୍ଚଶିକ୍ଷା ବିଭାଗର ବଡ଼ ନିଷ୍ପତ୍ତି। ରାଜ୍ୟରେ ପୁଣି ଖୋଲିବ ଘରୋଇ ଡିଗ୍ରୀ ଓ ପ୍ରଫେସନାଲ୍ କଲେଜ୍। ଗତ ମାସ ୯ ତାରିଖରେ ବସିଥିବା ହାଇପାୱାର କମିଟି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ସ୍ଥାନୀୟ ଅଂଚ଼ଳର ଶୈକ୍ଷିକ ଆବଶ୍ୟକତାକୁ ନେଇ ଘରୋଇ ଶିକ୍ଷାନୁଷ୍ଠାନ ଖୋଲା ଯାଇପାରିବ। ସେହିପରି ଆବଶ୍ୟକସ୍ଥଳେ ନୂଆ କୋର୍ସ ସାମିଲ ପାଇଁ ବି ଅନୁମତି ଦିଆଯାଇଛି। ଏହାଦ୍ୱାରା ଛାତ୍ରଛାତ୍ରୀ ଉପକୃତ ହେବେ ବୋଲି ହାଇପାୱାର କମିଟି ମତ ଦେଇଛି।ଘରୋଇ କଲେଜଗୁଡିକର ପ୍ରାଦୁର୍ଭାବ ରୋକିବାକୁ ଉଚ୍ଚ ଶିକ୍ଷା ବିଭାଗ ନୂଆ ଘରୋଇ କଲେଜ ଖୋଲିବା ଉପରେ ୫ ବର୍ଷିଆ କଟକଣା ଲଗାଇଥିଲା। ତେଣୁ ଉଚ୍ଚ ଶିକ୍ଷା ବିଭାଗ ହାଇପାୱାର କମିଟିର ଏହି ନିଷ୍ପତ୍ତିକୁ ନେଇ ଅନେକ ପ୍ରଶ୍ନ ଉଠିଛି।ରାଜ୍ୟରେ ଏବେ ୫୩ ଟି ସରକାରୀ ଓ ୫ଶହ ଅନୁଦାନ ପ୍ରାପ୍ତ ଡିଗ୍ରୀ କଲେଜ ରହିଛି। ଏସବୁ କଲେଜ୍‌ର ମୋଟ ସିଟ ସଂଖ୍ୟା ୨ଲକ୍ଷ ୫୫ ହଜାର ୯୧୩। ଏଥି ମଧ୍ୟରୁ ଚ଼ଳିତ ବର୍ଷ ଲକ୍ଷେ ୯୮ ହଜାର ୫୧୮ ସିଟ୍ ?ରେ ଆଡମିଶନ ହୋଇଛି। ଅର୍ଥାତ୍ ୫୭ ହଜାର ୩୯୫ ସିଟ୍ ଖାଲି ପଡ଼ିଛି। ଏଭଳି କ୍ଷେତ୍ରରେ ଅଧିକ ଘରୋଇ କଲେଜ୍ ଖୋଲିବାର ଆବଶ୍ୟକତା କ'ଣ ? କିଛି ନିର୍ଦ୍ଦିଷ୍ଟ ଗୋଷ୍ଠୀର ସ୍ୱାର୍ଥକୁ ଦୃଷ୍ଟିରେ ରଖି ସରକାର ଏଭଳି ନିଷ୍ପତ୍ତି ନେଇନାହାନ୍ତି କି ଘରୋଇ ଡିଗ୍ରୀ କଲେଜ ଖୋଲିବା ନିଷ୍ପତ୍ତି ଶିକ୍ଷାର ବ୍ୟବସାୟୀକରଣକୁ ପ୍ରୋତ୍ସାହିତ କରିବ ନାହିଁ ତ ଉଚ୍ଚ ଶିକ୍ଷା ବିଭାଗର ଏଭଳି ନିଷ୍ପତ୍ତିକୁ ଅଧ୍ୟାପକ ସଂଘ ସମାଲୋଚ଼ନା କରିଥିବା ବେଳେ ବେସରକାରୀ କଲେଜ୍ ପକ୍ଷରୁ କିନ୍ତୁ ସ୍ୱାଗତ କରାଯାଇଛି।

## ଯମ ଯନ୍ତ୍ରଣା ଭୋଗୁଛନ୍ତି ଆଦିବାସୀ ଅଧ୍ୟୁଷିତ କୋରାପୁଟ ଜିଲ୍ଲା ଲୋକେ !



କୋରାପୁଟ,୯।୧୨(ପି.ଏନ): ଯମ ଯନ୍ତ୍ରଣା ଭୋଗୁଛନ୍ତି ଆଦିବାସୀ ଅଧ୍ୟୁଷିତ କୋରାପୁଟ ଜିଲ୍ଲା ଲୋକେ ! ଏଠାକାର ଲୋକମାନଙ୍କୁ ଉନ୍ନତମାନର ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାକୁ ସରକାର ପ୍ରତିଷ୍ଠା କରିଥିଲେ ସହିଦ ଲକ୍ଷ୍ମଣ ନାୟକ ଭେଷଜ ମେଡିକାଲ କଲେଜ ଓ ହସ୍ପିଟାଲ। ଯାହାକୁ ୫ ବର୍ଷ ବିତିଲା। ହେଲେ ଏଠାରେ ଭିତ୍ତିଭୂମି ନାହିଁ, କି ଯନ୍ତ୍ରପାତି ନାହିଁ। ଆଦିବାସୀ ଓ ଗରିବ ରୋଗୀମାନେ ପ୍ରତିଦିନ ହନ୍ତସନ୍ତ ହେଉଛନ୍ତି। କିନ୍ତୁ ପାଠ୍ୟକ୍ରମ ଖୋଲି ଆବେଦନ ପ୍ରକ୍ରିୟା ଚ଼ାଲୁରହିଛି। ଏବେବି ସବୁ ପାଠ୍ୟକ୍ରମରେ ନାହାନ୍ତି କେ ?ଣସି ନିୟମିତ ପ୍ରଫେସର। ଡାକ୍ତରଖାନାରେ ବିଶେଷଜ୍ଞ ଡାକ୍ତରଙ୍କ ଚ଼ିକିତ୍ସା ମିଳୁନି। ଅଧିକାଂଶ ରୋଗ ଚ଼ିକିତ୍ସା ବିଭାଗରେ ତାଲା ପଡିଛି। ଏହା ଏକ ରେଫରାଲ ହସ୍ପିଟାଲ ହୋଇଛି। ତେଣୁ ସରକାର ଯେଉଁ ଉଦ୍ଦେଶ୍ୟରେ ଏଠାରେ ମେଡିକାଲ ପ୍ରତିଷ୍ଠା କରିଥିଲେ, ତାହାକୁ ସଫଳ ରୂପାୟନ କରିବାରେ ଫେଲ ମାରିଗଲେ ବୋଲି ଅଭିଯୋଗ ହୋଇଛି। ସେପଟେ ରୋଗୀଙ୍କୁ ଏଠାରେ ଉତ୍ତମ ଚ଼ିକିତ୍ସା ଦିଆ ନ ଯାଇ ପଡ ?ଶୀ ଆନ୍ଧ୍ରପ୍ରଦେଶର ହସ୍ପିଟାଲକୁ ସ୍ଥାନାନ୍ତର କରାଯାଉଛି ବୋଲି ମଧ୍ୟ ଅଭିଯୋଗ ହୋଇଛି। ଏଠାରେ ମଞ୍ଜୁର ପ୍ରଫେସର ପଦବୀ ୨୨ ଥିବାବେଳେ ଖାଲି ପଡିଛି ୬ ପଦବୀ। ଆସୋସିଏଟ ପ୍ରଫେସର ପଦବୀ ସଂଖ୍ୟା ୨୮ ଥିବାବେଳେ ଖାଲି ପଡିଛି ୧୧ ପଦବୀ। ସେହିପରି ସହକାରୀ ପ୍ରଫେସର ପଦବୀ ସଂଖ୍ୟା ୪୭ ରହିଥିବାବେଳେ ଖାଲିପଡିଛି ୨ ପଦବୀ। ସିନିୟର ରେସିଡେଣ୍ଟ ଡକ୍ଟର ପଦବୀ ସଂଖ୍ୟା ୩୯ ଥିବାବେଳେ ଖାଲି ରହିଛି ୨୬। ଜୁନିୟର ରେସିଡେଣ୍ଟ ଡାକ୍ତର ପଦବୀ ସଂଖ୍ୟା ୩୮ ଥିବା ବେଳେ ଖାଲି ପଡିଛି ୬।ସେହିପରି ଲ୍ୟାବ ଟେକ୍ନିସିଆନ ପଦବୀ ସଂଖ୍ୟା ୨୭ ଥିବା ବେଳେ ଖାଲି ପଡିଛି ୧୦। ଇସିଜି ଟେକ୍ନିସିଆନ, ଡେଣ୍ଟାଲ ଟେକ୍ନିନିସିଆନ, ଅଡିଓ ମିଟର ଟେକ୍ନିସିଆନ, ଟବିଏଚ୍ବି, ରିଫ୍ରକଚ଼ନାଲିଷ୍ଟ ଓ ସ୍ୱିଚ୍ ଥେରାପି ସମେତ ଡାର୍କରୁମ ସହାୟକ ନିମନ୍ତେ ଗୋଟିଏ ଲେଖାଏଁ ପଦବୀ ଥିବା ବେଳେ ଏ ସମସ୍ତ ପଦବୀ ଖାଲି ପଡିଛି। ହେଲଥ୍ ଏଡୁକେଟରର ତିନୋଟି ପଦବୀ ଖାଲି ପଡିଛି।ଚ଼ଳିତ ବର୍ଷ ଜୁନ୍ ସୁଦ୍ଧା ଏହି ମେଡିକାଲ କଲେଜର ମୋଟ ମଞ୍ଜୁରୀ ଡାକ୍ତର ଓ ପାରାମେଡିକାଲ ଷ୍ଟାଫ୍ ପଦବୀ ସଂଖ୍ୟା ୫୨୪ ଥିବା ବେଳେ ୨୮୪ ପଦବୀ ଖାଲି ପଡିଛି। ସର୍ବାଧିକ ଷ୍ଟାଫ୍ ନର୍ସ ପଦବୀ ଖାଲି ପଡିଛି। ଏଥିରେ ମୋଟ ମଞ୍ଜୁରୀ ପଦବୀ ସଂଖ୍ୟା ୩୨୧ ଥିବା ବେଳେ ୧୩୨ଟି ଖାଲି ପଡଛି।ରେଡିଓଲୋଜିଷ୍ଟ ଓ ଅନ୍ୟାନ୍ୟ ଜରୁରୀ ପଦବୀ ପୂରଣ ପାଇଁ ସାଧାରଣ ଲୋକେ ଦାବି କରି ଆସୁଛନ୍ତି। ହେଲେ ଜିଲ୍ଲା ପ୍ରଶାସନ, ସ୍ୱାସ୍ଥ୍ୟ ବିଭାଗ କିମ୍ବା ରାଜ୍ୟ ସରକାର ଏହା ଉପରେ ଗୁରୁତ୍ୱ ଦେଉନାହାନ୍ତି। ଫଳରେ ଗରିବ ଓ ଆଦିବାସୀ ଲୋକମାନେ ଆବଶ୍ୟକ ସ୍ୱାସ୍ଥ୍ୟସେବା ନ ପାଇ ହିନସ୍ତା ହେଉଛନ୍ତି।ଏଠାରେ ବିଭିନ୍ନ ବିଭାଗର ପରୀକ୍ଷାନିରୀକ୍ଷା ମେସିନ ଅଚ଼ଳ ହୋଇଯାଇଛି। ଲାବ୍‌ରୋଟୋରୀ ନାହିଁ। ଇକୋ ମେସିନ ଚ଼ଳାଇବା ପାଇଁ ରେଡିଓଲୋଜିଷ୍ଟ ନାହାନ୍ତି। ଆଞ୍ଜିଓଗ୍ରାମ ତ ଦୂରର କଥା, କ୍ୟାଥ ଲାବ୍ ନାହିଁ। ଏମଆରଆଇ ବ୍ୟବସ୍ଥା ନାହିଁ। ମାମୋଗ୍ରାଫି ଯାହା ଦ୍ୱାରା ବ୍ରେଷ୍ଟ କ୍ୟାନ୍ସର ଚ଼ିହ୍ନଟ ହୁଏ, ତାହା ମଧ୍ୟ ଉପଲବ୍ଧ ନାହିଁ। ସାଧାରଣ ରୋଗର ଚ଼ିହ୍ନଟ ପାଇଁ ଅଲଟ୍ରାସାଉଣ୍ଡ କରିବା ବ୍ୟବସ୍ଥା ହୋଇପାରିଲା ନାହିଁ। ସେହିପରି କାର୍ଡିଓଲୋଜି ବିଭାଗ(ହୃଦ୍ ରୋଗ) ଏ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇପାରିଲା ନାହିଁ। ନ୍ୟୁରୋଲୋଜୀ(ସ୍ନାୟୁରୋଗ), ଇଉରୋଲୋଜି(ମୂତ୍ରରୋଗ) ବିଭାଗର ମଧ୍ୟ ସମାନ ଅବସ୍ଥା। ବହୁ ଦାବି ପରେ ନୂଆ ଏଣ୍ଡୋସ୍କ ?ପି ମେସିନ ଆସିଛି, କିନ୍ତୁ ଏହା କାର୍ଯ୍ୟକ୍ଷମ ହୋଇପାରିଲା ନାହିଁ। କର୍ମଚ଼ାରୀ ଅଭାବ ଯୋଗୁଁ ବିଭିନ୍ନ ବିଭାଗ ଅଚ଼ଳ ରହିଛି।ଡାକ୍ତରଖାନାକୁ ଆସୁଥିବା ଗୁରୁତର ରୋଗୀଙ୍କ ସଂଖ୍ୟା ମୁତାବକ ଚ଼ିକିତ୍ସା ନେମନ୍ତେ ଶଯ୍ୟା ନାହିଁ। ତେଣୁ କେଉଁ ରୋଗୀ ଠିଆ ହୋଇ ଚ଼ିକିତ୍ସା ହେଉଛି ତ, କିଏ ଡାକ୍ତରଖାନା ବାରଣ୍ଡା ଚ଼ଟାଣରେ ପଡି ଚ଼ିକିତ୍ସା ହେଉଛି। ଘଣ୍ଟା ଘଣ୍ଟା ଧରି ଅପେକ୍ଷା ପରେ ଡାକ୍ତରଙ୍କୁ ରୋଗ ଦେଖାଇବାର ସୁଯୋଗ ମିଳୁଛି। ସେତେବେଳକୁ ରୋଗୀର ଜୀବନ ଉପରେ ବିପଦ ଘନିଭୂତ ହେଉଛି। ସେହିପରି ବହୁ ସମୟ ଧାଡିରେ ଠିଆ ହେବା ପରେ ରୋଗୀ ପଞ୍ଜିକରଣ ପତ୍ର ମିଳିପାରୁଛି। ତେଣୁ ଏ ସବୁ ଭିତରେ ରୋଗୀର ଅବସ୍ଥା କିପରି ହେଉଥିବ ସହଜରେ ଅନୁମେୟ। ମଧ୍ୟାହ୍ନ ୧୨ଟା ପରେ ଓପିଡି ବନ୍ଦ। ଟିକିଏ ବିଳମ୍ବରେ ପହଞ୍ଚିଲେ ରୋଗୀଙ୍କୁ ଆବଶ୍ୟକ ଚ଼ିକିତ୍ସା ମିଳୁନି। ରୋଗୀ ପୁଣି ପରଦିନ ଧାଡିରେ ଠିଆ ହୋଇ ପାଳି ପଡିବା ପର୍ଯ୍ୟନ୍ତ ଘଣ୍ଟା ଘଣ୍ଟା ଅପେକ୍ଷା କରୁଛି। କୋରାପୁଟର ଗୁରୁତର ରୋଗୀଙ୍କୁ ଆବଶ୍ୟକ ଚ଼ିକିତ୍ସା ସୁବିଧା ଦିଆନଯାଇ ନିକଟସ୍ଥ ଆନ୍ଧ୍ରପ୍ରଦେଶର ଡାକ୍ତରଖାନାମାନଙ୍କୁ ସ୍ଥାନାନ୍ତର କରାଯାଉଛି। ଫଳତଃ ସରକାର କୋରାପୁଟରେ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ପ୍ରତିଷ୍ଠା କରିବା ପରେ ରୋଗୀ ସେବାରେ ଉନ୍ନତି ଆସିବା ଲକ୍ଷ୍ୟ ଦିଗଭ୍ରଷ୍ଟ ହୋଇଛି। ଏ ନେଇ ମେଡିକାଲ ପ୍ରଶାନିକ ଅଧିକାରୀ ମଧୁମିତା ନାୟକ କହିଛନ୍ତି, ପଦବୀ ଖାଲି ପଡିଥିବା ନେଇ ସରକାରଙ୍କୁ ଅବଗତ କରାଯାଇଛି। ଖାଲି ପଦବୀ ପୂରଣ ନିମନ୍ତେ ମଧ୍ୟ ବିଭାଗକୁ ଜଣାଇ ଦିଆଯାଇଛି। ଏବେ ସେମାନଙ୍କ ପଦକ୍ଷେପ ଉପରେ ସବୁକିଛି ନିର୍ଭର କରୁଛି। ଏ ସମ୍ପର୍କରେ ମେଡିକାଲ କଲେଜ ଡିନ୍ ? ତଥା ଅଧ୍ୟକ୍ଷ ପ୍ରଫେସର କେ.ସି. ବିଶ୍ୱାଳ କହିଛନ୍ତି, ଏପରି ସମସ୍ୟା ଏବେବି ଲାଗି ରହିଛି। କିନ୍ତୁ ଆଗ ଅପେକ୍ଷା ସ୍ଥିତିରେ ସୁଧାର ଆସିଛି। ଆଗକୁ ସମସ୍ୟା ପୂରା ସମାଧାନ ହୋଇଯିବ ବୋଲି ଆଶା ରହିଛି। ତେଣୁ ଦେଖିବାର କଥା, ସରକାରଙ୍କ ଶୁଭଦୃଷ୍ଟି କେବେ ଏହି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ଉପରେ ପଡିବ ଓ ଏଠାର ଗରିବ ଲୋକଙ୍କୁ ଭଲ ଚ଼ିକିତ୍ସା ସୁବିଧା ମିଳିବ।

## ନବୀନ ପଟ୍ଟନାୟକ ନିର୍ବାଚନକୁ ବ୍ୟୟବହୁଳ କରିଦେଲେଣି : ଜୟ ନାରାୟଣ ମିଶ୍ର

ଭୁବନେଶ୍ୱର, ୯।୧୨(ପି.ଏନ): ପଦ୍ମପୁରରେ କଂଗ୍ରେସ ଭୋଟ୍ ସମ୍ପୂର୍ଣ୍ଣ ଭାବେ ବିଜେଡି ନେଇଗଲା, ଯାହା ଆମ ପାଇଁ ବିପଦ ହେଲା। ବିଜେଡି ଜିତିବାର କାରଣ ଅର୍ଥବଳ, ବାହୁବଳ ଓ ସରକାରୀ କଳ। ନବୀନ ପଟ୍ଟନାୟକ ନିର୍ବାଚନକୁ ବ୍ୟୟବହୁଳ କରିଦେଲେଣି ବୋଲି ପଦ୍ମପୁରରେ ପରାଜୟକୁ ନେଇ ପ୍ରତିକ୍ରିୟା ଦେଇଛନ୍ତି ବିରୋଧୀ ଦଳ ନେତା ଜୟ ନାରାୟଣ ମିଶ୍ର।ସେ କହିଛନ୍ତି ପଦ୍ମପୁରରେ ଜିତୁବୁ ବୋଲି ଆଶା ରଖିଥିଲୁ। ଗତଥର ଠାରୁ ବିଜେପିକୁ ଅଧିକ ଭୋଟ୍ ମିଳିଛି, କିନ୍ତୁ ଭୋଟ୍ ବ୍ୟବଧାନ ଅଧିକ ଥିଲା। ପଦ୍ମପୁର ପରାଜୟର ସମୀକ୍ଷା କରାଯିବ। ୨୦୨୪ରେ ବ୍ୟାପକ ଲଢ଼େଇ ହେବ। ଓଡ଼ିଶା ରାଜନୀତିରୁ କଂଗ୍ରେସ ବାହାରି ଗଲାଣି। ତେଣୁ ବିଜେଡି ଓ ବିଜେପି ମଧ୍ୟରେ ଲଢ଼େଇ ହେବ ବୋଲି ସେ କହିଛନ୍ତି। ଅପରପକ୍ଷରେ ବର୍ଷାଙ୍କୁ ବ୍ୟକ୍ତିଗତ ଆକ୍ଷେପ ହୋଇନାହିଁ। ସେ ପଦ୍ମପୁରର ଝିଅ, କଣାସର ବୋହୂ; ଏଥିରେ ଅସତ୍ୟ କଣ ବୋଲି ସେ କହିଛନ୍ତି।

## ୨୦୨୪ ନିର୍ବାଚନ ଉପରେ ପ୍ରଭାବ ପକାଇବ ପଦ୍ମପୁର ବିଜୟ : ଦେବୀ ମିଶ୍ର

ଭୁବନେଶ୍ୱର, ୯।୧୨(ପି.ଏନ): ପଦ୍ମପୁର ବିଜୟ ୨୦୨୪ ନିର୍ବାଚନ ଉପରେ ପ୍ରଭାବ ପକାଇବ। ଏବେ ବି ନବୀନଙ୍କ ଭାବମୂର୍ତ୍ତି ବଳବତର ରହିଛି। ନବୀନଙ୍କ ଯୋଗୁଁ ଭୋଟ ପ୍ରତିଶତ ବଢୁଛି। ଲୋକଙ୍କ ଉପରେ ନବୀନଙ୍କ ପ୍ରଭାବ ରହିଛି। ସବୁ ନିର୍ବାଚନ ସମୟରେ ସ୍ଥାନୀୟ ନେତାଙ୍କୁ ଦଳ ଗୁରୁତ୍ୱ ଦେଉଛି ବୋଲି କହିଛନ୍ତି ବିଜେଡି ଉପସଭାପତି ଦେବୀ ପ୍ରସାଦ ମିଶ୍ର।ସେହିପରି ବର୍ଷା ସିଂ ବରିହାଙ୍କ ପ୍ରତି ବିଜେପି ନେତାଙ୍କ ଆକ୍ଷେପ ଗ୍ରହଣୀୟ ନୁହେଁ। ମୁଖ୍ୟମନ୍ତ୍ରୀ ଏଭଳି ଆକ୍ଷେପକୁ ନିନ୍ଦା କରିଥିବା ବେଳେ ଏହା ଏହା ସାମାଜିକ ଚଳନି ଓ ସଂସ୍କୃତିର ପରିପନ୍ଥୀ। ବିଜେଡି ଲୋକଙ୍କ ବିଶ୍ୱାସ ଭାଜନ ଥିବା ଦଳ। ପ୍ରଥମ ପସନ୍ଦ ଦଳ। ବିଜେଡି ଅର୍ଥବଳରେ ନିର୍ବାଚନ ଲଢୁଛି ଅଭିଯୋଗ ଉପରେ ଦେବୀ ମିଶ୍ର କହିଛନ୍ତି ଗୁଜୁରାଟ କିପରି ଲଢୁଥିଲା ବିଜେପି। କେତେ ଟଙ୍କା ଖର୍ଚ୍ଚ କରିଛି ବୋଲି ପ୍ରଶ୍ନ କରିଛନ୍ତି ଦେବୀ ମିଶ୍ର । କଂଗ୍ରେସ ଭୋଟ ବିଜେଡି ଆଡ଼କୁ ଗଲା ବୋଲି ପ୍ରଶ୍ନରେ କହିଛନ୍ତି, ଏହା ବିରୋଧୀଙ୍କର ଅବାନ୍ତର ଯୁକ୍ତି।








# ଟି ଟାଇମ୍

## ଶହେ ବର୍ଷ ପରେ କନ୍ୟା ସନ୍ତାନ



ଇଂଲଣ୍ଡର ସିଲଭରଟନ ପରିବାରରେ ଦୀର୍ଘ ଶହେ ବର୍ଷ ପରେ ଏକ କନ୍ୟା ସନ୍ତାନ ଜନ୍ମ ହୋଇଛି । ଗତ ଚାରି ପିଢ଼ି ଧରି ଏହି ପରିବାରରେ କେବଳ ପୂତ୍ର ସନ୍ତାନ ଜନ୍ମ ହେଉଥିଲେ । ଉକ୍ତ ପରିବାରରେ ୧୯୧୩ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ୧୬ଟି ପୁଅ ଜନ୍ମ ହୋଇଛନ୍ତି । ଦୀର୍ଘ ଦିନ ଧରି ଏହି ପରିବାର କନ୍ୟା ସନ୍ତାନକୁ ଅପେକ୍ଷା କରି ରହିଥିଲେ । ଏହା ପୂର୍ବରୁ ଉକ୍ତ ପରିବାରରେ ୧୦୧ ବର୍ଷ ତଳେ ଝିଅ ଜନ୍ମ ହୋଇଥିଲା ।

## ଟର୍ମିନେଟର୍ ବ୍ୟକ୍ତି



ନିଜେଲ ଆର୍କଲ୍ୟାଣ୍ଡ । ତାଙ୍କ ବୟସ ୫୩ ବର୍ଷ । ସେ ନିଜକୁ ପ୍ରସିଦ୍ଧ ହଲିଉଡ୍ ଫିଲ୍ମ ଟର୍ମିନେଟର୍ ଆର୍ନଲ୍ଡ ଶ୍ୱାଜର୍ଣ୍ଣେଗର ଭାବୁଛନ୍ତି । ଏହାର କାରଣ ସେ ନିଜ ହାତରେ ଏକ ବାୟୋଇଲେକ୍‌ଟ୍ରିକ୍ ପ୍ରୋସ୍ଥେଟିକ୍ ଆର୍ମ ଲଗାଇଛନ୍ତି । ହାର୍ଟ ଫୋର୍ଡଶାୟର୍‌ରେ ବାସ କରୁଥିବା ନିଜେଲ୍ କାରଖାନାରେ ହୋଇଥିବା ଏକ ଦୁର୍ଘଟଣାରେ ନିଜ ହାତ ହରାଇ ବସିଥିଲେ । ତେଣୁ ସେ ଏବେ ଗୋଟିଏ ପ୍ରୋସ୍ଥେଟିକ୍ ହାତ ଲଗାଇଥିବା ଜଣାପଡିଛି । 'ବେବୋନିକ୍ ୩' ବର୍ତ୍ତମାନର ସବୁଠାରୁ ଭଲ ବାୟୋଇଲେକ୍‌ଟ୍ରିକ୍ ହାତ । ଏହି ପ୍ରୋସ୍ଥେଟିକ୍ ଆର୍ମ ବ୍ୟକ୍ତିଙ୍କ ମାଂସପେଶୀରୁ ମିଳୁଥିବା ସଂକେତକୁ ଗ୍ରହଣ କରିଥାଏ । ଏହାର ଆଧାରରେ ଏହି ହାତ ତୁରନ୍ତ କାମ କରିବା ଆରମ୍ଭ କରିଥାଏ ଏବଂ ଯେକୌଣସି କାମକୁ ସଠିକ୍ ପରିଣାମ ଦେଇଥାଏ । ଏହି କୃତ୍ରିମ ହାତ ଏତେ ପ୍ରଭାବିତ ଯେ, ଏହା ସାହାଯ୍ୟରେ ଭଲ ହ୍ୟାଣ୍ଡ ରାଇଟିଂରେ ମଧ୍ୟ ଆପଣ ଲେଖିପାରିବେ । 'ବେବୋନିକ୍-୩'ରେ ୧୪ ପ୍ରକାରର ହ୍ୟାଣ୍ଡ ପୋଜିସନ୍ ଏବଂ ଗ୍ରିପ୍ ରହିଛି । ଏହି ହାତକୁ ପିନ୍ଧିଥିବା ବ୍ୟକ୍ତି ସେହି ସବୁ କାମ କରିପାରିବେ, ଯାହା ଜଣେ ସାଧାରଣ ବ୍ୟକ୍ତି କରିପାରେ । ଏହି କୃତ୍ରିମ ହାତଟିକୁ କାର୍ବନ୍ ଫାଇବର୍‌ରେ ତିଆରି କରାଯାଇଛି । ଏହି କୃତ୍ରିମ ହାତ ସହିତ ଗୋଟିଏ ତ୍ୱଚା ରଙ୍ଗର ଗ୍ଲୋବ୍‌ସ ମଧ୍ୟ ଦିଆଯାଇଥାଏ, ଯାହାକୁ ପିନ୍ଧିବା ଦ୍ୱାରା ଏହା ପୁରାପୁରି ଅସଲି ହାତ ଭଳି ଲାଗିବ । ହଲିଉଡ୍ ଫିଲ୍ମ ଟର୍ମିନେଟ୍‌ରେ ଆର୍ଣ୍ଣଲ୍ଡ ମଧ୍ୟ କୃତ୍ରିମ ହାତର ପ୍ରୟୋଗ କରିଥିଲେ, ତେଣୁ ନିଜେଲ୍ ମଧ୍ୟ ଏବେ ସେହି ଫିଲ୍ମରୁ ପ୍ରଭାବିତ ହୋଇ ନିଜକୁ ଟର୍ମିନେଟ୍‌ର ବ୍ୟକ୍ତି ବୋଲି କହୁଥିବା ଜଣାପଡିଛି ।

## ଚର୍ଚ୍ଚାରେ 'ହରାମ୍‌ଖୋର'



ନୱାଜଉଦ୍ଦିନ ସିଦ୍ଦିକି ଓ ଶ୍ୱେତା ତ୍ରିପାଠୀଙ୍କ ଅଭିନୀତ ଫିଲ୍ମ 'ହରାମ୍‌ଖୋର'ର ଟ୍ରେଲର ରିଲିଜ କରାଯାଇଛି । ପୂର୍ବରୁ ଫିଲ୍ମକୁ ନେଇ କିଛି ସମସ୍ୟା ଦେଖାଦେଇଥିଲା । ମାତ୍ର ଫିଲ୍ମଟି ସମାଜକୁ ଏକ ସୁନ୍ଦର ବାର୍ତ୍ତା ପ୍ରଦାନ କରୁଥିବାରୁ ଏହାର ବ୍ୟାନକୁ ହଟାଇଦିଆଯାଇଛି । ଗୁଜୁରାଟର ଏକ ଛୋଟ ଗାଁରେ ସୁଟିଂ କରାଯାଇଛି ସମ୍ପୂର୍ଣ୍ଣ ଫିଲ୍ମ । ଶ୍ଲୋକ ଶର୍ମାଙ୍କ ନିର୍ଦ୍ଦେଶନାରେ ମାତ୍ର ୧୬ଦିନରେ ଶେଷ ହୋଇଛି ପୂରା ଫିଲ୍ମର ସୁଟିଂ । ଫିଲ୍ମର କାହାଣୀରେ ଜଣେ ୧୪ବର୍ଷର ଝିଅର ନିଜ ଫ୍ରଫେସରଙ୍କ ସହ ପ୍ରେମକାହାଣୀକୁ ଦର୍ଶାଯାଇଛି । ନିଛକ ଗାଁର ଛବି ଓ ଏହାର ସଙ୍ଗୀତ ଟ୍ରେଲରଟିକୁ ଅଧିକ ଆକର୍ଷଣୀୟ କରିଛି ।

# ପୁରାଣ କାହାଣୀ

## ମୂଷାଙ୍କ ମନ୍ଦିର



ଭାରତର ରାଜସ୍ଥାନରେ ବିଭିନ୍ନ ପ୍ରକାର ଲୋକ ଦେଖିବାକୁ ମିଳୁଥିବା ବେଳେ ସେମାନଙ୍କର ପରମ୍ପରା ମଧ୍ୟ ଅଲଗା ପ୍ରକାରର ହୋଇଥାଏ । ଥାର ମରୁଭୂମି ନିକଟରେ ଦେଶନୋକେ ନାମକ ଏକ ଛୋଟ ସହର ରହିଛି । ଯେଉଁଠାରେ କରଣୀ ମାତା ମନ୍ଦିର ରହିଛି । ଏହି ମନ୍ଦିର ସେଠାରେ ଥିବା ଅନ୍ୟ ହିନ୍ଦୁ ମନ୍ଦିର ମଧ୍ୟରୁ ଗୋଟିଏ । କରଣୀ ମନ୍ଦିରକୁ ନେଇ ଲୋକମାନଙ୍କ ମନରେ ଅନେକ ଆଧ୍ୟାତ୍ମିକ ଭାବନା ରହିଛି । ମନ୍ଦିରରେ କରଣୀ ମାତାଙ୍କୁ ପୂଜା କରିବା ସହିତ ସେଠାରେ ମୂଷାମାନଙ୍କୁ ମଧ୍ୟ ପୂଜା କରାଯାଏ । ଆଶ୍ଚର୍ଯ୍ୟର କଥା ସେଠାରେ ଗୋଟିଏ ଦୁଇଟି ମୂଷା ନୁହେଁ ବରଂ ପାଖାପାଖି ୨୦ହଜାର ମୂଷା ରହନ୍ତି ସେହି ମନ୍ଦିରରେ । ସେଠାକାର ମୂଷାମାନେ କବାସ୍ ନାମରେ ପରିଚିତ । ଲୋକକଥା ଓ ପରମ୍ପରା ଅନୁସାରେ, ମୂଷାମାନଙ୍କୁ ନେଇ ଦୁଇଟି କାହାଣୀ ରହିଛି । କୁହାଯାଏ ସେଠାରେ ଜନ୍ମ ହୋଇଥିବା ସବୁ ଶିଶୁ ମୂଷା ହୋଇ ଜନ୍ମ ନେଲେ । ଦ୍ୱିତୀୟତଃ ୨୦ହଜାର ମୂଷାଙ୍କୁ ସୈନିକ ସଦୃଶ ନିୟୋଜିତ କରାଯାଇଥିଲା ।

## ମା' କ୍ଷୀର ପରି ଉପକାରୀ ନଡ଼ିଆ ରସ



ଶିଶୁଟି ପାଇଁ ମା'ର କ୍ଷୀର ସ୍ୱାସ୍ଥ୍ୟକର ଏବଂ ଲାଭଦାୟକ ମଧ୍ୟ । କିନ୍ତୁ ନିକଟରେ କରାଯାଇଥିବା ଏକ ରିସର୍ଚ୍ଚରୁ ଜଣାଯାଇଛି ଯେ, ମା'ର କ୍ଷୀର ଭଳି ନଡ଼ିଆ କ୍ଷୀରରେ ମଧ୍ୟ ଅନୁରୂପ ତତ୍ତ୍ୱ ରହିଛି ଯାହା ଛୋଟ ଶିଶୁମାନଙ୍କ ପାଇଁ ଉପାଦେୟ । ଏପରି ମତ ପ୍ରକାଶ କରିଛି ନଡ଼ିଆ ବିକାଶ ବୋର୍ଡ । ନଡ଼ିଆ ରସକୁ ବ୍ୟବହାର କରି ଖାଦ୍ୟ ପ୍ରସ୍ତୁତ କରାଯାଇପାରିବ । ନଡ଼ିଆ ବିକାଶ ବୋର୍ଡର ଅଧ୍ୟକ୍ଷ ଟି.କେ. ଯୋଶ କହିଛନ୍ତି ପଶୁମାନଙ୍କର ଦୁଧ୍ୱରେ ଲାକ୍ଟୋଜ(ଏକ ପ୍ରକାରର ଶର୍କରା) ରହିଛି । କିନ୍ତୁ ନଡ଼ିଆ କ୍ଷୀରରେ ଲାକ୍ଟୋଜ ନଥାଏ । ମାଲେସିୟା, ଥାଇଲ୍ୟାଣ୍ଡ, ଶ୍ରୀଲଙ୍କା ଏବଂ ଭିଏତ୍‌ନାମ ଭଳି ଦେଶରେ ଶିଶୁମାନଙ୍କୁ ମା'ର ଦୁଧ୍ୱ ନ ମିଳିପାରିବା ସ୍ଥିତିରେ ଗାଈ ଦୁଧ୍ୱର ବ୍ୟବହାର ଅଧିକ ହୋଇଥାଏ । ନଡ଼ିଆ କ୍ଷୀରକୁ ପ୍ରାକୃତିକ ସ୍ୱାସ୍ଥ୍ୟ ରୂପରେ ମାନ୍ୟତା ମିଳିଛି । ରନ୍ଧା ହୋଇଥିବା ନଡ଼ିଆ କୋରାରୁ ନଡ଼ିଆ କ୍ଷୀର ବାହାର କରାଯାଇଥାଏ । କେତେକ ଦେଶରେ ନଡ଼ିଆ କ୍ଷୀରକୁ ନଡ଼ିଆ ରସ ବୋଲି ମଧ୍ୟ କୁହାଯାଇଥାଏ । ନଡ଼ିଆ ବିକାଶ ବୋର୍ଡର ଅଧିକାରୀ ଏନି ଇୟାପେନ ଏବଂ ଅନିତା ଜାୟ କହିଛନ୍ତି ନଡ଼ିଆ ରସରେ କୋଲେଷ୍ଟ୍ରଲ ନାହିଁ । କିନ୍ତୁ କାର୍ବୋହାଇଡ୍ରେଷ୍ଟ ୧୫ରୁ ୧୬ପ୍ରତିଶତଃ ପର୍ଯ୍ୟନ୍ତ ରହିଛି ।

## କୁକୁରଙ୍କୁ ଅପମାନିତ କଲେ ଜେଲ



ଥାଇଲ୍ୟାଣ୍ଡରେ ରାଜକୀୟା ନିନ୍ଦାକୁ ନେଇଁ ସେଠାରେ ଭିନ୍ନ ଭିନ୍ନ କଠୋର ଦଣ୍ଡର ବ୍ୟବସ୍ଥା ରହିଥିବାର ଦେଖିବାକୁ ମିଳିଥାଏ । ବର୍ତ୍ତମାନ ଏକ ରାଜବଂଶର ଅପମାନକୁ ନେଇଁ ଜଣେ ବ୍ୟକ୍ତିଙ୍କୁ ଜେଲ୍ ହୋଇଗଲା କାରଣ ସେ ରାଜାଙ୍କ କୁକୁରକୁ ଅପମାନି ତ କରିଥିଲେ । ଓକିଲ ପାବିନି ଚମଶ୍ରୀଙ୍କ ମତରେ ୨୭ବର୍ଷୀୟ ଥନାକୋର୍ଣ୍ଣ ସିରିପାଇବୁନ୍ ନାମକ ଜଣେ ବ୍ୟକ୍ତି ସୋସିଆଲ୍ ସାଇଟ୍ ଫେସ୍‌ବୁକ୍‌ରେ ରାଜା ଏବଂ ତାଙ୍କର କୁକୁରକୁ ନେଇଁ ଏକ ବ୍ୟଙ୍ଗାତ୍ମକ ଟିପ୍ପଣୀ ଦେଇଥିଲେ । ଫେସ୍‌ବୁକ୍‌ରେ ଛଅ ଡିସେମ୍ବରକୁ ପୋଷ୍ଟ କରାଯାଇଥିଲା ସର୍ବମୋଟ ତିନୋଟି ଫଟୋ । ଏହି ଅପଲୋଡ୍ କରାଯାଇଥିବା ଫଟୋ ମଧ୍ୟରେ ରାଜାଙ୍କର କୁକୁର ଉପରେ ବ୍ୟଙ୍ଗ କରାଯାଇଥିଲା । ଏହାପରେ ପୋଲିସ ବ୍ୟଙ୍ଗ ଟିପ୍ପଣି ଦେଇଥିବା ଉକ୍ତ ବ୍ୟକ୍ତି ଜଣଙ୍କୁ ଗିରଫ କରେଇନେଇଥିଲା । ଫେସ୍‌ବୁକ୍‌ରେ ରାଜାଙ୍କର ପରିହାସ କରିଥିବା ଫଟୋକୁ ଲାଇକ୍ କରିବା ଏବଂ ତାକୁ ସେୟାର କରିବା ଓ ଭ୍ରଷ୍ଟାଚର ବଢେଇବା ମାମଲାରେ ଏକ ଇନ୍‌ଫୋଗ୍ରାଫ ସେୟାର କରିବା ମାମଲାରେ ରାଜଦ୍ରୋହି, ରାଜ ନିନ୍ଦା ଏବଂ କମ୍ପୁଟର ଅପରାଧର ମାମଲା ବି ଦାଖଲ କରାଯାଇଛି । ଏହି ମାମଲାରେ ୩୭ବର୍ଷ ପର୍ଯ୍ୟନ୍ତ ଜେଲ ହୋଇପାରେ । ଥାଇଲ୍ୟାଣ୍ଡ ସେହି ଦେଶମାନଙ୍କ ମଧ୍ୟରେ ଗଣାଯାଏ ଯେଉଁଠାରେ ରାଜ ନିନ୍ଦାକୁ ନେଇ ଆଇନ ଲାଗୁ ହୋଇଥାଏ । ରାଜା, ରାଣୀ କିମ୍ବା ତାଙ୍କର କୌଣସି ରାଜକୀୟ ମାମଲାକୁ ନେଇଁ ପ୍ରତ୍ୟେକ ମମଲାର ଦୋଷୀମାନଙ୍କୁ ୧୫ବର୍ଷର ଜେଲ୍ ଦଣ୍ଡ ଦେଶ ହେବାର ନିୟମ ରହିଥାଏ ।

## ଦୃଷ୍ଟିହୀନଙ୍କର ଆଶା ବାଡ଼ି




ଦେଖିବାରେ ଅସମର୍ଥ ଲୋକମାନଙ୍କ ପାଇଁ ଏକ ଭଲ ଖବର । ଏବେ ତୁରନ୍ତ ତାଙ୍କ ସମସ୍ୟାର ସମାଧାନ ହୋଇଯିବ । ବ୍ରିଟିଶ ବୈଜ୍ଞାନିକମାନେ ଏପରି ଏକ ଚଷମା ପ୍ରସ୍ତୁତ କରିଛନ୍ତି, ଯାହାକୁ ପରିଧାନ କରିବା ପରେ ଠିକ୍ ଭାବରେ ଦେଖାଯାଉନଥିବା ଜିନିଷ ଦେଖାଯାଇଥାଏ । ଏହି ଖାସ ଚଷମାଜକୁ ବିକସିତ କରୁଥିବା ବୈଜ୍ଞାନିକମାନେ କୁହନ୍ତି, ଏଥିରେ ଏକ ସୁକ୍ଷ୍ମ କ୍ୟାମେରା ଲାଗାଯାଇଛି, ଯାହା ସମସ୍ତ ଜିନିଷକୁ ଚିହ୍ନିପାରେ । ଯେପରି ଫ୍ରିଜ ଭିତରେ ରହିଥିବା ଜିନିଷ, ଦୋକାନରେ ରହିଥିବା ଦ୍ରବ୍ୟ ଇତ୍ୟାଦି । ଏହି କ୍ୟାମେରା ଥରେ ଗୋଟିଏ ଜିନିଷକୁ ଦେଖିବା ପରେ ତାକୁ ସେ ଧ୍ୱନୀ ସଂକେତରେ ବଦଳି ଦେଇଥାଏ । ଯାହାଦ୍ୱାରା ଚଷମା ପିନ୍ଧୁଥିବା ବ୍ୟକ୍ତି ମୋବାଇଲ୍ ଆପ୍ଲିକେଶନ ଏବଂ ଇୟରପିସ୍‌ର ସାହାଯ୍ୟରେ ଶୁଣିପାରେ । ଏହି ଚଷମା ଏତେ କାର୍ଯ୍ୟକାରୀ ଯେ, ଏହାକୁ ବ୍ୟବହାର କରୁଥିବା ବ୍ୟକ୍ତିମାନେ ସାମାନ୍ୟ ବହି ପଢିପାରିବେ । ଯଦି ଅକ୍ଷରଗୁଡ଼ିକ ଅତି ଛୋଟ ରହିଥାଏ ତେବେ ଏହି କ୍ୟାମେରାକୁ ଜୁମ୍ ଇନ୍ ବି କରାଯାଇପାରିବ । ବୈଜ୍ଞାନିକଙ୍କ କହିବାନୁସାରେ ଚଷମାରେ ଚେହେରାକୁ ଚିହ୍ନିବା ପାଇଁ ସଫ୍ଟଓ୍ୱେର ଲଗାଯାଇଛି । ଚଷମା ସମ୍ମୁଖକୁ ଆସୁଥିବା ସବୁ ଜିନିଷ କିମ୍ବା ବ୍ୟକ୍ତି ବିଶେଷ କିଏ ଓ ପୂର୍ବରୁ ତାଙ୍କ ସହିତ କେବେ ଦେଖା ହୋଇଥିଲା ଆଦି ସୂଚନା ଦେଇଥାଏ ଏହି ଚଷମା । ଦୃଷ୍ଟିଶକ୍ତି ଦୁର୍ବଳ ଥିବା ଲୋକମାନଙ୍କ ପାଇଁ ଏହା ବରଦାନ ସଦୃଶ । ବୈଜ୍ଞାନିକମାନଙ୍କର ଅନୁମାନ ରହିଛି କି ପାଖାପାଖି ଏକ ବର୍ଷ ପରେ ଏହି ଚଷମା ବଜାରରେ ଉପଲବ୍ଧ ହେବ ।

# ଥରକେ ୧୦୦



ଚୀନ ଏବଂ ଜାପାନରେ ନିୟମିତ ରୂପେ କିଛି ନା କିଛି ଭିନ୍ନ କାରନାମା ଦେଖିବାକୁ ମିଳିଥାଏ । କିଛି ଦିନ ପୂର୍ବରୁ ଜାପାନର ଜଣେ ଯୁବତୀ ଏକ ନୂତନ କାରନାମା କରି ଚର୍ଚ୍ଚାର ପରିସରକୁ ଆସିଥିଲେ । ତାଙ୍କର ନାମ ଦିଆଯାଇଥିଲା 'ଚିଲି କିଙ୍ଗ' । କାହିଁକି ନା ଚିଲି କିଙ୍ଗ ଜଳଖିଆରେ ଖାଇଥାନ୍ତି ଅଢ଼େଇ କିଲୋ ଲଙ୍କା । ଏବେ ଆଉ ଜଣେ ଜାପାନୀ ଝିଅ ୟୁକୋ କିନୋସିତା ଥରକେ ୧୦୦ଟି ବ୍ରେଡ୍ ଖାଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ନିଜର ଏପରି ଖାଦ୍ୟକୁ ନେଇ ସେ ଏକ ଭିଡ଼ିଓ ପ୍ରସ୍ତୁତ କରିଥିଲେ ଯାହାକୁ ସେ ୟୁ ଟ୍ୟୁବ୍‌ରେ ଅପଲୋଡ୍ କରିଥିଲେ । ବ୍ରେଡ୍ ଚ୍ୟାଲେଞ୍ଜର ନାମକ ଏହି ଭିଡିଓଟି ହେଉଛି ୬ମିନିଟ୍‌ର ଯାହା ଆଜି ପର୍ଯ୍ୟନ୍ତ ୨୦୦,୦୦୦ଥର ଦେଖାସରିଲାଣି । ଏହି ଭିଡିଓରେ ବ୍ରେଡର ୧୦ପ୍ୟାକେଟ୍ ରଖାଯାଇଥିଲା । ପ୍ରତି ପ୍ୟାକେଟ୍‌ରେ ୧୦ଟି ଲେଖାଏ ସ୍ଲାଇସ୍ ରହିଥାଏ । ଯାହାକୁ ୟୁକା ଥରକେ ଖାଇଦେଇଥାନ୍ତି । ଏହା ପୂର୍ବରୁ ୟୁକା ମେକୋନଲ୍ଡ ନାମକ ଜଣେ ଚ୍ୟାଲେଞ୍ଜର ୧୦୦ଚିକେନ୍‌କୁ ସେ ଏକାସାଥିରେ ଖାଇଯାଇଥାନ୍ତି ।

## ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ । ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ । ଶତ୍ରୁ ବୃଦ୍ଧି ହୋଇପରେ । ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ । ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ । ମହିଳାମାନେ ଅପମାନିତ ହୋଇପରନ୍ତି ।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ । ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ । ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି । ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ । ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ । ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ । ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ । ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ । କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ । ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ । କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ । ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ । ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ ।

**ବିଛା** — ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ । ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ । ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ । ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ । ରାଜନୀତିକ ସ୍ତରରେ ଉନ୍ନତି କରିବେ । ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ । ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ । ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ । ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ । ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ । ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ । ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ । ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ । କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି । ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ ।




# ଭାରତୀୟ ଅର୍ଥନୀତି, ଷ୍ଟେଟ ବ୍ୟାଙ୍କ ଓ ଡିଜିଟାଲ ବ୍ୟାଙ୍କିଙ୍ଗ ସୁବିଧା



ବର୍ତ୍ତମାନର ସମୟ ଦେଖନ୍ତୁ ସମସ୍ତେ ଚାହୁଁଛନ୍ତି ଘରେ ବସି ହାତପାଆନ୍ତାରେ ଡିଜିଟାଲ ବ୍ୟାଙ୍କିଙ୍ଗ ସୁବିଧା ଯାହାକି ସେମାନଙ୍କୁ ବ୍ୟାଙ୍କ ଯିବା ଧାଁ ଧଉଡ ସମୟର ଅପଚୟରୁ ବଞ୍ଚାଇବ। ଭାରତୀୟ ଅର୍ଥନୀତିରେ ବ୍ୟାଙ୍କମାନଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି। ପ୍ରତିଟି ବ୍ୟକ୍ତି ସମାଜ, ଗୃହ, ସର୍ବୋପରି ରାଷ୍ଟ୍ରର ଆର୍ଥିକ ଅଭିବୃଦ୍ଧିର ଶ୍ରେଷ୍ଠ ମାଧ୍ୟମ ହେଉଛି ବ୍ୟାଙ୍କ। ଆଜି ସମଗ୍ର ବିଶ୍ୱରେ ଭାରତର ବ୍ୟାଙ୍କ ଗୁଡ଼ିକ ନିଜ ଶ୍ରେଷ୍ଠତା ଅର୍ଜନ କରିଛନ୍ତି। ଆଜି ସୂଚନା ପ୍ରଯୁକ୍ତିର ଅତ୍ୟାଧୁନିକ ଯୁଗରେ ସମସ୍ତଙ୍କ ପାଖରେ ହାତ ପାହାନ୍ତରେ ରହୁଛି ସୂଚନା ପ୍ରଯୁକ୍ତିର ସର୍ବଶେଷ ସମସ୍ତ ଉପାଦେୟ ତଥ୍ୟ ଓ କୌଶଳ। ଡିଜିଟାଲ ବ୍ୟାଙ୍କିଙ୍ଗ ତ୍ୱରାନ୍ୱିତ ହେବାପରେ ଏହି ସୁବିଧା ଲୋକେ ଘରେ ବସି ପାଇପାରୁଛନ୍ତି। ଭାରତର ଅନ୍ୟତମ ସର୍ବବୃହତ୍ତ ନିର୍ଭରଯୋଗ୍ୟ ଓ ବିଶ୍ୱସ୍ତ ବ୍ୟାଙ୍କ ହେଉଛି ଭାରତୀୟ ଷ୍ଟେଟବ୍ୟାଙ୍କ। ସାଧାରଣରେ ବ୍ୟାଙ୍କରେ ବୋଇଲେ ଲୋକମାନେ ଷ୍ଟେଟ ବ୍ୟାଙ୍କକୁ ବୁଝନ୍ତି। ଭାରତୀୟ ଷ୍ଟେଟ ବ୍ୟାଙ୍କର କଟକ ମୁଖ୍ୟ ଶାଖା ଠାରେ ଏକ ଡିଜିଟାଲ ଜୀବନ ପ୍ରମାଣ ପତ୍ର ପଞ୍ଜିକରଣ ଶିବିର ଆୟୋଜିତ ହୋଇଯାଇଛି। ପେନସନଭୋଗୀଙ୍କ ଦ୍ୱାରା ଜୀବନ ପ୍ରମାଣ ଆପ ଦ୍ୱାରା ଫେସ ଅଥେଂଟିକେସନ ଟେକ୍ନୋଲୋଜି ବ୍ୟବହାର କରାଯାଇ ଜୀବନ ପ୍ରମାଣ ପତ୍ର ବା ଲାଇଫ ସାର୍ଟିଫିକେଟ ଦାଖଲ କରାଯାଇଥିଲା। ପେନସନ ଏବଂ ପେନସନଭୋଗୀ କଲ୍ୟାଣ ବିଭାଗ ଏବଂ ଏସବିଆଇ କଟକ ମୁଖ୍ୟଶାଖା ସହଭାଗିତାରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ପେନସନଭୋଗୀଙ୍କୁ ଜୀବନ ପ୍ରମାଣ ପତ୍ର ଦାଖଲ ସୁବିଧା ପ୍ରଦାନ କରିବା ଲାଗି ଏହି ନୂଆ ପ୍ରୟାସ ଆରମ୍ଭ କରାଯାଇଛି। ପେନସନଭୋଗୀମାନେ ଜୀବନ ପ୍ରମାଣ ପତ୍ର ପୋର୍ଟାଲ ଜରିଆରେ ଡିଜିଟାଲ ମାଧ୍ୟମରେ ଜୀବନ ପ୍ରମାଣ ପତ୍ର ଦାଖଲ କରିପାରିବେ। ଫେସ ଅଥେଂଟିକେସନ ପ୍ରଯୁକ୍ତି ବ୍ୟବହାର କରି ମଧ ପେନସନଭୋଗୀମାନେ ଜୀବନ ପ୍ରମାଣପତ୍ର ଦାଖଲ କରିପାରିବେ। ଏହାଛଡ଼ା ଆଣ୍ଡ୍ରଏଡ ଅପରେଟିଂ ସିଷ୍ଟମ ଥିବା ସ୍ମାର୍ଟ ଫୋନରେ ଜୀବନ ପ୍ରମାଣ ମୋବାଇଲ ଏପ୍ଲିକେସନ ମାଧ୍ୟମରେ ଡିଜିଟାଲ ଲାଇଫ ସାର୍ଟିଫିକେଟ ଦାଖଲ କରାଯାଇପାରିବ।

ଭାରତର ସମସ୍ତ ବ୍ୟାଙ୍କ ଭିତରେ ପ୍ରଥମ ସ୍ଥାନରେ ଥିବା ଭାରତୀୟ ଷ୍ଟେଟ ବ୍ୟାଙ୍କ ଲୋକମାନଙ୍କୁ ସାମଗ୍ରୀକ ସୁବିଧା ସୁଯୋଗ ଓ ଅର୍ଥନୈତିକ ଅଭିବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ସହଯୋଗ ରଖିଛି। ଭାରତୀୟ ମାନଙ୍କର ଏକ ନିର୍ଭରଯୋଗ୍ୟ ବ୍ୟାଙ୍କ ଭାବେ ଷ୍ଟେଟ ବ୍ୟାଙ୍କ ବେଶ ପରିଚିତ। ଓଡ଼ିଶାରେ କଟକ ଷ୍ଟେଟ ବ୍ୟାଙ୍କ ମୁଖ୍ୟ ଶାଖା ପ୍ରଗତି ଓ ଜନସାଧାରଣଙ୍କୁ ସାମଗ୍ରିକ ବ୍ୟାଙ୍କ ସ୍ୱାର୍ଥ ସୁବିଧା ଯୋଗାଇବାରେ ବିଶେଷ ଅଗ୍ରଗତି କରି ଗ୍ରାହକଙ୍କ ବିଶ୍ୱାସଭାଜନ ହେବା ସହ ବ୍ୟାପକ ସହଯୋଗର ହାତ ବଢ଼ାଇଛି। କେନ୍ଦ୍ର ସରକାର ପେନସନଭୋଗୀଙ୍କ ପାଇଁ ସ୍ୱତନ୍ତ୍ର ଯୋଜନା ଓ ସେମାନଙ୍କର ହାତପାହାନ୍ତାରେ ବ୍ୟାଙ୍କ ସେବା ସୁବିଧା ବ୍ୟାପକ ଉପଲବ୍ଧ କରୁଛନ୍ତି। ନିକଟରେ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, କଟକ ମୁଖ୍ୟ ଶାଖାରେ ଭାରତ ସରକାରଙ୍କ ଦ୍ୱାରା ପେନସନଭୋଗୀଙ୍କ ପାଇଁ ଡିଜିଟାଲ ଲାଇଫ ସାର୍ଟିଫିକେଟ କ୍ୟାମ୍ପ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କେନ୍ଦ୍ର ସରକାରଙ୍କ ପେନସନ ଓ ପେନସନ ୱେଲଫେୟାର ବିଭାଗର ଅଣ୍ଡର ସେକ୍ରେଟାରୀ ଶ୍ରୀ ବିଶାଲ କୁମାର, ଏଏସ୍‌ଓ ଅଂଶୁଳ ଶର୍ମା, ଇଓ୍ୱାଇଡିଆଇ (ଆଧାର)ର ଡେପୁଟି ଡାଇରେକ୍ଟର ଟି. ଚୈତନ୍ୟ ରେଡ୍ଡୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସରକାରଙ୍କ ଏହି ସର୍ବବୃହତ୍ତ ଯୋଜନା ପେନସନ ଭୋଗୀଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ସେବା ସହଯୋଗ ବୋଲି ମତବ୍ୟକ୍ତ କରିଥିଲେ। ଏହାଦ୍ୱାରା ଜୀବନ ପ୍ରମାଣ ଆପ ଦ୍ୱାରା ପେନସନଭୋଗୀମାନେ ଜୀବନ ପ୍ରମାଣ ପତ୍ର ପୈଠ କରିପାରିବେ ଯାହାଦ୍ୱାରା ସେମାନଙ୍କୁ ବ୍ୟାଙ୍କକୁ ଆସି ସେମାନଙ୍କର ମୂଲ୍ୟବାନ ସମୟର ଅପବ୍ୟୟ କରିବାକୁ ପଡ଼ିବନି। ଏହି ଅବସରରେ ଶତାଧିକ ପେନସନଭୋଗୀ ଡିଜିଟାଲ ମାଧ୍ୟମରେ ଜୀବନ ପ୍ରମାଣ ପତ୍ର ପୈଠ କରିଥିଲେ। କାର୍ଯ୍ୟକ୍ରମକୁ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, କଟକ ମୁଖ୍ୟ ଶାଖାର ଉପମହାପ୍ରବନ୍ଧକ ସନ୍ତୋଷ କୁମାର ବେହେରା, ମୁଖ୍ୟ ପ୍ରବନ୍ଧକ ବିଜୟ କୁମାର ନାୟକ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଶତାଧିକରୁ ଉର୍ଦ୍ଧ୍ୱ ଗ୍ରାହକ, ପେନସନଭୋଗୀ, ଅର୍ଥନୀତି ବିଶାରଦ, ପୂର୍ବତନ ବ୍ୟାଙ୍କ କର୍ମକର୍ତ୍ତା ଓ ଗଣମାଧ୍ୟମ ବ୍ୟକ୍ତିତ୍ୱ ଯୋଗ ଦେଇଥିଲେ। ସୂଚନାଥାଉକି କଟକ ମୁଖ୍ୟ ଶାଖା ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆର ଉପମହାପ୍ରବନ୍ଧକ ସନ୍ତୋଶ କୁମାର ବେହେରାଙ୍କ ତତ୍ତ୍ୱାବଧାନ ଓ ମାର୍ଗଦର୍ଶନରେ ଏହି ଶାଖା ଜନସାଧାରଣଙ୍କ ବିଶ୍ୱାସ ଜିତିବା ସହ କଟକ ସହରର ସମସ୍ତ ବ୍ୟାଙ୍କ ଭିତରେ ଶ୍ରେଷ୍ଠ ଓ ଉଦାହରଣ ସୃଷ୍ଟିକାରୀ ଆଦର୍ଶଣୀୟ ବ୍ୟାଙ୍କ ଶାଖା ପାଲଟିଛି। ଗ୍ରାହକମାନେ ତତ୍କାଳ ଓ ଉନ୍ନତମାନର ସେବା ପାଉଛନ୍ତି।

ଉପରୋକ୍ତ ଯୋଜନା ସମ୍ପର୍କରେ ବ୍ୟାପକ ପ୍ରଚାର ପ୍ରସାର କରିବା ଲାଗି ଭାରତ ସରକାରଙ୍କ ପେନସନ ଏବଂ ପେନସନଭୋଗୀ କଲ୍ୟାଣ ବିଭାଗ ପକ୍ଷରୁ କେନ୍ଦ୍ର ସରକାରୀ ପେନସନଭୋଗୀଙ୍କ ପାଇଁ ରାଷ୍ଟ୍ରବ୍ୟାପୀ ଡିଜିଟାଲ ଜୀବନ ପ୍ରମାଣ ପତ୍ର ପ୍ରୋତ୍ସାହନ ଅଭିଯାନ ଆରମ୍ଭ କରାଯାଇଛି। ପେନସନ ଏବଂ ପେନସନଭୋଗୀ କଲ୍ୟାଣ ବିଭାଗ ପକ୍ଷରୁ ଦେଶର ୩୭ଟି ଏବଂ ଓଡ଼ିଶାର ୩ଟି ସହରରେ ଡିଜିଟାଲ ଲାଇଫ ସାର୍ଟିଫିକେଟ ଦାଖଲ ଶିବିର ଆୟୋଜନ କରାଯାଉଛି। ଭୁବନେଶ୍ୱର, କଟକ ଏବଂ ବାଲେଶ୍ୱର ଠାରେ ଏହି ସଚେତନତା ଶିବିର ଆୟୋଜିତ ହେଉଛି। ଭାରତୀୟ ଷ୍ଟେଟ ବ୍ୟାଙ୍କ ଭାରତୀୟ ଅର୍ଥନୀତିର ପ୍ରଗତି ପାଇଁ ଏକ ସର୍ବଶ୍ରେଷ୍ଠ ବ୍ୟାଙ୍କ ସେବା। କୋଟି କୋଟି ଜନସାଧାରଣଙ୍କ ବିଶ୍ୱ ଭାଜନ ହୋଇଛି ଭାରତୀୟ ଷ୍ଟେଟ ବ୍ୟାଙ୍କ। ସାଧାରଣରେ ଅର୍ଥନୀତିରେ ସଞ୍ଚୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଦେଶର ପ୍ରଗତିରେ ଆମ ସମସ୍ତଙ୍କର ଉତ୍ତରଦାୟୀ ଭୂମିକା ରହିଛି। ଏ କ୍ଷେତ୍ରରେ ଆମ ସମସ୍ତଙ୍କର ସଚେତନଧର୍ମୀ ଓ ଗୁରୁତ୍ୱପୂର୍ଣ୍ଣ ସେବା ସହଯୋଗ ଦ୍ୱାରା ଭାରତୀୟ ଅର୍ଥନୀତି ସୁଦୃଢ଼ ହୋଇପାରିବ।

**—ବିପିନ ଚନ୍ଦ୍ର ଚୌଧୁରୀ, ଅବସରପ୍ରାପ୍ତ ଅର୍ଥପରାମର୍ଶଦାତା, ଆରବିଆଇ (ଏସବି ବ୍ୟୁରୋ) ୧୨୩, ଆଦିତ୍ୟ ବିହାର, ଶହୀଦ ନଗର, ଭୁବନେଶ୍ୱର**

# ପାଇକ ପରମ୍ପରାର ସୁରକ୍ଷା ପାଇଁ ଆହ୍ୱାନ



ଖୋର୍ଦ୍ଧା (ପିଏନ୍): ବରୁଣେଇ ପାଇକ ସ୍ମାରକୀସ୍ଥଳୀ ପାଳିଛି ତୃତୀୟ ବାର୍ଷିକ ଶିଳାନ୍ୟାସ ଉତ୍ସବ। ୨୦୧୯ ଡିସେମ୍ବର ୮ ତାରିଖରେ ତତ୍କାଳୀନ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଏଠାରେ ଶୁଭ ଦେଇଥିଲେ। ଏଯାଏଁ ମାଟି ଗାଣ୍ଡୁଆଟେ ପଡ଼ିଲାନି, ହେଲେ ସେଇ ସ୍ମୃତିକୁ ମନେରଖିବା ପାଇଁ ପ୍ରତିବର୍ଷ କଳିଙ୍ଗ ପାଇକ ସଂଗଠନ ପକ୍ଷରୁ ସେଠାରେ ଆୟୋଜିତ ହେଉଛି ପାଇକ ଆଖଡ଼ା ଓ ଆଲୋଚନଚକ୍ର। ଗୌରବଶାଳୀ ଅତୀତ ଭବିଷ୍ୟତକୁ ପ୍ରେରିତ କରିଥାଏ। ସୁପ୍ତ ସିଂହକୁ ଜାଗ୍ରତ କରିଥାଏ। ସେଇ ଅତୀତ ଇତିହାସର ରୋମନ୍ଥନ ହୋଇଛି ବରୁଣେଇ ପାଦଦେଶରେ। ୨୦୧୯ ମସିହା ଡିସେମ୍ବର ୮ ତାରିଖରେ ତତ୍କାଳୀନ ରାଷ୍ଟ୍ରପତି ରାମନାଥ କୋବିନ୍ଦ ବରୁଣେଇଠାରେ ପାଇକ ସ୍ମାରକୀସ୍ଥଳୀର ଶୁଭ ଦେଇଥିଲେ। ଅଦ୍ୟାବଧି ସେଠାରେ କାମ ଆରଂଭ ହୋଇନି। ତେବେ ସେହି ଦିନଟିକୁ ସ୍ମରଣ କରିବା ପାଇଁ ପାଇକଦାୟାଦ ଓ ବୁଦ୍ଧିଜୀବୀମାନେ ପାଳୁଛନ୍ତି ତୃତୀୟ ବର୍ଷ ପୂର୍ତ୍ତି ପ୍ରତିଷ୍ଠା ଦିବସ। ବରୁଣେଇ ପାଦଦେଶରେ ସ୍ମାରକୀ ପାଇ ଉଦ୍ଦିଷ୍ଟ ସ୍ଥାନରେ କଳିଙ୍ଗ ପାଇକ ସଂଗଠନ ପକ୍ଷରୁ ଆୟୋଜିତ ହୋଇଥିଲା ଏହି କାର୍ଯ୍ୟକ୍ରମ। ମା' ବରୁଣେଇ, କରୁଣେଇଙ୍କ ପାଖରେ ପୂଜାର୍ଚ୍ଚନା ପରେ ପାଇକ ଆଖଡ଼ା ପ୍ରଦର୍ଶନ କରି ଉତ୍ସବସ୍ଥଳୀକୁ ଆସିଥିଲେ। ଛୋଟ ଛୋଟ ପିଲାଙ୍କର ପାଇକ ଆଖଡ଼ା ସମସ୍ତଙ୍କର ମନ ମୋହିଥିଲା। ସଂଗଠନର ସଭାପତି ଭୀମସେନ ପ୍ରଧାନଙ୍କ ପୌରୋହିତ୍ୟରେ ଅଧ୍ୟକ୍ଷତାରେ ଆୟୋଜିତ 'ପାଇକ ଶୌର୍ଯ୍ୟଗାଥାର ରୋମନ୍ଥନ, ଉତ୍କଳୀୟ ବୀରତ୍ୱର ନିଦର୍ଶନ' ଆଲୋଚନାଚକ୍ରରେ ଐତିହାସିକ ସତ୍ୟବାଦୀ ବଳିଆରସିଂହ ଉଦବୋଧନ ଦେଇଥିଲେ। ସେ କହିଥିଲେ ଯେ, ପାଇକ ପରମ୍ପରା ହେଉଚି ଏକ ବୀରତ୍ୱର ପରମ୍ପରା, ଏକନିଷ୍ଠ ଭାବେ ଏକାଠି ହୋଇ ଇଂରେଜଙ୍କୁ ନାକେଦମ କରିଥିଲେ ପାଇକ। ସେମାନେ କୃଷି କରୁଥିଲେ, ଯୁଦ୍ଧ ବି କରୁଥିଲେ। ଏହିଭଳି ପରମ୍ପରାର ସୁରକ୍ଷା



ନିହାତି ଆବଶ୍ୟକ। ତେଣୁ ସମସ୍ତ ପ୍ରତିବନ୍ଧକ ହଠାଯାଇ ଯଥାଶୀଘ୍ର ବରୁଣେଇରେ ପାଇକ ସ୍ମାରକୀ ପ୍ରତିଷ୍ଠା ହେଉ ବୋଲି ସେ ଦାବି କରିଥିଲେ। କଳିଙ୍ଗ ପାଇକ ସଂଗଠନର ମୁଖ୍ୟ ସଂଚାଳକ ଇଂ ଶିଶିର କୁମାର ନାୟକ ବରୁଣେଇ ଭଳି ରାଜଧାନୀ ନୂଆଦିଲ୍ଲୀରେ ମଧ୍ୟ ପ୍ରଥମ ସ୍ୱାଧୀନତା ସଂଗ୍ରାମ ପାଇକ ବିଦ୍ରୋହର ସ୍ମାରକୀ ପ୍ରତିଷ୍ଠା ପାଇଁ ଉଦ୍ୟମ ହେବା ଆବଶ୍ୟକ ବୋଲି ମତ ଦେଇଥିଲେ। ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ହରିଚନ୍ଦନଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉତ୍କଳ ବିକାଶ ପରିଷଦର ମହାସଚିବ ଋଷି ଗୁମାନସିଂହ, ଐତିହାସିକ ମଦନ ମୋହନ ମହାପାତ୍ର, ରବୀନ୍ଦ୍ର କୁମାର ପରିଡ଼ା, ଖୋର୍ଦ୍ଧା ଓକିଲ ସଂଘର ସଭାପତି ବିଜୟ କୁମାର ସାମନ୍ତସିଂହାର, କୃଷକ ନେତା ଶ୍ରୀରଂଜନ ମଙ୍ଗରାଜ, ରଶ୍ମୀତା ନାୟକ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରି ନୂଆ ପିଢ଼ିଙ୍କୁ ବୀରତ୍ୱ ଓ ଶୌର୍ଯ୍ୟର ପରାକାଷ୍ଠା ପ୍ରଦର୍ଶନ ପାଇଁ ଉଦବୁଦ୍ଧ ହେବାକୁ ଗୁରୁତ୍ୱ ଦେଇଥିଲେ। କରାଟେ, ଟାଇକୋଣ୍ଡୋ ଭଳି ପିଲାଙ୍କୁ ପାଇକ ଆଖଡ଼ା ଶିଖାଇବା ପାଇଁ ପ୍ରାରଂଭିକ ଭାବେ ଖୋର୍ଦ୍ଧା ସହରରେ ଏକ ଆଖଡ଼ା ଘର ପ୍ରତିଷ୍ଠା ପାଇଁ କଳିଙ୍ଗ ପାଇକ ସଂଗଠନର କୋଷାଧ୍ୟକ୍ଷ ସମରେନ୍ଦ୍ର ବଳିଆରସିଂହ ପ୍ରସ୍ତାବ ଦେଇଥିଲେ। ପ୍ରତ୍ୟୁଷରେ କଳିଙ୍ଗ ପାଇକ ସଂଗଠନର କାର୍ଯ୍ୟକାରୀ ସଭାପତି ତଥା ରାମଚଣ୍ଡୀ ଦଳବେହେରା ମୃତ୍ୟୁଞ୍ଜୟ ଛୋଟରାୟ ପରମ୍ପରା ମୁତାବକ ଦେବୀ ବରୁଣେଇଙ୍କ ପୂଜାର୍ଚ୍ଚନା କରି ପାଇକ ଥାଟ ମେଳରେ ପାଇକ ସ୍ମାରକୀ ସଭାସ୍ଥଳକୁ ଆସିଥିଲେ। ପୁରୀ ଜିଲ୍ଲା ଦୋକନ୍ଦାର ମନୋରଂଜନ ପଶ୍ଚିମକବାଟ ଓ ଗୁରୁ ପ୍ରଭାକର ପାଲଟାସିଂହ ନେତୃତ୍ୱରେ ପାଇକଦଳ, ଭାସ୍କର ସୁନ୍ଦରାୟଙ୍କ ନେତୃତ୍ୱରେ ଗଡ଼ମାଣତୀର ଓ କୋତଲାଙ୍ଗ ପାଇକଦଳ, ନିରଞ୍ଜନ ରଣସିଂହଙ୍କ ନେତୃତ୍ୱରେ ବରପଦା ପାଇକଦଳ ଓ ସ୍ୱପ୍ନେଶ୍ୱର ଛୋଟରାୟଙ୍କ ନେତୃତ୍ୱରେ ଆଡ଼ଖଣ୍ଡିଆ ପାଇକଦଳ ବିଭିନ୍ନ ପ୍ରକାର ଆକର୍ଷଣୀୟ ପାଇକଆଖଡ଼ା ପ୍ରଦର୍ଶନ କରି ରଣହୁଙ୍କାର ଦେଇଥିଲେ। ପୂର୍ବରୁ ମାଟିଆପଡ଼ା ଦଳବେହେରା ଦୁର୍ଗାପ୍ରସାଦ ହରିଚନ୍ଦନ ଓ ବାଲିହୁଙ୍କା ଦଳବେହେରା ଅଜୟ ମାନଧାତାଙ୍କ ନେତୃତ୍ୱରେ ପଂଚପାଇକ ପୀଠରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। କଳିଙ୍ଗ ପାଇକ ସଂଗଠନର ଉପସଭାପତି ପ୍ରଫୁଲ୍ଲ ସାମନ୍ତରାୟ, ସମ୍ପାଦକ ରମଜାନ୍ ଖାଁ, ରାମନାରାୟଣ ଦାଶ, ପ୍ରସନ୍ନ କୁମାର ପାଇକରାୟ ଓ ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଧର୍ମଶାଳା ବିଜେଡିର ବିଜୟ ଉତ୍ସବ



ଧର୍ମଶାଳା (ପିଏନ୍): ପଦ୍ମପୁର ବିଧାନସଭା ଉପନିର୍ବାଚନରେ ବିଜେଡି ପ୍ରାର୍ଥୀ ବର୍ଷା ସିଂ ବରିହାଙ୍କ ବିପୁଳ ବିଜୟକୁ ନେଇ ଧର୍ମଶାଳା ବିଜେଡି ପକ୍ଷରୁ ବିଜୟ ଉତ୍ସବ ପାଳନ କରାଯାଇଛି। ପଦ୍ମପୁର ଉପନିର୍ବାଚନରେ ବିଜେଡି ପ୍ରାର୍ଥୀ ବର୍ଷା ସିଂ ବରିହା ୪୨ହଜାରରୁ ଉର୍ଦ୍ଧ ଭୋଟ ବ୍ୟବଧାନରେ ବିଜୟୀ ହେବା ପରେ ଧର୍ମଶାଳାରେ ଗତକାଲି ବିଜେଡି ପକ୍ଷରୁ ଶୋଭାଯାତ୍ରା ଓ ଆତସବାଜି କରାଯାଇ ବିଜୟ ଉତ୍ସବ ପାଳନ କରାଯାଇଛି। ବ୍ଲକ ବିଜେଡି ସଭାପତି ଜଳଧର ମହାନ୍ତି, ନିର୍ବାଚନମଣ୍ଡଳି ସଭାପତି ଜଳଧର ସାହୁ, ପୁର୍ବତନ ଜିଲ୍ଲାପରିଷଦ ସଭ୍ୟ ନିରଂଜନ ରାଉତ, ଯୁବ ବିଜେଡି ସଭାପତି କ୍ଷୀତିଶ ନାୟକ, ଛାତ୍ର ବିଜେଡି ସଭାପତି ଜଗଦାନନ୍ଦ ରାଉତ, ଜାରକା ସରପଂଚ ସୁଦାମ ବେହେରା, ଜିଲ୍ଲା ବିଜେଡି ଉପସଭାପତି ସୁବ୍ରତ ଧଳ, ପରିବେଶବିତ୍ ଶ୍ରୀନିବାସ ଜେନା, ଯୁବନେତା ଅକ୍ଷୟ ନାୟକ, ରଶ୍ମୀରଂଜନ ରାୟ, ମନୋଜ ଦାସ, ପ୍ରଫୁଲ୍ଲ ସାହାଣୀ, ହେମନ୍ତ ଜେନା, ପ୍ରତାପ ପ୍ରଧାନ, ଯତିନ୍ଦ୍ର ପ୍ରଧାନ ପ୍ରମୁଖ ଶତାଧିକ ବିଜେଡି କର୍ମୀ ଜିନ୍ଦାବାଦ ନାରାବାଜି କରି ଏକ ଶୋଭାଯାତ୍ରାରେ ଜାରକା ବଜାର ପରିକ୍ରମା କରିବା ସହ ଆତସବାଜି କରି ବିଜୟ ଉତ୍ସବ ପାଳନ କରିଥିଲେ। ଧର୍ମଶାଳାର ବିଜେଡି କର୍ମୀମାନେ ଏହି ବିଜୟ ଉତ୍ସବ ମନାଇଥିବାରୁ ବିଧାୟକ ପ୍ରଣବ ବଳବନ୍ତରାୟ ଓ ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ସନାତନ ଧର୍ମସଭାର ଆୟୋଜନ ନେଇ ସାମ୍ବାଦିକ ସମ୍ମିଳନୀ



ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଅରେଇକଣାଠାରେ ରାଜ୍ୟ ଓ ରାଜ୍ୟ ବାହାର ସାଧୁସନ୍ଥମାନଙ୍କୁ ନେଇ ଏକ ସନାତନଧର୍ମ ମହାସଭା ଅୟୋଜନ ନେଇ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜାରକାସ୍ଥିତ ପ୍ରେସ କ୍ଲବ ପରିସରରେ ଆଜି ଆୟୋଜିତ ଏହି ସମ୍ମିଳନିରେ ସ୍ୱାମୀ ଉଦୟନାଥ ପର୍ବତ ମହାରାଜ ଯୋଗଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ମାଳିକା ବର୍ଣ୍ଣିତ କେଲୁଅ ନଦୀ ପାର୍ଶ୍ୱ ଗାଙ୍ଗୁଲାଘାଟ ଅରେଇକଣାଠାରେ ଉତ୍କଳର ସାଧୁସନ୍ଥଙ୍କ ମିଳିତ ଭାବେ ଏକ ସନାତନ ଧର୍ମମହାସଭା ଅନୁଷ୍ଠିତ ହେବ, ଦୁଇଦିନ ବ୍ୟାପୀ ଚାଲିବାକୁ ଥିବା ଏହି ମହାସଭା ଡିସେମ୍ବର ୧୧ ତାରିଖରେ ସନ୍ଥ ଓ ଗୋପୂଜନ ସହ ସନ୍ଥମାନଙ୍କ ବୈଠକ ଅନୁଷ୍ଠିତ ହୋଇ ନଗରପରିକ୍ରମା କରାଯିବ। ସନ୍ଧ୍ୟା ୬ ଘଟିକାରେ କୃଷକ ପୂଜନ ଓ ଧର୍ମସଭା ଅନୁଷ୍ଠିତ ହେବ। ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନିରେ ସ୍ୱାମୀ ପତଂଜଳି ଜୀ ମହାରାଜ, ସାଧୁ ସୁଦାମ ଚରଣ ଦାସ, ଅରେଇକଣା ସରପଂଚ ସଂଜୟ କୁମାର ଦାସ, ରାଜ୍ୟ ପୂର୍ବାଂଚଳ ସହବିଧି ଗୋପାଳକୃଷ୍ଣ ସାହୁ ପ୍ରମୁଖ ଯୋଗଦେଇ ଏହି ମହାସଭାରେ ୨ଶହରୁ ଉର୍ଦ୍ଧ୍ୱ ସାଧୁସନ୍ଥ ଯୋଗ ଦେବେ ବୋଲି ସୂଚନା ଦେଇଥିଲେ।

# ଟ୍ରକ୍ ପଛରେ ପିଟିହେଲା ବସ୍, ୧୮ ଯାତ୍ରୀ ଆହତ

ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ରଥିଆ ଛକ ନିକଟରେ ବୁଧବାର ରାତି ପ୍ରାୟ ୩ଟାରେ ପୂର୍ବରୁ ଅଟକିଥିବା ଦୁଇଟି ଟ୍ରକ୍ ପଛରେ ଏକ ଯାତ୍ରୀବାହୀ ବସ୍ ପିଟିହୋଇ ଯାଇଥିଲା। ଏହି ଦୁର୍ଘଟଣାରେ ବସ୍‌ଚାଳକଙ୍କ ସମେତ ୧୮ ଜଣ ଯାତ୍ରୀ ଆହତ ହୋଇଥିଲେ। ଆହତମାନଙ୍କୁ ଧର୍ମଶାଳା ଓ ବଡ଼ଚଣା ଡାକ୍ତରଖାନାରେ ଚିକିତ୍ସା



କରାଯାଇଛି। ପ୍ରକାଶ ଯେ, ରଥିଆ ଛକ ନିକଟରେ ଦୁଇଟି ମାଲବାହୀ ଟ୍ରକ୍ ଠିଆ ହୋଇଥିଲା। ବିଳମ୍ବିତ ରାତିରେ ରାଂଚିରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଓଡ଼ି୧୧ଇ-୯୨୯୧ ଏକ୍ସପ୍ରେସ୍ ବସ୍ ଭାରସାମ୍ୟ ହରାଇ ଓଡ଼ି୦୯ପି-୦୧୫୯ ଟ୍ରକ୍ ପଛରେ ପିଟି ହୋଇ ଯାଇଥିଲା। ଦୁର୍ଘଟଣା ଏତେ ଜୋର୍ ଥିଲା, ଏହି ଟ୍ରକ୍‌ଟି ତା' ଆଗରେ ଥିବା ଓଡ଼ି୦୧ଏଫ୍-୯୦୪୦ ଟ୍ରକ୍‌କୁ ଧକ୍କା ଦେଇଥିଲା। ଏଥିରେ ୧୮ ଜଣ ଯାତ୍ରୀ ଆହତ ହୋଇଥିଲେ। ଖବର ପାଇ ଚଣ୍ଡିଖୋଲ ଦମକଳ ବାହିନୀ ଓ ୧୦୮ ଆମ୍ବୁଲାନ୍ସ ପହଁଚି ଆହତମାନଙ୍କୁ ନେଇ ଧର୍ମଶାଳା ଓ ବଡ଼ଚଣା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଆହତମାନଙ୍କ ମଧ୍ୟରୁ ୩ଜଣ ଗୁରୁତରଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ବସ୍‌ରେ ୫୦ରୁ ଅଧିକ ଯାତ୍ରୀ ଥିଲେ। ସମ୍ଭବତଃ ଚାଳକଙ୍କୁ ନିଦ ହୋଇଯିବାରୁ ବସ୍‌ଟି ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱରେ ଅଟକିଥିବା ଟ୍ରକ୍ ପଛରେ ପିଟି ହୋଇଯାଇଛି। ପୁଲିସ୍ ଦୁର୍ଘଟଣା-ଗ୍ରସ୍ତ ଗାଡ଼ିଗୁଡ଼ିକୁ ଜବତ କରି ଘଟଣାର ତଦନ୍ତ କରୁଛନ୍ତି।

# ଜଳେଶ୍ୱରରେ ୨୫ ହଜାର ଲିଟର ଚୋରା ମଦ ଜବତ

ଭୁବନେଶ୍ୱର (ପିଏନ୍)-ଜଳେଶ୍ୱରର କୁଷଗଡ଼ ଅଂଚଳରୁ ୨୫ ହଜାର ଲିଟରୁ ଅଧିକ ଚୋରା ଦେଶୀ ମଦ, ବିପୁଳ ପରିମାଣରେ ପୋଚ, ମଦ ତିଆରି ସରାମକୁ ଅବକାରୀ ବିଭାଗ ଜବତ କରିବା ଓଡ଼ିଶାବାସୀଙ୍କୁ ଆଶ୍ଚର୍ଯ୍ୟ କରିଛି। ରାଜ୍ୟର ଅବକାରୀ ମନ୍ତ୍ରୀଙ୍କର ଏହା ହେଉଛି ନିଜ ଅଂଚଳ। ଏଠାରେ ଏତେ ପରିମାଣରେ ମଦ ତିଆରି କାରଖାନା ଚାଲୁ ରହିବା ସମସ୍ତଙ୍କୁ ଚକିତ କରିଛି। ନିଜ ଅଂଚଳରେ ଯଦି ଏମିତି ମଦର ବନ୍ୟା ଦେଖାଦିଏ, ତେବେ ରାଜ୍ୟକୁ ମଦ ରାକ୍ଷସ କବଳରୁ ଅବକାରୀ ମନ୍ତ୍ରୀ କିଭଳି ସୁରକ୍ଷା ଦେବେ ବୋଲି କଂଗ୍ରେସ ପକ୍ଷରୁ ରାଜ୍ୟ ପ୍ରବକ୍ତା ଶ୍ରୀ ସୁଦର୍ଶନ ଦାସ ଏକ ପ୍ରେସ ବିବୃତି ଜରିଆରେ କଟାକ୍ଷ କରିଛନ୍ତି। ଜଳେଶ୍ୱର ହେଉଛି ରାଜ୍ୟର ଅବକାରୀ ମନ୍ତ୍ରୀ ଶ୍ରୀ ଅଶ୍ୱିନୀ ପାତ୍ରଙ୍କର ନିଜ ନିର୍ବାଚନ ମଣ୍ଡଳୀ। ଜଳେଶ୍ୱରରେ ବେଆଇନ ମଦ କାରବାର ଖୋଲମ୍ ଖୋଲା ଚାଲିଛି। ଏଥିରେ ଶାସକ ଦଳର ନେତା ଓ କର୍ମୀମାନେ ସଂପୃକ୍ତ ଅଛନ୍ତି। ପୂର୍ବରୁ ବିଧାୟକ ଓ ବର୍ତ୍ତମାନ ମନ୍ତ୍ରୀ ହୋଇଥିବା ଶ୍ରୀ ପାତ୍ରଙ୍କ ଜ୍ଞାତସାରରେ ଏହି କାରବାର ଚାଲୁ ଥିବାରୁ ଲୋକେ ଯେତେ ଅଭିଯୋଗ କଲେ ମଧ ଅବକାରୀ ବିଭାଗ ଓ ପ୍ରଶାସନ ଶୁଣନ୍ତି ନାହିଁ। କୁଷଗଡ଼ରେ ଯେଉଁ ଚୋରା ମଦ ତିଆରି କାରଖାନା ଠାବ ହୋଇଛି ତାହା ଦୀର୍ଘ ଦିନ ଧରି ସେଠାରେ ଚାଲି ଆସୁଥିଲା। ଶାସକ ଦଳର ସ୍ଥାନୀୟ ନେତାଙ୍କ ଏଥିରେ ସଂପୃକ୍ତି ରହିଛି। ସେଥିପାଇଁ ବାରମ୍ବାର ଅଭିଯୋଗ କଲେ ମଧ କିଛି ସୁଫଳ ମିଳୁ ନଥିଲା। ଲୋକଙ୍କ ଚାପ ଫଳରେ ଅବକାରୀ ବିଭାଗ ସେହି ଅଂଚଳରେ ବିପୁଳ ପରିମାଣରେ ମଦ ସହିତ ମଦ ତିଆରି ସରଂଜାମ ଜବତ କରିଛି। ମାତ୍ର ଏଥିରେ ସଂପୃକ୍ତ ସରକାରୀ ଦଳର ଲୋକ ଓ ନେତାଙ୍କୁ ଅବକାରୀ ବିଭାଗ ଗିରଫ କରିବ ତ ବୋଲି ଶ୍ରୀ ଦାସ ପ୍ରଶ୍ନ କରିଛନ୍ତି। ପୁନଶ୍ଚ ମନ୍ତ୍ରୀ ନିଜର ନିରପେକ୍ଷତା ଓ ସାଧୁତାର ପ୍ରମାଣ ଦେଇ ସେମାନଙ୍କୁ ଗିରଫ କରାଇପାରିବେ କି ବୋଲି ମଧ ସେ ଆହ୍ୱାନ ଦେଇଛନ୍ତି। ପ୍ରକାଶ ଥାଉକି ଶ୍ରୀ ପାତ୍ର ମନ୍ତ୍ରୀ ହେବା ପରଠୁ ଜଳେଶ୍ୱର, ବାଲେଶ୍ୱର ସହର ସମେତ ଜିଲ୍ଲାର ବିଭିନ୍ନ ସ୍ଥାନରେ ବ୍ରାଉନ ସୁଗାର, ମଦ ତଥା ଅନ୍ୟାନ୍ୟ ନିଶା ସାମଗ୍ରୀ ବିପୁଳ ଭାବରେ ପ୍ରସାର ହେଉଛି। ଯେତିକି ଧରା ପଡୁଛି ତାହା କେବଳ ହାତୀର ଦେଖାଇବା ଦାନ୍ତ। ବାସ୍ତବରେ ନିଶା କାରବାରରେ ଜଳେଶ୍ୱର ଓ ବାଲେଶ୍ୱର ଜିଲ୍ଲା ଏହି ସମୟ ଭିତରେ ଅଖ୍ୟାତି ଅର୍ଜନ କରି ଚାଲିଛି। ଏଥିପାଇଁ ମନ୍ତ୍ରୀ ଲଜ୍ଜିତ ଅନୁଭବ କରିବା ସହିତ ରାଜ୍ୟବାସୀଙ୍କୁ କ୍ଷମା ମାଗିବେକି ବୋଲି ଶ୍ରୀ ଦାସ କଟାକ୍ଷ କରିଛନ୍ତି।

# କାନ୍ତକବି ଲକ୍ଷ୍ମୀକାନ୍ତଙ୍କ ଜୟନ୍ତୀ ପାଳିତ



ଭୁବନେଶ୍ୱର (ପିଏନ୍): ଓଡିଶା ରାଜ୍ୟ ସଙ୍ଗୀତ 'ବନ୍ଦେ ଉତ୍କଳ ଜନନୀ'ର ରଚୟିତା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଜୟନ୍ତୀ ଅବସରରେ ଗତକାଲି ସକାଳ ୯ ଟା ସମୟରେ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ଉତ୍କଳ ସମ୍ମିଳନୀ ପକ୍ଷରୁ ମାଲ୍ୟାର୍ପଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିକ୍ଷାଞ୍ଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ସଭାପତିତ୍ୱ କରିଥିବା ବେଳେ ସମ୍ମିଳନୀର ଉପ-ସଭାପତି ଡ. ସୁରେନ୍ଦ୍ରମୋହନ ମିଶ୍ର ଓ ଶାଖା ଉପ-ସଭାପତି ଶିତଳ ଚନ୍ଦ୍ର ମହାନ୍ତି ବରପୁତ୍ରଙ୍କ ଗୁଣଗାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସୁବୁଦ୍ଧି, ଯୁଗ୍ମ-ସଂପାଦକ ସିଧାର୍ଥ ଶଙ୍କର ଗଡନାୟକ, ବାସନ୍ତି ତ୍ରିପାଠୀ, ସୁବ୍ରତ ମହାପାତ୍ର, ଅକ୍ଷୟ କୁମାର ଜେଠୀ, ଦିପ୍ତିମୟୀ ନାୟକ, ଶରତ ଚନ୍ଦ୍ର ସାହୁ ଓ ରାମଚନ୍ଦ୍ର ସାମଲ ପ୍ରମୁଖ ଉପସ୍ଥିତ ରହି ବରପୁତ୍ରଙ୍କୁ ଶ୍ରଦ୍ଧାଂଜଳି ଜଣାଇଥିଲେ।

# ଭୁଷୁଡ଼ିଲେ ଚେତିବେ ! ଆଁ କରିଛି ଅଙ୍ଗନବାଡ଼ି




ଭୁବନେଶ୍ୱର (ପିଏନ୍): ସ୍ମାର୍ଟ ନଗରୀ ରାଜଧାନୀ ଭୁବନେଶ୍ୱରଠାରୁ ମାତ୍ର ୧୫ କିଲୋମିଟର ଦୂରରେ ରହିଥିବା ଏକ ବିପଦସଙ୍କୁଳ, ବିପର୍ଯ୍ୟସ୍ତ ତଥା ଅସୁରକ୍ଷିତ ଅଙ୍ଗନବାଡ଼ି କେନ୍ଦ୍ରର ସାଙ୍ଘାତିକ ଦୃଶ୍ୟର ଚିତ୍ର ସାମ୍ନାକୁ ଆସିଛି। ରାଜଧାନୀର ଛାତି ଉପରେ ଥିବା ଉକ୍ତ ଅଙ୍ଗନବାଡ଼ିର ଛାତଟି ସମ୍ପୂର୍ଣ୍ଣ ରୂପେ ଫାଟି ଆଁ କରି ରହିଛି। ବାରଣ୍ଡାର ଖୁଣ୍ଟି ଭାଙ୍ଗି ମାଟି କାମୁଡ଼ି ତଳେ ଲୋଟିପଡ଼ିଛି। ଗୃହ କାନ୍ଥରେ ନାଲି ଅଳତା ଓ ଅଙ୍ଗାରରେ ଲେଖା ରହିଛି ବିପଦ, କୌଣସି ସମୟରେ ଘରଟି ଭାଙ୍ଗି ଯାଇପାରେ, ଏଠାରେ ଚଳ ପ୍ରଚଳ କରନ୍ତୁ ନାହିଁ, ବିପଦପୂର୍ଣ୍ଣ କୋଠା ପରି ଅନେକ ସତର୍କ ସୂଚନା। ସତେଯେପରି କୋଠାଟି ଭୂତକୋଠି ପାଲଟିଯିବା ସହ ସରୀସୃପଙ୍କ ଆବାସସ୍ଥଳୀରେ ପରିଣତ ହୋଇଯାଇଛି। ଇଏ ହେଉଛି ଆମ ଖୋର୍ଦ୍ଧା ଜିଲ୍ଲା ଜଟଣୀ ବ୍ଲକ ଅନ୍ତର୍ଗତ ଛତାବର ପଞ୍ଚାୟତ ଅଧିନସ୍ଥ ବିନ୍ଧ୍ୟଗିରି ଅଙ୍ଗନବାଡ଼ିର କରୁଣଚିତ୍ର। ଉକ୍ତ ଅଙ୍ଗନବାଡ଼ି କୋଠାକୁ ଲାଗି ରହିଛି ବିନ୍ଧ୍ୟଗିରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ। ସୂଚନାଯୋଗ୍ୟ, ଉକ୍ତ ବିଦ୍ୟାଳୟରେ ୨୦୧୪ ମସିହାରୁ ତତ୍କାଳୀନ ଜିଲ୍ଲାପାଳ ଏବଂ ଜିଲ୍ଲା ପ୍ରକଳ୍ପ ସଂଯୋଜକ ସର୍ବଶିକ୍ଷା ଅଭିଯାନ, ଖୋର୍ଦ୍ଧାର ପତ୍ର ନଂ.୪୨/ଏସ୍‌ଏସ୍‌ଏ ୬.୧.୨୦୧୨ ନିର୍ଦ୍ଦେଶ ଅନୁଯାୟୀ ଅଦ୍ୟାବଧି ଗୋଟିଏ ଶ୍ରେଣୀ ଗୃହରେ ଏହି ଅଙ୍ଗନବାଡ଼ି କେନ୍ଦ୍ରଟି ଚାଲିଛି। ଯେଉଁଠିକୁ ରାତି ପାହିଲେ କୁନି କୁନି ଶିଶୁମାନେ ଶିକ୍ଷା ଗ୍ରହଣ ପାଇଁ ଧାଇଁ ଆସିଥା'ନ୍ତି। ଖେଳଛୁଟି ହେଉ କି ଉପରଓଳି ହେଉ ବିଦ୍ୟାଳୟର ଛାତ୍ର, ଛାତ୍ରୀମାନେ ଏହି ବିପଦସଙ୍କୁଳ ଅଙ୍ଗନବାଡ଼ିକୁ ଲାଗି ରହିଥିବା ଖେଳ ପଡ଼ିଆଟିରେ କ୍ରିକେଟ, ଲୁଚୁକାଳି, ଧାଁ ଦଉଡ଼ ଖେଳ ଇତ୍ୟାଦି ଖେଳିଥାନ୍ତି। ଏହି ବିପଦପୂର୍ଣ୍ଣ କୋଠାଟି କେଉଁ ସମୟରେ ଭୁଷୁଡ଼ି ଯାଇପାରେ ତାହା ସମୟ ହିଁ କହିବ। ଏ ନେଇ ବିନ୍ଧ୍ୟଗିରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଏ ସମ୍ପର୍କରେ ବିଭାଗୀୟ ଉଚ୍ଚ ପଦାଧିକାରୀଙ୍କୁ ବାରମ୍ବାର ଜଣାଇଥିଲେ ବି ଅଧିକାରୀମାନେ ପରିଦର୍ଶନରେ ଆସନ୍ତି ସତ, କିନ୍ତୁ ବୁଲାବୁଲି କରି ଯେଝା ବାଟରେ ଚାଲିଯାଇଥାନ୍ତି। କିଏ ନିର୍ଦ୍ଦେଶ ଦେବ, କାହା ନିର୍ଦ୍ଦେଶକୁ ଅପେକ୍ଷା, କାହିଁକି ଏ ବିପଦ ସଙ୍କୁଳ ଅଙ୍ଗନବାଡ଼ିଟି ଭଙ୍ଗା ଯାଉନାହିଁ ଏ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କୌଣସି ଅଘଟଣ ଘଟିବା ପୂର୍ବରୁ ଯଥାଶୀଘ୍ର ଉକ୍ତ କୋଠାଟିକୁ ସମ୍ପୂର୍ଣ୍ଣ ରୂପେ ଭାଙ୍ଗିବା ଲାଗି ସାମାଜିକ କର୍ମୀ ସୁଶାନ୍ତ ସାହୁ ଏ ନେଇ ଖୋର୍ଦ୍ଧା ଜିଲ୍ଲାପାଳ ଶ୍ରୀ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ପତ୍ର ଲେଖି ହସ୍ତକ୍ଷେପ ଲୋଡ଼ିଛନ୍ତି।

# ନାବାଳିକାଙ୍କୁ ବ୍ଲାକମେଲ ମାମଲାରେ ଅଭିଯୁକ୍ତକୁ ୫ ବର୍ଷ ଜେଲଦଣ୍ଡ

ବାଲେଶ୍ୱର (ପିଏନ୍)- କମର୍ଦ୍ଦା ଥାନା ଅନ୍ତର୍ଗତ ଯୁକ୍ତ ୨ ବିଜ୍ଞାନ ଛାତ୍ରୀଙ୍କ ଅଶ୍ଳୀଳ ଫଟୋ ଉଠାଇ ତାଙ୍କୁ ବ୍ଲାକମେଲ କରିବା ଓ ଫଟୋ ଭାଇରାଲ କରିବାର ଧମକ ଦେଇ ଶାରିରୀକ ସମ୍ପର୍କ ରଖିବାକୁ ବାଧ୍ୟ କରିବା ମାମଲାରେ ବାଲେଶ୍ୱର ଜିଲ୍ଲା ମାନ୍ୟବର ପୋକ୍ସ ଅଦାଲତ ସ୍ୱତନ୍ତ୍ର ବିଚାରପତି ରଞ୍ଜନ କୁମାର ସୁତାର ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରିବା ସହ ୫ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ମାନ୍ୟବର ଅଦାଲତ, ୧୩ ଜଣ ସାକ୍ଷୀ ଓ ପୁଲିସ ପକ୍ଷରୁ ଅଦାଲତରେ ଆସୁଥିବା ୩୪ଟି ଦସ୍ତାବିଜ୍ ଓ ପ୍ରାମାଣିକ ତଥ୍ୟକୁ ଆଧାର କରି ମାନ୍ୟବର ବିଚାରପତି ଏଭଳି ଦଣ୍ଡାଦେଶ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ ୨୦୧୬ ଫେବୃଆରୀ ୯ ତାରିଖରେ ନାବାଳିକା ଛାତ୍ରୀଙ୍କ ବାପା ଏ ସମ୍ପର୍କରେ କମର୍ଦ୍ଦା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୁକ୍ତ ଉକ୍ତ ଅଞ୍ଚଳର ଉପେନ୍ଦ୍ର ପାଲ ବୋଲି ଜଣାପଡ଼ିଛି।

ସଂ ଗଚ୍ଛଧ୍ବଂ ସଂ ବଦଧ୍ବଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୨, ଡିସେମ୍ବର ୧୦

# ମର୍ତ୍ତ୍ୟରେ ବୈକୁଣ୍ଠ ଅସମ୍ଭବ ?



କୁଣ୍ଠା ଯେଉଁଠି ନାହିଁ ସେ ସ୍ଥାନ ବୈକୁଣ୍ଠ। ନାହିଁ ନାହିଁ ଉଚ୍ଚାରଣ ଶବ୍ଦ ହିଁ କୁଣ୍ଠା। ଏ ସଂସାରରେ ଏମିତି ସ୍ଥାନ ନାହିଁ ଯେଉଁଠି ନେତି ନେତି ଆଓ୍ୱାଜ ଶୁଣା ନଯାଉଛି। ରାଜା ଯାହାଙ୍କର ଅଭାବ ନାହିଁ ସେ ବି ନେତିନେତି ଦାରୁଣ ଅନ୍ନ ବସ୍ତ୍ର ବାସଗୃହ ସ୍ୱାସ୍ଥ୍ୟ କଷ୍ଟ ଭୋକ୍ତା ପ୍ରଜା ବି ନେତି ନେତି ଶବ୍ଦରେ ମୁଖରିତ। ମହାଭୂତ ପାଞ୍ଚ, ଏଥିରେ ସମସ୍ତଙ୍କର ସମାନ ଅଧିକାର ରହିଛି। ମାତ୍ର ଚାଲାକ ଲୋକ କୌଶଳରେ ଅନ୍ୟଙ୍କ ଠାରୁ ଛଳ ଛଦ୍ମରେ ଛଡ଼ାଇ ନେଉଛନ୍ତି। ଯେତେ ହେଲେ ବି ନାହିଁ ନାହିଁ ଯାହାର ନାହିଁ ସେ ବି ନାହିଁ ନାହିଁ, ତେବେ କାଇଁ ବୈକୁଣ୍ଠ। ମହାଭୂତମାନଙ୍କର ଜଣେ ମାଲିକ ଅଛନ୍ତି ସେ ଭୂତନାଥ। ତାଙ୍କର ଧର୍ମ ସେ ଔଢ଼ରଦାନୀ ହେଲେ ତାଙ୍କ ପାଖରେ କିଛି ନାହିଁ। ସେ ଲଙ୍ଗଳା, ନାହିଁ ଅଳଙ୍କାର ଧନ ଦୌଲତ ସମ୍ପତ୍ତି ତଥାପି ସେ ଔଢ଼ରଦାନୀ, ତେବେ ବି ସେ ଏସବୁ ଶକ୍ତି ସେହି ବୈକୁଣ୍ଠବାସୀଙ୍କର ସ୍ମରଣ କରି କରି ପାଉଛନ୍ତି। ନଥିଲେ ଦୁଃଖ ନାହିଁ। ନଦେଇ ପାରିଲେ କାଳେ ଦୁଃଖ ଆସିନାହିଁ କହିବାକୁ ପଡ଼ିବ ଏ ପାଇଁ ବୈକୁଣ୍ଠରୁ କୁଣ୍ଠାନାଶ ସାଧନା।

ବ୍ରହ୍ମା ସ୍ରଷ୍ଟା, ସେ ତାଙ୍କର ସୃଷ୍ଟିକୁ ବର ଦିଅନ୍ତି ମାତ୍ର ସେ କାହାକୁ ଅମରବର ଦେଇନାହାଁନ୍ତି। ସେ ନିଜେ ବି ନାଶ ସମୟକୁ ହୁଅନ୍ତି ସେ ଅମର ନୁହଁନ୍ତି। ଅମରପରି କଳ୍ପାୟୁ ବିଶିଷ୍ଟ ବ୍ୟକ୍ତି। ତେବେ ନାହିଁ ବୋଲି ବର ଯାଚଞ୍ଚାକାରୀକୁ ସେ ଭିନ୍ନ ଭାବରେ ଆଶା ପୂରଣ କରିଥାନ୍ତି ପରବର୍ତ୍ତୀ କାଳରେ ତାର ସମୟକୁ ସେ ଅନ୍ତ ହୁଏ। ମାଆ ପିଲାର ଅମଙ୍ଗଳ କେବେ ଚାହାଁନ୍ତି ନାହିଁ ଦୁର୍ଗା ସୃଷ୍ଟି ନାଶକାରୀ ଶକ୍ତିକୁ ଅନ୍ତ କରନ୍ତି। ସୃଷ୍ଟିନାଶ ଚାହିଁବା ବ୍ୟକ୍ତି ଯେ ଶେଷରେ ନିଜ ନାଶ ହେବ ମୂଳରୁ ଜାଣି ନଥାନ୍ତି। ସେପରି ପରିସ୍ଥିତିରେ ସମ୍ବିତ ଫେରି ପାଇ ଭୁଲ ହୋଇଛି କହନ୍ତି କ୍ଷମାକର କହି ପକାନ୍ତି। ଏମିତି ମହିଷାସୁର ଦେବୀଙ୍କର ଶକ୍ତି ଆଜାତରେ ଶକ୍ତିହୀନ ମହିଷା ଦେବୀ ମାଆଙ୍କ ନେତି ଅଭାବ ସେ ଦେବତା (ଚିରନ୍ତନ ସୃଷ୍ଟି ରକ୍ଷାକାରୀ ଶକ୍ତି) ଓ ସାମୟିକ ସୃଷ୍ଟି ଧ୍ୱଂସକାରୀ ଶକ୍ତି ଯେ ଭୁଲ ବୁଝି ପାରିଛି ସେ କାହାକୁ ନାହିଁ କରିପାରୁ ନାହିଁ। ସେ ମହିଷା ଶରୀରରୁ ବର୍ଚ୍ଛା କାଢ଼ିଲେ ନାହିଁ। ତାର ଯନ୍ତ୍ରଣା ହାର ପାଇଁ ତା ଉପରେ ପାଦ ରଖିଛନ୍ତି। ଏମିତି ଦେବୀଙ୍କର ନେତି ଶକ୍ତି ଯେ ବିନ୍ଦାରେ କାମ କରୁଛି। ସେ ହେଲେ ବିନ୍ଧ୍ୟବାସିନୀ। ସନ୍ଥସାଧୁଙ୍କର ଖୁବ କମ ଦ୍ରବ୍ୟରେ ଦିନ ଗୁଜରେ। ଲୋଟା କୌପିନ ଭରସାରେ ସମୟ କଟେ। ଆକାଶ ଛାତିରେ ତାଙ୍କର ବାସ ସେ ନମସ୍ୟ। ଫକୀରମାନେ ବି ବାଦାଶାଙ୍କର ନମସ୍ୟ ବୌଦ୍ଧ ଭିକ୍ଷୁମାନେ ସମ୍ରାଟ ଅଶୋକଙ୍କର ରାଜଦରବାରରେ ପହଞ୍ଚିଲା ମାତ୍ରେ ଅଶୋକ ତାଙ୍କୁ ସାଷ୍ଟାଙ୍ଗ ପ୍ରଣାମ କରୁଥିଲେ। କାରଣ ସେମାନେ ଇନ୍ଦ୍ରିୟଜିତ ସମ୍ରାଟଙ୍କଠାରୁ ମହାସମ୍ରାଟ। କିନ୍ତୁ ସନ୍ଥ ସାଧୁଙ୍କର ଆଶ୍ରମ ଥାଟବାଟ ଦେଖିଲେ ଯେ କେହି କ'ଣ ଭାବିବ ଶାସ୍ତ୍ରବାକ୍ୟରେ ଭୁଲ ଲେଖା ଏହା ହିଁ ପ୍ରମାଣ ଖୋଜିବା।

ଦିଅଁ କ୍ଷେତ ଦର୍ଶନକୁ ଆତ୍ମବଳ ବୃଦ୍ଧି ପାଇଁ ହତାଶ ହୋଇ ପଡ଼ିଥିବାମାନେ ଯାଆନ୍ତି। ଅନେକ କଷ୍ଟ ପଥକଷ୍ଟ, ଅର୍ଥ ଅଭାବ, ଉପବାସରେ ଲାଇନ ଲଗାଇ ଖରା ବର୍ଷାରେ ପଦାରେ ପଡ଼ିଥିବାବେଳେ ରାଜପୁରୁଷମାନେ ସ୍ୱତନ୍ତ୍ର ଭାବରେ ଏକାକୀ ଦର୍ଶନ କରିବେ ଏ ବେଳରେ ଦର୍ଶନାର୍ଥୀମାନେ ଅପେକ୍ଷା କରିବାକୁ ବାଧ୍ୟ। ପ୍ରକୃତରେ କ'ଣ ରାଜପୁରୁଷମାନେ ବଡ଼ ଭକ୍ତ ନା ଅର୍ଥ ଲୋଭରେ ସେବକମାନେ ତାଙ୍କୁ ଏପରି କରାଉଛନ୍ତି। ସେମାନେ ଯଦି ମନେକରନ୍ତି ମାନବ ସେବା ହିଁ ମାଧବ ସେବା ଆଉ ଅପେକ୍ଷାକୃତ ଲୋକଙ୍କୁ ସେଠାରେ ସମ୍ଭାଷଣ କରି ଜନତାଙ୍କୁ ସମ୍ବୋଧନ କରି କହିଯାଆନ୍ତେ ଯେ ରାଜକାର୍ଯ୍ୟ ଅଛି ମୁଁ ଦର୍ଶନକୁ ଆପଣମାନଙ୍କର ଅନୁମତିରେ ଯିବାକୁ ଚାହୁଁଛି ତେବେ ପଦାରେ ତାଙ୍କର ଜୟ ଜୟକାର ଭିତରେ ତାଙ୍କର ପ୍ରକୃତ ଦିଅଁ ଦର୍ଶନ ଫଳ ମିଳନ୍ତା। ମାତ୍ର ଏକଥା ତାଙ୍କୁ କହିବ କିଏ ? ଏବେ ତୀର୍ଥଗୁରୁମାନେ ଉଦର ପୋଷଣରେ ରହିଛନ୍ତି ମାତ୍ର। ଏପରି ସ୍ଥାନ ବୈକୁଣ୍ଠ ହୋଇଯାଆନ୍ତା, ମର୍ତ୍ତ୍ୟ ବୈକୁଣ୍ଠ। ବିରୋଧି ଦଳ ସଭା କରୁଛନ୍ତି। ତାଙ୍କୁ ଠେଙ୍ଗେଇ ଛତ୍ରଭଙ୍ଗର ବ୍ୟବସ୍ଥା କରାଯାଉଛି ବା ସଭା ଆହୁତିକୁ ସଭା ସ୍ଥଳ ସ୍ଥାନ ସରକାରୀ ଏକ ବିଭାଗ ବ୍ୟବସ୍ଥା କରୁଛନ୍ତି। ବିରୋଧି ଦଳର ମୂଳ ଉତ୍ସ ଶାସନ ମୁଖ୍ୟ ଜାଣନ୍ତି, ତାଙ୍କ ପାଖରେ ଖବର ପହଞ୍ଚିବା ମାତ୍ରେ ବିରୋଧି ଦଳ କ'ଣ ମାଗେ ତାର ସମାଧାନ ବାଟ କ'ଣ ଖୋଲିପାରନ୍ତେ ନାହିଁ। ବେଳକୁ ବେଳ ହିଂସା ହାନି ବାଟ କାହିଁକି ଡକାଯାଉଛି। ଏଥିରେ କ'ଣ ବୈକୁଣ୍ଠ ହେବ କି ?

ପୂର୍ବେ ଭିକ୍ଷା ଦାନ ଏକ ଧର୍ମୀୟ କାର୍ଯ୍ୟ ଥିଲା। ଇସଲାମ ଧର୍ମରେ ପକାତ୍ ଅଛି। ବହୁ ଧର୍ମପୀଠରେ ଲଙ୍ଗର ବ୍ୟବସ୍ଥା କରାଯାଉଛି। ହେଲେ ସରକାର ଏହି ଧର୍ମୀୟ କାର୍ଯ୍ୟକୁ ରୁଦ୍ଧ କରିଦେବା ଦେଖାଗଲାଣି। ଯେତେବେଳେ ଭିକ୍ଷା ନମିଳେ ସେ ସମୟକୁ ଦୁର୍ଭିକ୍ଷ କୁହାଯାଏ। ଅତଏବ ଏବେ ଦୁର୍ଭିକ୍ଷ ବେଳା। ପ୍ରକୃତରେ କିଏ ଦରିଦ୍ର ଏ ପର୍ଯ୍ୟନ୍ତ ଚିହ୍ନଟ ଠିକ ସରକାର ଜନଗଣନା କରି ବି ଧରି ପାରୁନାହାଁନ୍ତି ଏହା ହିଁ ଭାବିବାର ବିଷୟ। ଥିଲା ଲୋକେ କେବେ ହୀନ କାମ କରନ୍ତି ନାହିଁ କି, ଭିକାରୀ ସେମିତି ଭିକ୍ଷା ନଅନ୍ତି ନାହିଁ। କେନ୍ଦରା ବଜାଇ କିଏ ଉପଦେଶ ଦେଇ କିଏ ଦେବତାର ପାଦୁକ ଦେଇ କିଏବା ଅତିଥି ହୋଇ ଭିକ୍ଷା ଗ୍ରହଣ କରନ୍ତି। ଭିକ୍ଷା ଦାନରୁ ବଡ଼ ଦାନ ପ୍ରକୃତି ଆରମ୍ଭ ହୁଏ। କୃଷକଠାରୁ ଭିକ୍ଷାଦାନକାରୀ କେହି ବଡ଼ ନାହାଁନ୍ତି। ଚଢ଼େଇ ମୂଷା କ୍ଷେତରୁ ହଳା ମାଗନ୍ତା, ପୁଣି ନିଜର ବର୍ଷକ ଶ୍ରାଦ୍ଧ ମେଳରେ ବହୁଜନ ଭୋଜନ କ୍ରିୟା, ଝିଅ ଝିଆରୀଙ୍କୁ ଭାଇ ବେଭାର ଏସବୁ ଏବେ ବି ଅଛି। ପରିବାର କେବେ କୃଷକର ସୀମିତ ନୁହେଁ। ଚାଷବାସର ଆନୁସଙ୍ଗିକ ସହାୟକ ବଢ଼େଇ, କମାର, କୁମ୍ଭାର, ନାପିତ, ଧୋବା, ଶଙ୍ଖୁଆ, ତେଲିଆ ଏସବୁ ବାହ୍ୟ ପରିବାର କୃଷକ ପରିବାରରେ ଜଡ଼ିତ। ଏପରିକି ଅଗ୍ରଭାଗ ଅଗ୍ରହାରୀରେ ନିଶ୍ଚେ ଏକ ପୁରୋହିତ ବ୍ରାହ୍ମଣ ପରିବାରକୁ ପରିବାର ସହ ବନ୍ଧା ଯାଇଛି। ହେଲେ ଏଇ ଭିକ୍ଷା ବନ୍ଦର ଭିନ୍ନ ଦିଗ ନଦେଖି ଭିକ୍ଷା ବନ୍ଦ କରିଦେଲେ କେବେ ମାଟି ବୈକୁଣ୍ଠ ହୋଇ ନପାରେ। ଲୋକେ ଭରସା ରଖି ଭୋଟ ଦେଇଛନ୍ତି ସମୂହ ଉନ୍ନତି ହେଲେ ସେମାନଙ୍କର ଉନ୍ନତି ହେବ ମାତ୍ର ଏହା କ'ଣ ସ୍ଥିର ମସ୍ତିଷ୍କରେ ଭାବିଲେ ଠିକ ଉନ୍ନତି ଲୋକଙ୍କର ହେଉଛି କି? ଅର୍ଥ ବାଟମାରଣା ହେବା କ'ଣ କର୍ତ୍ତାମାନେ ଜାଣୁନାହାଁନ୍ତି। ତେବେ ବୈକୁଣ୍ଠ କେମିତି ହେବ?

**ଉତ୍କଳାନନ୍ଦ ଅଜୟ କୁମାର ବେହେରା**
*ପିସି ସରକାର ଲେନ୍, ଅରୁଣୋଦୟ ନଗର, କଟକ, ଦୂରଭାଷ: ୯୪୩୭୧୦୩୧୨୫୩*

## ଆଜିର ଅନୁଚିନ୍ତା

*ବାଳିକା ଭଳି ନିରୀହ ହୁଅ ।*
*ବୃଦ୍ଧମାନଙ୍କ ଭଳି ସ୍ଥିତପ୍ରଜ୍ଞ ହୁଅ ।*

*ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।*

**E-mail: editorpbkc@gmail.com**
**9853400829 (M), Fax: 0674-2550504**

# ଓଡ଼ିଶାରେ ମାନବାଧିକାର

**ଦେବରଞ୍ଜନ ସାମଲ**




ରାଜ୍ୟରେ ମାନବାଧିକାର ଉଲ୍ଲଂଘନ ମାମଲା ବୃଦ୍ଧି ପାଉଛି। ଗତ ବର୍ଷ ପୁରୀର ବାସେଳିସାହିର ପୁଲିସ ହାଜତ ମୃତ୍ୟୁ ହେଉ କିମ୍ବା ପରୀ ହତ୍ୟା ମାମଲା, ସବୁଥିରେ ମାନବାଧିକାର ଉଲ୍ଲଂଘନ ନଜରକୁ ଆସୁଛି। ବିଶେଷକରି ସାଧାରଣ ଲୋକଙ୍କ ଉପରେ ପୁଲିସ ଅତ୍ୟାଚାର ବଢ଼ିବାରେ ଲାଗିଛି। ପରିସ୍ଥିତି ଏପରି ହେଲାଣି ଯେ, ପୁଲିସର ବରିଷ୍ଠ ଅଧିକାରୀଙ୍କୁ ଥାନାରେ ନିଯୁକ୍ତି ନ ଦେଇ ମାନବାଧିକାର ସଂପର୍କିତ ତାଲିମ ଦେବା ଲାଗି ମାନବାଧିକାର ଆୟୋଗଙ୍କୁ ନିର୍ଦ୍ଦେଶ ଦେବାକୁ ପଡୁଛି। ମଣିଷ, ମଣିଷ ଭଳି ବଞ୍ଚିବ ଓ ମର୍ଯ୍ୟାଦାର ସହ ବଞ୍ଚିବ-ଏହା ହେଉଛି ମାନବାଧିକାରର ମୂଳମନ୍ତ୍ର। ମା'ର ଜରାୟୁଠାରୁ ଆରମ୍ଭ କରି ଶ୍ମଶାନ ପର୍ଯ୍ୟନ୍ତ ଜଣେ ବ୍ୟକ୍ତିର ମାନବାଧିକାର ରହିଛି। ମାତ୍ର ଅଧିକାଂଶ କ୍ଷେତ୍ରରେ ମାନବାଧିକାରର ସୁରକ୍ଷା ହୋଇପାରୁନାହିଁ। ମାନବାଧିକାରର ପରିସୀମା କେବଳ ପୁଲିସର ଅତ୍ୟାଚାର, ହାଜତ ମୃତ୍ୟୁ କିମ୍ବା ଏନକାଉଣ୍ଟରରେ ପ୍ରାଣ ହରାଉଥିବା ବ୍ୟକ୍ତିଙ୍କ ଭିତରେ ସୀମିତ ରହିନାହିଁ। ବର୍ତ୍ତମାନ ପରିସ୍ଥିତିରେ ମାନବାଧିକାର ବେଶ୍ ବ୍ୟାପକ ହୋଇଛି। ଶିକ୍ଷା, ସ୍ୱାସ୍ଥ୍ୟ, ପରିବେଶ ଭଳି କ୍ଷେତ୍ରରେ ମାନବାଧିକାରକୁ ଗୁରୁତ୍ୱ ଦିଆଯାଉଛି। ମାନବାଧିକାରର ସୁରକ୍ଷା ଦିଗରେ ଓଡ଼ିଶାର ସ୍ଥିତି ମଧ୍ୟ ଉଦ୍‌ବେଗଜନକ ରହିଛି। ପ୍ରତିବର୍ଷ ରାଜ୍ୟରେ ଶହ ଶହ ମାମଲା ରାଜ୍ୟ ମାନବାଧିକାର କମିସନ ସହିତ ଜାତୀୟ ମାନବାଧିକାର କମିସନରେ ଅଭିଯୋଗ ହେଉଛି। ରାଜ୍ୟରେ ଚଳିତବର୍ଷ ଅକ୍ଟୋବର ମାସ ସୁଦ୍ଧା ରାଜ୍ୟରେ ୧୪,୮୮୭ ମାମଲା ବଢ଼ି ଚାଲିଛି। ସେହିପରି ଗତ ୨୦ ବର୍ଷ ଭିତରେ ଜାତୀୟ ମାନବାଧିକାର କମିସନରେ ୭୩ ହଜାରରୁ ଅଧିକ ମାମଲା ଦାୟର ହୋଇଛି। ତେଣୁ ମାନବାଧିକାରର ସୁରକ୍ଷା ଦିଗରେ ରାଜ୍ୟର ସ୍ଥିତି ଏଥିରୁ ସହଜରେ ଅନୁମେୟ। କେବଳ ବ୍ୟକ୍ତିଗତ ମାନବାଧିକାର ଉଲ୍ଲଂଘନର ବିଚାର ଦିଗରେ କମିସନ ଯେତିକି ଗୁରୁତ୍ୱ ଦେଉଛନ୍ତି ନୀତିଗତ ବୃହତର ସ୍ୱାର୍ଥ କ୍ଷେତ୍ରରେ କମିସନର ସେଭଳି ଆଗ୍ରହ ଦେଖାଉ ନାହାନ୍ତି। ସେହିପରି ଅନେକ କ୍ଷେତ୍ରରେ କମିସନ ମାନବାଧିକାର ଉଲ୍ଲଂଘନ ବିଚାର କରି ଯେଉଁ ନିର୍ଦ୍ଦେଶ ଦେଉଛନ୍ତି ସରକାରୀ ସ୍ତରରେ ମଧ୍ୟ ଏହାକୁ ଠିକ୍‌ରେ ପାଳନ କରାଯାଉନାହିଁ। ମାନବାଧିକାର କେବଳ ମାନବାଧିକାର କମିସନ ମଧ୍ୟରେ ସୀମିତ ନୁହେଁ। ମାନବାଧିକାର କମିସନ ବାଦ ସୂଚନା କମିସନ, ଶିଶୁ ଅଧିକାର ସୁରକ୍ଷା, ମହିଳା କମିସନ, ଖାଦ୍ୟ କମିସନ ଓ ଲୋକାୟୁକ୍ତ ମଧ୍ୟ ମାନବାଧିକାର ପରିସର ଅନ୍ତର୍ଭୁକ୍ତ। ତେଣୁ ଏସବୁ କମିସନକୁ ଅନୁଶୀଳନ କଲେ ସେଠାରେ ମଧ୍ୟ ଅନେକ ମାମଲା ପଡ଼ି ରହିଛି।

ଓଡ଼ିଶାରେ ମାନବିକ ଅଧିକାର କେତେ ଅନୁପାଳିତ ହେଉଛି ତାହା ଏଠାରେ ଗୋଟିଏ ଉଦାହରଣରୁ ସ୍ପଷ୍ଟ ହୋଇଯିବ ଯାହାକୁ ଆମେ ଉଲ୍ଲେଖ କରୁଛୁ। ଭୁବନେଶ୍ୱର ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଗାଡ଼କଣାର ବୟସ୍କା ସମାଜ ସେବିକା ବାସନ୍ତୀ ଆଚାର୍ଯ୍ୟ ଘରେ ନଥିବାବେଳେ ତାଙ୍କ ସ୍ୱାମୀ ଶଶୀକାନ୍ତ ଆଚାର୍ଯ୍ୟ, ସାବତପୁଅ ସତ୍ୟଜିତ ଓ ସାବତ ବୋହୂ ରୀତା ଆଚାର୍ଯ୍ୟ ତାଲା ଭାଙ୍ଗି ସମସ୍ତ ଆସବାସପତ୍ର ଓ ଘରକୁ ନିଜ କବ୍‌ଜାକୁ ନେଇଗଲେ। ସ୍ଥାନୀୟ ଆଇଆଇସି ସୁଧୀର ସାହୁ, ଏସପି, ଡିସିପିଙ୍କ ସମ୍ଭବତଃ ଅନୁମତି ନେଇ ସେମାନେ ଏହି କଳାକାରନାମା କରିଛନ୍ତି। ଉଚ୍ଚକର୍ତ୍ତୃପକ୍ଷଙ୍କ ପାଖକୁ ଅଭିଯୋଗ ପାଇଁ ଗଲାବେଳକୁ ସମସ୍ତେ କହୁଛନ୍ତି ଏହା ସିଭିଲ କେସ। ଜଣେ ନଥିବାବେଳେ ଜଣଙ୍କ ଘର ଅକ୍ତିଆର କରିବା, ତାଲା ଭାଙ୍ଗିବା, ମାଡ଼ ମାରିବା, ବିଷାକ୍ତ ଛୁଞ୍ଚି ଫୋଡ଼ିବା ଏହା କେଉଁଦିନ ସିଭିଲ କେସ ପର୍ଯ୍ୟାୟରେ ଭାରତୀୟ ସମ୍ବିଧାନ ଉଲ୍ଲେଖ କରିସାରିଲାଣି ଆମେ ଜାଣୁନା। ବଡ଼ ଦୁର୍ଭାଗ୍ୟର କଥା ଏହି ତଥାକଥିତ ବାହାରକୁ ଭଦ୍ରମୁଖା ଦେଖାଇ ଚମତ୍କାର ଅଭିନୟ କରୁଥିବା ଶଶୀକାନ୍ତ ଆଚାର୍ଯ୍ୟ ଏପରି କାର୍ଯ୍ୟରୁ ବିରତ ରୁହନ୍ତୁ ବୋଲି ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ନବକୃଷ୍ଣ ଚୌଧୁରୀ ଓ ମାଳତୀ ଚୌଧୁରୀଙ୍କ ଝିଅ କୃଷ୍ଣା ମହାନ୍ତି, ମିଳିତ ଓଡ଼ିଶା ନିଶାନିବାରଣ ଅଭିଯାନର ସଭାପତି ପଦ୍ମଚରଣ ନାୟକ ଅନୁରୋଧ ପୂର୍ବକ ଯେତେ ବୁଝେଇଲେ ମଧ୍ୟ ଶଶୀକାନ୍ତ ଆଚାର୍ଯ୍ୟ ନିଜ କ୍ଷମତା, ଅର୍ଥ ଓ ପ୍ରତିପତ୍ତିକୁ ଦେଖାଇ ଜୁଲମ କରୁଛନ୍ତି। ଦୁର୍ଭାଗ୍ୟର କଥା ଏହି ଘଟଣା ଗଣମାଧ୍ୟମରେ ପ୍ରକାଶ ପାଇଲା ପରେ ମନୋଜ ସ୍ୱାଇଁ ନାମକ ଜଣେ ଭଦ୍ର ବ୍ୟକ୍ତି, ଏହି ବ୍ୟକ୍ତି ବାସନ୍ତୀ ଆଚାର୍ଯ୍ୟଙ୍କୁ ତାଙ୍କ ଆଡୁ ଫୋନ କରି ମୁଁ ପାଣ୍ଡିଆନଙ୍କ ପିଏ କହୁଛି ମୋତେ ରାତି ଦଶଟା ପରେ ଫୋନ କରନ୍ତୁ। ବିଭିନ୍ନ ଅଭଦ୍ର କଥା କହି ଏହି ତଥାକଥିତ କଜଳପାତିଆ ଭଦ୍ରଲୋକ କୌଣସି ଅସତ୍ ଉଦ୍ଦେଶ୍ୟ ସମ୍ଭବତଃ ରଖିଛନ୍ତି। ଓଡ଼ିଶାରେ ମାଆକୁ ସମ୍ମାନ ଦେଉଥିବା ଲୋକପ୍ରିୟ ସରକାରଙ୍କ ୫ଟି ସଚିବଙ୍କ ନାମ ନେଉଥିବା ଏହି ଭଦ୍ରମୁଖାଧାରୀଙ୍କ ଅସଲ ଚେହେରା ସମ୍ବନ୍ଧରେ ମଧ୍ୟ ତଦନ୍ତ କରାଯାଉ।

ବର୍ତ୍ତମାନ ସମୟରେ ବାଳଶ୍ରମିକ ବିଶେଷକରି ଅସହାୟ ଗରିବ ପିଲାମାନଙ୍କୁ ଥଇଥାନ କରାଯାଉଥିବା କେନ୍ଦ୍ର ପାଇଁ ସରକାର ଓ ଅନେକ ଦାତବ୍ୟ ଅନୁଷ୍ଠାନ, ବ୍ୟକ୍ତିବିଶେଷ ଅପର୍ଯ୍ୟାପ୍ତ ସହଯୋଗ ଦେଉଛନ୍ତି। ସେମାନଙ୍କର ତଥାକଥିତ ପରିଚୟ ନଥିଲେ ବି ସେମାନଙ୍କୁ ସାମାଜିକ ସ୍ରୋତରେ ସାମିଲ କରି ଅନ୍ୟମାନଙ୍କ ସହ ସମକକ୍ଷ କରିବା ପାଇଁ ଏହା ଏକ ସାଧୁ ଉଦ୍ୟମ। ସରକାରଙ୍କ ସହ ଅନେକ ବେସରକାରୀ ସଙ୍ଗଠନ ଓ ଲୋକମାନେ ମଧ୍ୟ ଏ କ୍ଷେତ୍ରରେ ହାତଖୋଲା ଖର୍ଚ୍ଚ କରୁଛନ୍ତି। ତେବେ ଦୁର୍ଭାଗ୍ୟର ବିଷୟ ଗାଡ଼କଣାସ୍ଥିତ ଶଶୀକାନ୍ତ ଆଚାର୍ଯ୍ୟଙ୍କ ଘରେ ଜଣେ ବାର ତେର ବର୍ଷର ନାବାଳକକୁ ଜୋର ଜବରଦସ୍ତ ଘର ଭିତରେ ରଖି ଅତ୍ୟାଚାର କରିବା ସହ ନିଷ୍ଠୁର ଭାବେ ବ୍ୟବହାର ଦେଖାଇ ତା'ଠାରୁ କାର୍ଯ୍ୟ ହାସଲ କରୁଛନ୍ତି। ବିଚରା ଅସହାୟ ଗରିବ ପିଲାଟି ଦାନା ଗଣ୍ଡାଏ ପାଇଁ ଏଠି ଅତ୍ୟାଚାର ଜୁଲମ ସହୁଛି। ଇଏ ହେଉଛି ଶଶୀକାନ୍ତ ଆଚାର୍ଯ୍ୟଙ୍କ ପରିଚାଳନାରେ ରାଉରକେଲାରେ ଥିବା ଏକ ଦାତବ୍ୟ ସଙ୍ଗଠନର ଅନ୍ତେବାସୀ। କିନ୍ତୁ ରାଉରକେଲାର ଅନ୍ତେବାସୀ ଜଣଙ୍କ ଅନୁଷ୍ଠାନର ମୁଣ୍ଡିଆଳ ଶଶୀକାନ୍ତ ଆଚାର୍ଯ୍ୟଙ୍କ ଘରେ ଚାକର ପରି କାର୍ଯ୍ୟ କରୁଛନ୍ତି। ଏ କାର୍ଯ୍ୟରେ ଶଶୀକାନ୍ତ ବାବୁଙ୍କୁ ସାହାଯ୍ୟ କରୁଥିବା ତାଙ୍କ ପ୍ରଥମ ସ୍ତ୍ରୀଙ୍କ ପୁଅ ସତ୍ୟଜିତ ଓ ରୀତା ଯେଉଁମାନେ କି ଅଦାଲତରୁ ଜାମିନରେ ଆସିଛନ୍ତି। ତଥାକଥିତ ଏହି ଘୃଣ୍ୟ ଅପରାଧୀମାନେ ଜେଲଫେରନ୍ତା ହୋଇ ମଧ୍ୟ ସେମାନଙ୍କର ଚୋର ମୁହଁ ଟାଣ ପରି ମୁହଁ ତୋଡ଼ ଯାଇନି। ବାପ୍‌ସେ ବେଟା ଜ୍ୟାଦା ପରି ଶଶୀକାନ୍ତ ଆଚାର୍ଯ୍ୟଙ୍କଠାରୁ ତାଙ୍କ ପୁଅ ସତ୍ୟଜିତର ଗୁଣ୍ଡାମୀ ଓ ଦାଦାଗିରି ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳାଇଦେଇଛି। ତାଙ୍କ ବୋହୂ ରୀତା ଆଚାର୍ଯ୍ୟ ଭୁବନେଶ୍ୱର ସାଂସଦଙ୍କ ସହ ଉଠାଇଥିବା ଫଟୋ ସୋସିଆଲ ମିଡ଼ିଆରେ ଓ ସମସ୍ତଙ୍କୁ ଦେଖାଇ ନିଜ ମିଛ କ୍ଷମତା ଓ ପ୍ରତିପତ୍ତି ଦେଖାଉଛନ୍ତି।

ଆଜିର ସମୟରେ ମାନବାଧିକାର କମିସନର ପରିସୀମା ବୃଦ୍ଧି ହୋଇଥିବା କଥା ଠିକ୍ ନୁହେଁ। ଆମେରିକା ବିପ୍ଳବଠାରୁ ଫରାସୀ ବିପ୍ଳବରେ ମଧ୍ୟ ମାନବାଧିକାର କଥା କୁହାଯାଇଛି। ଜାତିସଂଘର ବିଲ୍ ଅଫ୍ ରାଇଟ୍‌ରେ ଜୀବନ, ସଂପତ୍ତି ଓ ସ୍ୱାଧୀନତା କଥା ଉଲ୍ଲେଖ ରହିଛି। ରାଜ୍ୟରେ ମାନବାଧିକାର କମିସନଙ୍କ ଠାରୁ ଆରମ୍ଭ କରି ଅନେକ କମିସନ ରହିଥିଲେ ହେଁ, ଏଥିରେ କେବଳ ବ୍ୟକ୍ତିଗତ ମାମଲାଗୁଡ଼ିକର ବିଚାରକୁ ଗୁରୁତ୍ୱ ଦିଆଯାଉଛି। ମଧ୍ୟାହ୍ନ ଭୋଜନ ବିଭ୍ରାଟ, ଦାଦନ ଶ୍ରମିକ, ଚାଷୀ ଆତ୍ମହତ୍ୟା, ସର୍ବନିମ୍ନ ମଜୁରୀ ଓ ଶିକ୍ଷା ଅଧିକାର ଭଳି ନୀତିଗତ ବିଚାର ଉପରେ ବିଶେଷ ଗୁରୁତ୍ୱ ଦିଆଯାଉନି। ରାଜ୍ୟରେ ମାନବାଧିକାରର ସୁରକ୍ଷା ପାଇଁ ଯେଉଁ ବାତାବରଣ ସୃଷ୍ଟି ହେବାର ଆବଶ୍ୟକତା ରହିଛି ତାହା ସୃଷ୍ଟି କରିବାରେ ସବୁ କମିସନ ବିଫଳ ହୋଇଛନ୍ତି। ସବୁ ଲୋକ ନିଜର ଅଭିଯୋଗ ନେଇ କମିସନକୁ ଆସିପାରିବେ ନାହିଁ, ଏହାସତ୍ତ୍ୱେ ମଧ୍ୟ ସେମାନଙ୍କର କିଭଳି ମାନବାଧିକାର ସୁରକ୍ଷିତ ରହିବ ତାହାକୁ ଗୁରୁତ୍ୱ ଦେବାର ସମୟ ଆସିଯାଇଛି। ପଡ଼ିରହିଥିବା ମାମଲାଗୁଡ଼ିକର କିପରି ତ୍ୱରିତ ବିଚାର ହେବ କମିସନ ଏଥିପାଇଁ ଏକ ମେକାନିଜିମ୍ ପ୍ରସ୍ତୁତ କରିବା ଦରକାର। ଏହାସହ ଜନସ୍ୱାର୍ଥ ମାମଲାଗୁଡ଼ିକର ତ୍ୱରିତ ବିଚାର କରାଯିବାର ଆବଶ୍ୟକତା ରହିଛି। ରାଜ୍ୟ ସରକାର ମାନବାଧିକାରକୁ କମ୍ ଗୁରୁତ୍ୱ ଦେଉଛନ୍ତି। ଏପରିକି କମିସନ ଯେଉଁ ମାମଲା ଗୁଡ଼ିକରେ କ୍ଷତିପୂରଣ ପ୍ରଦାନ କରିବା ଲାଗି ନିର୍ଦ୍ଦେଶ ଦେଉଛନ୍ତି, ସେଠାରେ ସରକାର କ୍ଷତିପୂରଣ ପ୍ରଦାନ କରିବା ଲାଗି ନିଜର ଅସମର୍ଥତା ପ୍ରକାଶ କରୁଛନ୍ତି। ଏହାସହ କମିସନ ଯେଉଁ ଘଟଣାରେ ନିର୍ଦ୍ଦିଷ୍ଟ ସମୟ ଭିତରେ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବା ଲାଗି ନିର୍ଦ୍ଦେଶ ଦେଉଛନ୍ତି, ଠିକଣା ସମୟରେ ତଦନ୍ତ ରିପୋର୍ଟ ଆସିପାରୁନାହିଁ ବୋଲି ସେ କହିଛନ୍ତି। ରାଜ୍ୟ ମାନବାଧିକାର କମିସନର ସଦସ୍ୟ ଅସୀମ ଅମିତାଭ ଦାସ କହିଛନ୍ତି, ଓଏଚ୍‌ଆରସି ଏବେ ପୂର୍ଣ୍ଣ ସଦସ୍ୟକୁ ନେଇ କାର୍ଯ୍ୟ କରୁଛି। ପୂର୍ବରୁ ଯେଉଁ ପୁରୁଣା ମାମଲା ପଡ଼ି ରହିଛି, ସେସବୁର ବିଚାର କରିବା ଲାଗି ଯଥେଷ୍ଟ ଗୁରୁତ୍ୱ ଦିଆଯାଉଛି। କେବଳ ବ୍ୟକ୍ତିଗତ ସ୍ତରରେ ଯେଉଁ ଅଭିଯୋଗ ହେଉଛି ତା' ନୁହେଁ, ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ମଧ୍ୟ କମିସନ ବିଚାର କରୁଛନ୍ତି। ଟ୍ରାଫିକ ସମସ୍ୟା ହେଉ ବା କୋଭିଡ୍ ଓ କଟକର ବିଭିନ୍ନ ସମସ୍ୟା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ମାତ୍ର ବର୍ତ୍ତମାନ ସମୟରେ ମଧ୍ୟ ଅନେକ ଲୋକ ସେମାନଙ୍କର ମାନବାଧିକାର ସଂପର୍କରେ ସଚେତନ ନୁହନ୍ତି। ତେଣୁ ଆଗାମୀ ଦିନରେ ରାଜ୍ୟବ୍ୟାପୀ ବିଭିନ୍ନ ସ୍ଥାନରେ ଜନସଚେତନତା ଶିବିର ଆୟୋଜନ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି।

*-ବରିଷ୍ଠ ଆଇନଜୀବୀ, ସୁପ୍ରିମକୋର୍ଟ ଅଫ ଇଣ୍ଡିଆ, ୧୨୪ନର୍ଥ ଆଭେନ୍ୟୁ, ନୂଆଦିଲ୍ଲୀ*

# ନାରୀର ଅଧିକାର ଓ ବିଶ୍ୱ ମାନବିକ ଅଧିକାର

**ସୌରଚନ୍ଦ୍ର ମହାପାତ୍ର**



ଆଜି ବିଶ୍ୱ ମାନବିକ ଅଧିକାର ଦିବସ । ଭାରତ ସରକାର ୧୯୯୩ ମସିହାରେ ଜାତୀୟ ମାନବିକ ଅଧିକା[ର] ଆୟୋଗ ଆଇନ ପ୍ରଣୟନ କରିଥିଲେ। ଏହି ଆଇନ ଅନୁଯାୟୀ ମାନବିକ ଅଧିକାର ଅର୍ଥ ସମ୍ବିଧାନ ଦ୍ୱାରା ଏବଂ ଆନ୍ତର୍ଜାତିକ ଚୁକ୍ତିରେ ସନ୍ନିବିଷ୍ଟ ଏବଂ ଭାରତ ବର୍ଷର ଅଦାଲତରେ ପ୍ରବର୍ତ୍ତନୀୟ ବ୍ୟକ୍ତିବିଶେଷଙ୍କ ଜୀବନ, ସ୍ୱାତନ୍ତ୍ର୍ୟ, ସମାନତା ଏବଂ ସମ୍ମାନ ବା ମର୍ଯ୍ୟାଦା ସମ୍ପର୍କୀୟ ଅଧିକାରକୁ ବୁଝାଇବ। ସୂଚନାଯୋଗ୍ୟ ଓଡ଼ିଶାରେ ମାନବିକ ଅଧିକାର କମିଶନ ୨୦୦୩ ମସିହା ଜୁଲାଇ ମାସରେ ସ୍ଥାପିତ ହୋଇଛି। ନାରୀ ନିର୍ଯ୍ୟାତନା ରୋକିବା ଲାଗି ଯେଭଳି ମହିଳା ସଂଗଠନ ଗଠନ କରାଯାଇଛି, ଠିକ୍ ସେହିଭଳି ମାନବିକ ସୁରକ୍ଷା ଲାଗି ଜାତୀୟ ମାନବିକ ଅଧିକାର କମିଶନ୍ ଗଠନ କରାଯାଇଛି। ଆମ ରାଜ୍ୟରେ ୨୦୦୩ ମସିହାରୁ ମାନବିକ ଅଧିକାର କମିଶନ ଗଠନ ହେବା ପରଠାରୁ ଦେଖାଯାଉଛି ମହିଳାମାନେ ବିଶେଷକରି ମାନବିକ ଅଧିକାର ସଂକ୍ରାନ୍ତରେ ତ୍ୱରିତ ନ୍ୟାୟ ପାଇବାରେ ସକ୍ଷମ ହେଉଛନ୍ତି, ଏଥିପାଇଁ ରାଜ୍ୟ ସରକାରଙ୍କ ଆନ୍ତରିକତା ଓ ପ୍ରଚେଷ୍ଟା ପ୍ରଶଂସନୀୟ। ବିଭିନ୍ନ ମହିଳା ବିକାଶ କାର୍ଯ୍ୟକ୍ରମଠାରୁ ଥାନାରେ ମହିଳା ଡେସ୍କ ପ୍ରଚଳନ ଓ ସଭ୍ୟତାର ବିକାଶ ଦେଖିନଥିବା ଜଙ୍ଗଲୀ ମୁଲକର ସାଧାରଣ ଆଦିବାସୀ ମହିଳାଟି ନିଜର ମାନବିକ ଅଧିକାର ନେଇ ଦାବି ଉପସ୍ଥାପନ କଲାମାତ୍ରେ ତତ୍କାଳ ସୁଫଳ ପାଇପାରୁଛି।

କେବେ ବାଧ୍ୟବାଧକତାରେ ତ କେବେ ମାନ୍ୟବର ନ୍ୟାୟାଧୀଶଙ୍କ ପ୍ରଗତିଶୀଳ ଦୃଷ୍ଟିଭଙ୍ଗୀ ଯୋଗୁଁ ନାରୀ ପାଇଛି ସମ୍ମାନର ସହ ବଞ୍ଚିବାର ଅଧିକାର। ଆଇନର ଆଖି ଏବେ ଉଭୟ ପୁରୁଷ ଓ ନାରୀଙ୍କୁ ସମଦୃଷ୍ଟିରେ ଦେଖିବାର ପ୍ରୟାସ ଆରମ୍ଭ କରିଛି। କିଛି ଦଶନ୍ଧି ପୂର୍ବକୁ ଫେରିଗଲେ ଆମେ ଏମିତି ଅନେକ ଆଇନଗତ ଉଦାହରଣ ଦେଖିବାକୁ ପାଇବା। ଯାହା ପ୍ରମାଣିତ କରେ କିଭଳି ନ୍ୟୂନ ଅବସ୍ଥାରେ ଥିଲେ ଭାରତୀୟ ନାରୀ। ୧୯୩୮ ମସିହାରେ ଅଦାଲତରେ ଏମିତି ଅନେକ ମାମଲାର ଶୁଣାଣି ହୋଇଛି। ଯେଉଁଥିରେ ପତ୍ନୀକୁ ମାରପିଟ୍ କରିବା ସହ ଗାଳିଗୁଲଜ କରିବା ଭଳି ଅପରାଧକୁ ବିବେଚନା କରାଯାଇନଥିଲା। ୧୯୩୬ ମସିହାରେ ମାଡ୍ରାସର ସୁବିୟା ରୋଜାନ ଯେତେବେଳେ ନିଜର ୨୦ ବର୍ଷୀୟା ପତ୍ନୀକୁ ପିଟୁଥିଲେ ମଝିରେ ତାଙ୍କ ଶାଶୁ ତାଙ୍କୁ ଛଡ଼ାଇବାକୁ ଆସିଲେ। ସୁବିୟାଙ୍କ ମାଡ଼ରେ ତାଙ୍କ ଶାଶୁଙ୍କର ମୃତ୍ୟୁ ହେଲା। ଏହି ମାମଲାରେ ଅଦାଲତ ନିଷ୍ପତ୍ତି ଥିଲା ଅବିବେକୀ ଯେ ପତ୍ନୀକୁ ପତି ବାଡ଼େଇପାରିବେ। ସେସନ୍ ଜଜ୍ ଓଲଟ ପୋଲିସ ଉପରେ ରାଗିଥିଲେ ଯେ ପତ୍ନୀଙ୍କୁ ପିଟିବାର ଅଭିଯୋଗ କାହିଁକି ସେ ସ୍ୱାମୀଙ୍କ ଉପରେ କଲେ। ଅବଶ୍ୟ ଉଚ୍ଚ ନ୍ୟାୟାଳୟ ସେସନ୍ ଜଜ୍‌ଙ୍କ କଥାରେ ହଁ ନକରି କହିଥିଲେ ଯେ ଏମିତି କୌଣସି ନିୟମ ନାହିଁ ଯେ ସ୍ୱାମୀ ଯେତେବେଳେ ଚାହିଁବେ ପତ୍ନୀଙ୍କୁ ବାଡ଼େଇପାରିବେ।

**ଧର୍ମଗ୍ରନ୍ଥ ଆଧାରରେ ଆଇନ:** ଏହି ନିଷ୍ପତ୍ତି ସମୟରେ ସାରା ଦେଶରେ ଏକପ୍ରକାର ଆନ୍ଦୋଳନ ଅବସ୍ଥା ଆସିଗଲା। ଦେଖାଗଲା ଯେ, କି କୋରାନ, ବାଇବେଲ୍ ମନୁସ୍ମୃତି ଆଧାରରେ ପତ୍ନୀଙ୍କୁ ପିଟିବା ସ୍ୱାମୀଙ୍କ ଅଧିକାରରେ ଆସୁଛି। ଅଦାଲତ ପଛେ ନିଷ୍ପତ୍ତି ନେଇ ନ ପାରୁ ଯେ ପତି ପତ୍ନୀଙ୍କୁ ପିଟିବା ଠିକ୍ କି ନାହିଁ, କିନ୍ତୁ ଏକଥା ନିଶ୍ଚିତ କରିଦେଲା ଯେ, ଯଦି ପତି ପତ୍ନୀର ନାକ କାଟିଦିଏ, ତାହା ହେଲେ ଏହା ନିଶ୍ଚିତ ଭାବେ ପତିର କ୍ରୁରତା। ଏଭଳି ଘଟଣାକୁ ନେଇ ପରବର୍ତ୍ତୀ କାଳରେ ନାରୀ ପାଇଁ ବିଚାରଧାରାରେ ଅନେକ ଆଇନ ପ୍ରବର୍ତ୍ତିତ ହୋଇଛି। ଯେଉଁ ଆଇନଗୁଡ଼ିକ ହେଉଛି:-

**ଫ୍ୟାକ୍ଟ୍ରି ଆଇନ (୧୯୪୮):** କଳକାରଖାନାରେ କାମ କରୁଥିବା ମହିଳାମାନଙ୍କ ସୁରକ୍ଷା ପାଇଁ ଏହି ବିଲ୍ ପ୍ରଣୟନ କରାଯାଇଛି। ଏହାଦ୍ୱାରା ମହିଳାମାନଙ୍କ ପାଇଁ ଶୌଚାଳୟ, ପିଇବା ପାଣି, ତାଙ୍କ ପିଲାମାନେ କିପରି ସୁରକ୍ଷିତ ରହିପାରିବେ ଓ କେମିତି ପରିବେଶରେ ରହିବେ ଦୃଷ୍ଟି ଦିଆଯିବ। **ସ୍ପେଶାଲ୍ ମ୍ୟାରେଜ୍ ଆକ୍ଟ (୧୯୫୪):** ଏହି ଆଇନ ଅନୁସାରେ ଝିଅକୁ ବିବାହ ପାଇଁ ଅତିକମ୍‌ରେ ୧୮ବର୍ଷ ହେବା ଦରକାର। ଆଉ ସେ ନିଜ ଇଚ୍ଛାରେ ବିବାହ କରିପାରିବ। ଯଦି ଚାହିଁବ ଅନ୍ୟ ଜାତିରେ ମଧ୍ୟ ବିବାହ କରିପାରିବ। **ଚାଇଲ୍ଡ ଆଡ଼ପ୍ସନ ଆଣ୍ଡ ମେଣ୍ଟେନାନ୍ସ ଆକ୍ଟ (୧୯୫୬):** ଏହି ଆଇନ ଅନୁସାରେ ମାଆ ନିଜ ସନ୍ତାନର ଅଭିଭାବକ ହେବା ପାଇଁ ଦାବି କରିପାରିବ। ସ୍ୱାମୀ ତାକୁ ଛାଡ଼ି ଅନ୍ୟତ୍ର ରହୁଥିଲେ ସେ ସ୍ୱାମୀଙ୍କଠାରୁ ଭରଣ-ପୋଷଣ ବାବଦରେ ତାଙ୍କ ରୋଜଗାରର ଏକ ତୃତୀୟାଂଶ ପାଇପାରିବ। **ସଂପତ୍ତିଗତ ଅଧିକାର (୧୯୩୯):** ଝିଅ ଯଦି ବିଧବା, ପତି ପରିତ୍ୟକ୍ତା ଓ ଭିନ୍ନକ୍ଷମ ହୋଇଥାଏ ତାହାହେଲେ ସେ ବାପଘରେ ରହିପାରିବ। **ହିନ୍ଦୁ ସକ୍‌ସେସନ୍ ଆକ୍ଟ (୧୯୫୬):** ଏହି ଆଇନ ଅନୁସାରେ ପୁଅଝିଅଙ୍କର ସଂପତ୍ତି ଉପରେ ସମାନ ଅଧିକାର ରହିବ। ଅବଶ୍ୟ ଏହା କେବଳ ହିନ୍ଦୁ ଝିଅମାନଙ୍କ ପାଇଁ। ଯଦି ପଦୋନ୍ନତି ହେବାର ଥାଏ ତାହାହେଲେ ତାକୁ ରୋକାଯିବ ନାହିଁ। ତେବେ ଓଡ଼ିଶାରେ ଏକ ପ୍ରସୂତିକାଳୀନ ଛୁଟି ୩ ମାସ ଥିବା ବେଳେ ଅନ୍ୟ ରାଜ୍ୟରେ ୬ ମାସ ରହିଛି। ଏହି ଛୁଟି ସମୟ ସରକାରୀ ଓ ବେସରକାରୀ ସଂସ୍ଥାରେ କାମ କରୁଥିବା ମହିଳାମାନଙ୍କୁ ଦିଆଯିବ। **ଦରମା ଅଧିକାର:** ଏହି ଅଧିକାରରେ ନାରୀ ଓ ପୁରୁଷ ସମାନ ଦରମା ପାଇବେ । ଯେକୌଣସି ସ୍ତରରେ କାମ କରୁଥିବା ମହିଳା ଓ ପୁରୁଷମାନଙ୍କ ପାଇଁ ଏହି ଆଇନ ଲାଗୁ ହେବ। **ଯୌତୁକ ବିରୋଧୀ ଆଇନ (୧୯୬୧):** ଏହି ଆଇନ ଅନୁସାରେ ଯୌତୁକ ନେବା ଓ ଦେବା ହେଉଛି ଉଭୟ ଅପରାଧ। ଏଥିରେ ଉଭୟ ବରପକ୍ଷ ଓ କନ୍ୟାପକ୍ଷ ଦଣ୍ଡିତ ହେବେ। **ଇଣ୍ଡିସେଣ୍ଟ ରିପ୍ରେଜେଣ୍ଟେସନ୍ ଅଫ୍ ଓମେନ୍ (ପ୍ରୋହିବିସନ୍ ଆକ୍ଟ) ୧୯୮୬):** ଏହି ଆଇନ ଅନୁସାରେ ନାରୀମାନଙ୍କୁ ଅଶ୍ଳୀଳ ଭାବରେ ଚିତ୍ରିତ କରାଯାଇପାରିବ ନାହିଁ। ଅଶ୍ଳୀଳ ଦ୍ୱିଅର୍ଥବୋଧକ ଗୀତ, ଖବରକାଗଜର ଅଶ୍ଳୀଳ ଫଟୋ ଛପାଗଲେ ଜେଲ ଜୋରିମାନା ସହିତ ଦଣ୍ଡ ବ୍ୟବସ୍ଥା ରହିଛି। **ନ୍ୟାସନାଲ୍ କମିଶନ ଅଫ୍ ଓମେନ୍ ଆକ୍ଟ (୧୯୯୦):** ଏହି ଆଇନ ଅନୁସାରେ ମହିଳାମାନଙ୍କୁ ସୁରକ୍ଷା ଦେବା




ପାଇଁ ଜାତୀୟ ଓ ରାଜ୍ୟସ୍ତରରେ ମହିଳା କମିଶନ ଖୋଲାଯାଇଛି। **କନ୍ୟାଭ୍ରୂଣ ହତ୍ୟାବିରୋଧୀ ଆଇନ (୨୦୦୨):** ଏହି ଆଇନ ଅନୁସାରେ କନ୍ୟାଭ୍ରୂଣ ନଷ୍ଟ କରିଥିବା ଡାକ୍ତରଙ୍କ ଲାଇସେନ୍ସ ରଦ୍ଦ କରାଯିବା ସହିତ ସେମାନଙ୍କୁ ଜୋରିମାନା ଓ ଜେଲଦଣ୍ଡରେ ଦଣ୍ଡିତ କରାଯିବ। **ପ୍ରୋଟେକ୍ଟ ଅଫ୍ ଓମେନ୍ ଫ୍ରମ୍ ଡୋମେଷ୍ଟିକ୍ ଭାଓଲେନ୍ସ ଆକ୍ଟ (୨୦୦୫):** ପୂର୍ବରୁ ପତି ପତ୍ନୀଙ୍କ ମଧ୍ୟରେ ଝଗଡ଼ା ଥିଲେ ପତି ପତ୍ନୀଙ୍କୁ ବାହାର କରିଦେଉଥିଲେ। ପତ୍ନୀ ଏକୁଟିଆ ବା ବାପଘରେ ଯାଇ ରହୁଥିଲେ। କିନ୍ତୁ ବର୍ତ୍ତମାନ ଆଇନ ଅନୁସାରେ ଛାଡ଼ପତ୍ର ନ ହେବା ପର୍ଯ୍ୟନ୍ତ ସ୍ତ୍ରୀକୁ ସ୍ୱାମୀ ବା ତାଙ୍କ ପରିବାରର କେହି ବାହାର କରିପାରିବେ ନାହିଁ। **କମ୍ପଲସରି ରେଜିଷ୍ଟ୍ରେସନ୍ ଅଫ୍ ମ୍ୟାରେଜ ଆକ୍ଟ:** କମ୍ ଦିନ ତଳେ ଏହି ଆଇନ ଲାଗୁ ହୋଇଛି। ଯେଉଁଥିରେ କି ବିବାହ ପଞ୍ଜିକରଣକୁ ବାଧ୍ୟତାମୂଳକ କରାଯାଇଛି । କର୍ମଜୀବୀ ମହିଳା ୧୯୯୯ ମସିହାରେ ହୋଇଥିବା ଏହି ଆଇନ ଅନୁସାରେ କର୍ମକ୍ଷେତ୍ରରେ ଯୌନ ନିର୍ଯାତନା ଭୋଗୁଥିବା ମହିଳାମାନଙ୍କ ପାଇଁ ଅଭିଯୋଗ କମିଟି କରାଯାଇ ଦୋଷୀକୁ ଦଣ୍ଡ ଦିଆଯାଇଥାଏ। ୨୦୦୪ରେ ପ୍ରଣୟନ କରାଯାଇଥିବା ଏକ ଆଇନ ଅନୁସାରେ ଯଦି ସ୍ୱାମୀଙ୍କର ଦୁଇଜଣ ପତ୍ନୀ ରହିବେ ତେବେ ଦ୍ୱିତୀୟ ପତ୍ନୀ ମଧ୍ୟ ସ୍ୱାମୀଙ୍କ ସଂପତ୍ତିରୁ ଅଧିକାର ପାଇବା ସହିତ ତା'ର ପିଲାମାନେ ମଧ୍ୟ ସଂପତ୍ତିରୁ ଅଧିକାର ପାଇପାରିବେ।

କେନ୍ଦ୍ରସରକାର ସ୍ୱତନ୍ତ୍ର ଭାବରେ ମହିଳା ସଶକ୍ତିକରଣ ପାଇଁ ଅନେକ ଜନାଭିମୁଖୀ ପ୍ରଶଂସନୀୟ କାର୍ଯ୍ୟକ୍ରମ ହାତକୁ ନେବା ସହ ମହିଳା ସ୍ୱୟଂସହାୟକ ସଂଗଠନ ମାଧ୍ୟମରେ ସେମାନଙ୍କର ବିକାଶ ପାଇଁ ବ୍ୟାପକ କାର୍ଯ୍ୟକ୍ରମ ଜାରି ରଖିଛନ୍ତି। ଏ କ୍ଷେତ୍ରରେ ରାଜ୍ୟ ସରକାରମାନେ ମଧ୍ୟ ନିଷ୍ଠାପର ଭାବରେ ସହଯୋଗର ହାତ ବଢ଼ାଇଛନ୍ତି। ମାନବିକ ଅଧିକାର କ୍ଷେତ୍ରରେ ମହିଳାମାନଙ୍କୁ ସ୍ୱତନ୍ତ୍ର ଭାବରେ ସେମାନଙ୍କ ଅଧିକାର ସାବ୍ୟସ୍ତ ପାଇଁ ସେମାନଙ୍କୁ ପ୍ରତ୍ୟକ୍ଷ ଗଣତନ୍ତ୍ରରେ ସାମିଲ ପାଇଁ ସୁଯୋଗ ମଧ୍ୟ ସୃଷ୍ଟି କରିଛନ୍ତି ସରକାର। ଗଣମାଧ୍ୟମରେ ବ୍ୟାପକ ଭାବରେ ମହିଳାମାନଙ୍କ ମାନବିକ ଅଧିକାର ପ୍ରତିଷ୍ଠା ପାଇଁ ପ୍ରେରଣାଦାୟକ ଫିଚର୍ ସହ ସ୍ୱତନ୍ତ୍ର ରିପୋର୍ଟିଂ ପ୍ରସ୍ତୁତ ହେଉଥିବାରୁ ଏହା ସମସ୍ତଙ୍କ ଉପରେ ପ୍ରଭାବ ପକାଇ ପାରୁଛି। ତେଣୁ ବିଶ୍ୱ ମାନବିକ ଅଧିକାର ଦିବସ ଅବସରରେ ମହିଳାମାନଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ମାନବିକ ଅଧିକାର କ୍ଷେତ୍ରରେ ସମସ୍ତଙ୍କ ଭୂମିକାକୁ ସ୍ମରଣ କରିବାର ଦିନ।

*-ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, 'ସତ୍ୟାଳୟ' ପ୍ଲଟ ନଂ-୧୦୮୭/ଡ଼ି, ସେକ୍ଟର-୬, କଟକ, ଇମେଲ : soura999mohapatra@gmail.com*




# ‘ତାତ ଜନନୀ ଉପକାର, ଶୁଝି କେ ପାରିବ କୁମର...’



ଶ୍ରୀମଦ୍ ଭାଗବତରେ ନିଜ ଜୀବନ୍ତ ଭଗବାନ ସଦୃଶ ନିଜ ପିତାମାତାଙ୍କ ସେବାକର୍ମ ପ୍ରତି ଉଲ୍ଲେଖ ରହି ଲେଖା ହୋଇଛି - ‘ଆଚାର୍ଯ୍ୟ ବ୍ରହ୍ମାର ମୂରତି, ପିତା ପ୍ରତ୍ୟକ୍ଷେ ପ୍ରଜାପତି। ଭ୍ରାତା ଯେ ମୂରତି ଇନ୍ଦ୍ରର, ମାତା ସାକ୍ଷାତ ପୃଥିବୀର। ଅଗ୍ନି ମୂରତି ଅଭ୍ୟାଗତ, ଆତ୍ମାର ମୂର୍ତ୍ତି ସର୍ବଭୂତ। ତାତ ଜନନୀ ଉପକାର, ଶୁଝି କେ ପାରିବ କୁମର। ଗର୍ଭେ ବହନ୍ତି ଦୁଃଖ ସହି, ପୁଣି ପାଳନ୍ତି କ୍ଷୀର ଦେଇ। ସର୍ବ ସମ୍ପଦ ପୁଣି ଦେଇ, ତାହାଙ୍କ ପୋଷଣେ ଜୀଅଇ। ତାହାଙ୍କ ପ୍ରତି ଉପକାରେ, ଶତ ବରଷେ କେହୁ ପାରେ।’ ଯାହାଙ୍କଠାରୁ ଆମେ ଜନ୍ମ ନେଇଛନ୍ତି, ଯିଏ ଆମର ସୃଷ୍ଟିକର୍ତ୍ତା, ଯାହାଙ୍କ ଆଶୀର୍ବାଦରୁ ଆମେ ଏଡ଼ିକିଟିଏରୁ ଏତୁଟିଏ ହେଇଛୁ, ଯିଏ ଆମ ପାଇଁ ପ୍ରତ୍ୟକ୍ଷ ଦେବତା; ସିଏ ହେଉଛନ୍ତି ଆମର ପିତାମାତା। ଏଣୁ - ‘ପିତା ନାହିଁ ଯାହାର ସାହା ନାହିଁ ତାର, ପିତା ମାତା ସବୁ କିଛି ପିତାମାତା ପାଦ ଯେ ଜନ ସେବିଛି, ସେହୁଟି ସର୍ବ ଲଭିଛି।’ ବାସ୍ତବରେ ପିତାମାତା ହେଉଛନ୍ତି ଆମର ପ୍ରତ୍ୟକ୍ଷ ଦେବତା। ତାଙ୍କର ବାର୍ଦ୍ଧକ୍ୟ ସମୟରେ ତାଙ୍କୁ ହତାଦର କରିବା ବା ଅବମାନନା କରିବା ଅନୁଚିତ। କେବଳ ଯେ ପିତାମାତା ତାହା ନୁହଁନ୍ତି; ସମସ୍ତ ବୟସ୍କ ଆମର ଅଗ୍ରପୂଜ୍ୟ। ସେମାନଙ୍କୁ କୁହାଯାଏ ଶ୍ରେଷ୍ଠ ମାନବ। ‘ମା’ ଅର୍ଥ ସୃଷ୍ଟି, ‘ନବ’ ଅର୍ଥ ନୂଆ। ଯାହାଙ୍କ ଠାରୁ ଆମେ ନୂଆ ପ୍ରେରଣା ପାଇଥାଉ। ତେଣୁ ସେ ହେଉଛନ୍ତି ଆମର ସବୁକିଛି। ଆଜିର ଭୋଗସର୍ବସ୍ୱ ସମୟର ମୁହୂର୍ତ୍ତରେ ଆମ୍ଭେମାନେ ପ୍ରାୟତଃ ନିଜ ନିଜ ସ୍ୱାର୍ଥକୁ ପ୍ରାଧାନ୍ୟ ଦେଇ ପଛେଇ ଦେଉଛେ ନିଜ ପିତାମାତାଙ୍କ ସେବାଯତ୍ନକୁ। ଯେଉଁମାନଙ୍କ ଇଚ୍ଛା ଓ ସଂକଳ୍ପର ଫଳସ୍ୱରୂପ ଆମ୍ଭେମାନେ ଆଜି ଏ ଦୁନିଆର ଆଲୋକ ଦେଖିବାକୁ ସମର୍ଥ ହୋଇଛୁ, ଏ ସୁନ୍ଦର ଶରୀର ପାଇଛୁ ଆଉ ପ୍ରତିଟି ମୁହୂର୍ତ୍ତରେ ମାନବୀୟ ମୂଲ୍ୟବୋଧକୁ ଅନୁଭବ କରିଛୁ, କିନ୍ତୁ ସେହିମାନଙ୍କ ଅତୁଳନୀୟ ଓ ଅକଳ୍ପନୀୟ ପ୍ରତିଦାନକୁ ଆମେ ପ୍ରତି ମୁହୂର୍ତ୍ତରେ ଭୁଲିଯାଉଛେ ସତେଯେପରି। ନିକଟରେ କେତେକ ଗଣମାଧ୍ୟମରେ ପ୍ରକାଶ ପାଇଥିବା ଖବର କାଗଜର ତଥ୍ୟ ଅନୁଯାୟୀ କେବଳ ଭାରତରେ ନୁହେଁ ଓଡ଼ିଶାର ବିଭିନ୍ନ ସ୍ଥାନରେ ପିତାମାତାଙ୍କ ପ୍ରତି ନିର୍ଯାତନା ଦେଉଥିବାର ହତଭାଗା ପୁଅ ମାନଙ୍କର କୁକୀର୍ତ୍ତିର ଖବର ପୃଷ୍ଠା ମଣ୍ଡନ କରୁଛି ଯାହାକି ନିଶ୍ଚିନ୍ତ ଭାବରେ ଆମମାନଙ୍କ ମାନବିକତାକୁ ଏକ ଧିକ୍କାର୍। ଏହା ସତ୍ତ୍ୱେ ଆମ୍ଭମାନଙ୍କ ପରି ନିଜକୁ ବ୍ରହ୍ମଜ୍ଞାନୀ ବିଚାର କରୁଥିବା ବୁଦ୍ଧିମାନ ବ୍ୟକ୍ତିମାନେ ଯେ କିପରି ନିଜ ସୁଖ ଓ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ଆମର ଜୀବନ୍ତ ଈଶ୍ୱରମାନଙ୍କୁ ହତାଦାର କରୁଛେ ତାହା ଆମ ସମାଜର ଆଇନାରେ ସୁସ୍ପଷ୍ଟ।

ଭାରତର ଶାସ୍ତ୍ର ଓ ପୁରାଣରେ ସ୍ପଷ୍ଟ ଭାବେ ଉଲ୍ଲେଖ ରହିଛି ଯେ ଯେଉଁ ପିଲାମାନେ ନିଜ ବାପାମାଆଙ୍କ ସେବା କରିଥାନ୍ତି ସେମାନେ ସ୍ୱର୍ଗସୁଖର ପୁଣ୍ୟ ପାଇଥାନ୍ତି। କିନ୍ତୁ ଆମ୍ଭେମାନେ ତାକୁ ହେୟଜ୍ଞାନ କରୁଛୁ। ଭାରତରେ ପିତାମାନଙ୍କ ଭରଣପୋଷଣ ହେଉ ବା ସେମାନଙ୍କୁ କୌଣସି ଯନ୍ତ୍ରଣା ବା କଷ୍ଟ ନ ଦେବା ପାଇଁ ବିଭିନ୍ନ ଆଇନରେ ନିର୍ଦ୍ଦେଶନାମା ସ୍ପଷ୍ଟ ଉଲ୍ଲେଖ ରହିଛି। ତାହାସତ୍ତ୍ୱେ ଅଧିକାଂଶ କ୍ଷେତ୍ରରେ ନିର୍ଯାତିତ ହେଉଥିବା ପିତାମାତା- ମାନେ ନିଜ ପିଲାମାନଙ୍କର ଏପରି କ୍ରୁର ବ୍ୟବହାର ଓ ନିର୍ଯାତନା ପାଇ ମଧ୍ୟ ସେମାନଙ୍କ ଭଲ କାମନା କରି କୌଣସି ଅଭିଯୋଗ କରିବାକୁ ଆଗେଇ ଆସିନଥାନ୍ତି। ଏଠାରେ ଏକ ସତ୍ୟ ଘଟଣା ଉପରେ ଆଧାରିତ ଉଦାହରଣଟିଏ ଦେଉଛୁ। ଭୁବନେଶ୍ୱର ମଞ୍ଚେଶ୍ୱର ଥାନା ଅଞ୍ଚଳ ଗାଡ଼କଣରେ ବାସନ୍ତୀ ଆଚାର୍ଯ୍ୟ ରୁହନ୍ତି। ତାଙ୍କ ସ୍ୱାମୀ ଶଶୀକାନ୍ତ ଆଚାର୍ଯ୍ୟ ଓ ସାବତ ପୁଅ ସତ୍ୟଜିତ ଓ ବୋହୂ ରୀତା ଆଚାର୍ଯ୍ୟ, ବାସନ୍ତୀ ଆଚାର୍ଯ୍ୟ ଘରେ ନଥିବାବେଳେ ତାଙ୍କ ତାଲା ଭାଙ୍ଗି ସମସ୍ତ ଆସବାସପତ୍ର ଅକ୍ତିଆର କଲେ। ଇଏ ହେଉଛନ୍ତି ସେହି ସତ୍ୟଜିତ ଯାହାଙ୍କୁ ମଣିଷ କରି ଗଢ଼ି ତୋଳିବା ପାଇଁ ବାସନ୍ତୀ ଦେବୀ ନିଜ ଜୀବନର ମୂଲ୍ୟବାନ ସମୟ ଉତ୍ସର୍ଗ କରିଛନ୍ତି। ଦୁର୍ଭାଗ୍ୟର କଥା ସତ୍ୟଜିତ ଓ ରୀତା ଆଚାର୍ଯ୍ୟ ତାଙ୍କୁ ମାଡ଼ ମାରିବା ସହ ପିଠିରେ ବିଷାକ୍ତ ଛୁଞ୍ଚି ଫୋଡ଼ିଛନ୍ତି। ତେଣୁ ଏଇଠି ଜଣେ ଅନୁଭବ କରନ୍ତୁ ପ୍ରକୃତରେ ମଣିଷ ସନ୍ତାନସନ୍ତତି କାହିଁକି ଜନ୍ମ କରିଥାନ୍ତି? କ’ଣ ପରିଣତ ବୟସରେ ଆହୁରି ଲୁହ ଓ ଲହୁ ପିଇବା ପାଇଁ?

ଆମ୍ଭେମାନେ ଭୁଲି ଯାଉଛେ ଯେ, ଆମେ ଆମ ପରିବାର ଓ ସମାଜ ପାଇଁ ବୋଝ ଭାବୁଥିବା ଆମ ପିତାମାତାଙ୍କ ପ୍ରତି ଆମେ ଯେଉଁପରି ବ୍ୟବହାର ଦେଖାଉଛେ ଠିକ୍ ସେହିପରି ବ୍ୟବହାର ଯେତେବେଳେ ଆମ୍ଭେମାନେ ପରିଣତ ବୟସରେ ଆମ ପିଲାମାନଙ୍କଠାରୁ ପାଇବା ତାହା ଆମ ମାନଙ୍କ ପାଇଁ କିପରି ସହିବାର ଶକ୍ତି ରଖିବ? କେତେକ କ୍ଷେତ୍ରରେ ଦେଖାଯାଇଥାଏ ଯେ, ସମାଜରେ ବୟସ୍କ ନାଗରିକ ମାନଙ୍କ ପାଇଁ ବିଭିନ୍ନ ସ୍ୱତନ୍ତ୍ର ସୁବିଧା, ସୁଯୋଗ ଓ ସହାୟତାର ବ୍ୟବସ୍ଥା ଥିଲେ ମଧ୍ୟ ଏହା କିଛି କ୍ଷେତ୍ରରେ କାଗଜ କଲମରେ ବନ୍ଧା ଆଇନ ପରି ଲାଗୁଛି ଆଉ କେତେକ କ୍ଷେତ୍ରରେ ସ୍ୱାର୍ଥକୁ ଗୁରୁତ୍ୱ ଦିଆଯାଉଥିବାରୁ ଏହି ଆଇନର କୌଣସି ମୂଲ୍ୟ ରହୁନାହିଁ। ଆପଣମାନେ ଅଧିକାଂଶ କ୍ଷେତ୍ରରେ ଦେଖିଥିବେ ଯାତ୍ରା କରୁଥିବା କୌଣସି ବସ୍‌ରେ ବୟସ୍କ ନାଗରିକଙ୍କ ପାଇଁ ସଂରକ୍ଷଣ ଥିବା ସିଟ୍‌ରେ ଯୁବକମାନେ ବସିଥିବେ କିନ୍ତୁ ନିଜ ଭାଗ୍ୟକୁ ଆଦରି ବରଂ ନୀରବ ରହି ଛିଡ଼ା ହୋଇ କଷ୍ଟର ସହିତ ଯାତ୍ରା କରୁଥିବେ ସେହି ବସ୍‌ରେ ପରିଣତ ବୟସର ନାଗରିକମାନେ। ଏ କ୍ଷେତ୍ରରେ ବିବେକର ଆହ୍ୱାନ କ’ଣ ଆମ୍ଭେମାନେ ସମସ୍ତଙ୍କୁ କାନରେ କହିବାକୁ ପଡ଼ିବ? ଶିଶୁଟିଏ ଜନ୍ମ ହେଲା ଠାରୁ କଥା କହିବା ପର୍ଯ୍ୟନ୍ତ ତା’ ପାଇଁ ପିତାମାତା ଅନେକ କିଛି କରିଥାଆନ୍ତି। ଅନେକ କିଛି ଦୁଃଖ ସହିଥାଆନ୍ତି। ସେମାନଙ୍କର କୌଣସି ଆଶା ନଥାଏ। ପ୍ରତ୍ୟେକ ସନ୍ତାନ ସେମାନଙ୍କର ବୃଦ୍ଧତ୍ୱ ସମୟରେ ତାଙ୍କ ସେବା କରିବା ଶ୍ରେଷ୍ଠ କର୍ତ୍ତବ୍ୟ।

**ଶ୍ୟାମସୁନ୍ଦର ସାମଲ**
*ବିଡ଼ାନାସୀ ବନ୍ଧଛକ, କଟକ, ଦୂରଭାଷ: ୯୭୭୮୬୩୫୯୨୬*

# ନୋବେଲ ପୁରସ୍କାରର ଜନକ ଆଲଫ୍ରେଡ୍ ନୋବେଲ





ଆଲଫ୍ରେଡ୍ ନୋବେଲ ୧୮୩୩ ମସିହାରେ ଷ୍ଟକ୍‌ହୋମଠାରେ ସ୍ୱିଡିଶ ପରିବାରରେ ଜନ୍ମ ନେଇଥିଲେ। ପିତା ଇମାନୁଏଲ୍ ଥିଲେ ଜଣେ ଇଂଜିନିୟର ତଥା ଉଦ୍ଭାବକ। କିନ୍ତୁ ପିଲାଦିନରୁ ବିସ୍ଫୋରକ ପ୍ରତି ଆଗ୍ରହ ଥିଲା ଆଲଫ୍ରେଡଙ୍କର। ସେ ଏହି ଦିଗରେ ଅଧିକ ଅଧ୍ୟୟନ ପାଇଁ ଉତ୍ସାହୀ ଥିଲେ। ତେବେ ଏ ବିଷୟରେ ପ୍ରାଥମିକ ଜ୍ଞାନ ମିଳିଥିବା ତାଙ୍କ ପିତାଙ୍କଠାରୁ। ଇମାନୁଏଲ୍‌ଙ୍କର ନାନା ପ୍ରକାର ବ୍ୟବସାୟରେ କ୍ଷତି ହେବା ପରେ ସେ ୧୮୩୭ ମସିହାରେ ସେଣ୍ଟ ପିଟର୍ସବର୍ଗକୁ ଚାଲିଯାଇଥିଲେ। ସେଠାରେ ସେ ବିଭିନ୍ନ ଯନ୍ତ୍ରପାତି ଏବଂ ବିସ୍ଫୋରକ ଉତ୍ପାଦନ ଆରମ୍ଭ କଲେ। ଆଧୁନିକ ପ୍ଲାଇଉଡ୍ ମଧ୍ୟ ସେ ପ୍ରସ୍ତୁତ କରିଥିଲେ। ପିଲାଦିନରୁ ବିସ୍ଫୋରକ ଏବଂ ରସାୟନ ପ୍ରତି ଆଗ୍ରହୀ ଥିବା ଆଲଫ୍ରେଡ୍ ୧୮ବର୍ଷ ବୟସରେ ରସାୟନ ବିଜ୍ଞାନରେ ଉଚ୍ଚତର ଅଧ୍ୟୟନ ପାଇଁ ପ୍ରଥମେ ପ୍ୟାରିସ୍ ଏବଂ ପରେ ଆମେରିକାକୁ ଯାଇଥିଲେ। ସେ ଏକାଧିକ ୟୁରୋପୀୟ ଦେଶରେ ଶିକ୍ଷାଲାଭ କରିଥିବାରୁ ପରିଷ୍କାର ଓ ଅନର୍ଗଳ ଭାବରେ ପାଞ୍ଚୋଟି ଭାଷା ବିଶେଷକରି ଇଂରାଜୀ, ଫ୍ରେଞ୍ଚ, ସ୍ୱିଡିଶ, ରୁଷିଆନ ଓ ଜର୍ମାନ ଭାଷାରେ କହି ଓ ଲେଖିପାରୁଥିଲେ। ସେ ତାଙ୍କ ବାପାଙ୍କ ପ୍ରୋତ୍ସାହନ କାରଣରୁ ବିସ୍ଫୋରକ ଉପରେ କାର୍ଯ୍ୟ ଆରମ୍ଭ କରି ଦେଇଥିଲେ। ବହୁ ପରୀକ୍ଷା ନିରୀକ୍ଷାପରେ ସେ ଏକ ସ୍ପର୍ଶକାତର ବିସ୍ଫୋରକ ପ୍ରସ୍ତୁତ କରିଥିଲେ ଯାହାକୁ ୧୮୬୬ରେ ଡିନାମାଇଟ୍ ରୂପେ ନାମିତ କରାଗଲା।

ନୋବେଲଙ୍କ ଉଦ୍ଭାବନ ଖଣି, ପୂର୍ତ୍ତ, କୋଠା ନିର୍ମାଣ, ସୁଡ଼ଙ୍ଗ ଖୋଳା ଇତ୍ୟାଦିରେ ବୈପ୍ଳବିକ ପରିବର୍ତ୍ତନ ଆଣିଥିଲା। ତାଙ୍କର ଉଦ୍ଭାବନ ଡିନାମାଇଟ୍ ବ୍ୟତୀତ ଅନ୍ୟାନ୍ୟ କ୍ଷେତ୍ରରେ ବିଶେଷକରି ରସାୟନ ବିଦ୍ୟାରେ କୃତ୍ରିମବସ୍ତୁ ଯଥା ରବର ଏବଂ ଚମଡ଼ା ପ୍ରସ୍ତୁତିରେ ସହାୟକ ହୋଇଥିଲା। ତାଙ୍କ ପ୍ରଚେଷ୍ଟାରେ ୫ଟି ମହାଦେଶର ୨୦ଟି ଦେଶରେ ୯୦ଟି ଶିଳ୍ପଶାଳା ଓ ବାଣିଜ୍ୟାଗାର ବା ବ୍ୟବସାୟିକ ସଂସ୍ଥା ଖୋଲା ଯାଇଥିଲା। ତାଙ୍କ ବ୍ୟବସାୟିକ ଉଦ୍ୟମ ଏବଂ ଉଦ୍ୟୋଗ ଶେଷରେ ଏକ ବିଶ୍ୱସ୍ତରୀୟ ଶିଳ୍ପରୂପେ ପରିଗଣିତ ହୋଇ ଯାହାକି ତାଙ୍କ ଆୟର ଏକ ମୁଖ୍ୟ ଉତ୍ସ ରୂପେ ପରିଣତ ହେଲା। ସେ ପାଲଟିଗଲେ ବିଶ୍ୱପତି। ଏବେ ସେଇ ଅର୍ଥ ତାଙ୍କ ଇଚ୍ଛାନୁଯାୟୀ ମଣିଷଜାତିର ସେବାରେ ବିନିଯୋଗ ହେଉଛି ବିଶେଷକରି ନୋବେଲ ପୁରସ୍କାର ଆକାରରେ ପ୍ରତିବର୍ଷ ଯାହାକି ମାନବ ସେବା ପାଇଁ ତଥା ସୃଜନପାଇଁ ପ୍ରେରଣାର ଉତ୍ସ ଓ ଶ୍ରମର ମର୍ଯ୍ୟାଦା ସ୍ୱରୂପ ଅଟେ। ଏମିତି ଏକ ଉତ୍ସର୍ଗୀକୃତ ଜୀବନ ପାଇଁ ଏକ ଘଟଣା ତାଙ୍କ ଆଖି ଖୋଲିଦେଲା। ବିଶ୍ୱର ସବୁଠାରୁ ସମ୍ମାନଜନକ ପୁରସ୍କାର ନୋବେଲ ପୁରସ୍କାର ସ୍ଥାପନର ଇତିହାସ ମଧ୍ୟ ଖୁବ୍ ସମ୍ବେଦନଶୀଳ। ସମ୍ବାଦପତ୍ରରେ ଶୋକବାର୍ତ୍ତାର କେଇଟି ବାକ୍ୟ ବିଖ୍ୟାତ ରସାୟନ୍‌ବିଦ୍, ଇଞ୍ଜିନିୟର, ଉଦ୍ଭାବକ ତଥା ଉଦ୍ୟୋଗପତି ଆଲଫ୍ରେଡ୍ ନୋବେଲଙ୍କ ହୃଦୟ ଓ ମସ୍ତିଷ୍କ ସବୁକିଛିକୁ ଦୋହଲାଇ ଦେଇଥିଲା। ଘଟଣାଟି ୧୮୮୮ ମସିହାର। ଆଲଫ୍ରେଡ୍‌ଙ୍କ ଭାଇ ଲୁଡଭିଗ୍ କେନ୍‌ସରେ ଥିବା ସମୟରେ ମୃତ୍ୟୁବରଣ କଲେ। ଏକ ଫରାସୀ ଖବରକାଗଜ ଭୁଲବଶତଃ ଲୁଡ଼ଭିଗ୍‌ଙ୍କ ବଦଳରେ ଆଲଫ୍ରେଡ୍‌ଙ୍କ ମୃତ୍ୟୁ ଘଟିଛିମାନେ କରି ଖବରକାଗଜରେ ଶୋକ ସମ୍ବାଦଟିଏ ଦେଲେ। ଏହି ଶୋକ ସମ୍ବାଦଟି ପଢ଼ିବା ପରେ ଆଲଫ୍ରେଡ୍ ଚିନ୍ତା କଲେ କ’ଣ ଲୋକମାନେ ମତେ ଏମିତି ଦୃଷ୍ଟିରେ ଦେଖୁଛନ୍ତି? ସେମାନେ ମତେ ଏକ ଦୁଷ୍ଟ ଆତ୍ମା ଭାବରେ ମନେ ରଖିବେ? ଶୋକସମ୍ବାଦର ଶିରୋନାମା ଥିଲା ‘ମୃତ୍ୟୁର ସୌଦାଗର ମୃତ’। ଖବରଟିରେ ତାଙ୍କ ଡିନାମାଇଟ୍ ଆବିଷ୍କାରକୁ ତିରସ୍କାର କରାଯାଇଥିଲା। ଲେଖାଯାଇଥିଲା-ଡଃ ଆଲଫ୍ରେଡ୍ ନୋବେଲ ଯେ ଲୋକମାନଙ୍କୁ ହତ୍ୟା କରିବାର ଦ୍ରୁତତମ ଉପାୟ ଖୋଜି ବାହାର କରି ଧନୀ ପାଲଟି ଯାଇଥିଲେ, ଶେଷରେ ମୃତ୍ୟୁବରଣ କରିଛନ୍ତି। ପତ୍ନୀ ଓ ସନ୍ତାନ ନଥିବା ଆଲଫ୍ରେଡ୍ ଖୁବ୍ ଦୁଃଖିତ ହେଲେ ଏଇ ଖବରଟିରେ। ସେ ଏମିତି ଭାବରେ ଲୋକଙ୍କ ସ୍ମୃତିରେ ରହିବେ ଏ ଚିନ୍ତା ତାଙ୍କୁ ଅସ୍ଥିର କରିଦେଲା। ଶେଷରେ ୧୮୯୫ ମସିହା ନଭେମ୍ବର ୨୭ ତାରିଖରେ ପ୍ୟାରିସ୍‌ସ୍ଥିତ ସ୍ୱିଡ଼ିସ୍ ନରୱେ କ୍ଲବଠାରେ ସେ ନିଜର ଶେଷ ଇଚ୍ଛାପତ୍ର ଏବଂ ଶପଥପତ୍ରରେ ସ୍ୱାକ୍ଷର କଲେ। ଏହି ଇଚ୍ଛାପତ୍ରରେ ପ୍ରତିବର୍ଷ ନୋବେଲ ପୁରସ୍କାର ପ୍ରଦାନ ପାଇଁ ଉଲ୍ଲେଖ କରାଗଲା। ଏଥିପାଇଁ ନିଜ ସମ୍ପତ୍ତିର ୯୪ ପ୍ରତିଶତ ଅଂଶ ସେ ଦାନ କରିଥିଲେ। ସେତେବେଳେ ଏହି ସମ୍ପତ୍ତିର ମୂଲ୍ୟ ଥିଲା ୩୧୨୨୫୦୦୦ ସ୍ୱିଡ଼ିସ୍ ମୁଦ୍ରା। ନୋବେଲ ୧୦ ଡିସେମ୍ବର ୧୮୯୬ରେ ତାଙ୍କ ନିଜ ଘର ସାନରେମୋ ଇଟାଲୀରେ ଶେଷ ନିଦ୍ରା ଯାଇଥିଲେ। ପ୍ରତିବର୍ଷ ତାଙ୍କର ଏହି ମୃତ୍ୟୁ ଦିବସରେ ନୋବେଲ ପୁରସ୍କାର ପାଇଁ ମନୋନୀତ ବ୍ୟକ୍ତିବିଶେଷଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ। ମୃତ୍ୟୁ ପୂର୍ବରୁ ତାଙ୍କ ଇଚ୍ଛାନୁସାରେ ଏ ପୁରସ୍କାର ୧୯୦୧ ଠାରୁ ଦିଆଯାଇଆସୁଛି। ଏଥିପୂର୍ବରୁ ୧୯୬୯ ମସିହାରେ ପ୍ରଥମେ ଅର୍ଥନୀତି ଉପରେ ନୋବେଲ ପୁରସ୍କାର ପ୍ରଦାନ କରାଯାଇଥିଲା। ଆମ ଦେଶରୁ ସର୍ବ ପ୍ରଥମେ ସାହିତ୍ୟରେ ଗୀତାଞ୍ଜଳି ପାଇଁ ରବିନ୍ଦ୍ରନାଥ ଠାକୁର ୧୯୧୩ ମସିହାରେ ନୋବେଲ ପୁରସ୍କାର ପାଇଛନ୍ତି। ୧୯୩୯ ମସିହାରେ ଚନ୍ଦ୍ରଶେଖର ଭେଙ୍କଟରମଣ ବିଜ୍ଞାନ ପାଇଁ ନୋବେଲ ପୁରସ୍କାର ପାଇଛନ୍ତି। ଏହାବ୍ୟତୀତ ଡ. ହରଗୋବିନ୍ଦ ଖୁରାନା (ବିଜ୍ଞାନ), ଅମର୍ତ୍ତ୍ୟ ସେନ (ଅର୍ଥନୀତି) ଏବଂ ମଦର ଟେରେସା (ଶାନ୍ତି) ପାଇଁ ନୋବେଲ ପୁରସ୍କାର ପାଇଛନ୍ତି। ଗତବର୍ଷ ଭାରତର କୈଳାସ ସତ୍ୟାର୍ଥୀ, ପାକିସ୍ତାନର କିଶୋରୀ ମଲାଲା ୟୁସୁଫଜାଇଙ୍କ ସହ ମିଳିତ ଭାବରେ ନୋବେଲ ଶାନ୍ତି ପୁରସ୍କାର ଲାଭ କରିଥିଲେ। ନୋବେଲ ପୁରସ୍କାର ଏକ ସମୟରେ ସ୍ୱିଡ଼େନର ଷ୍ଟକହୋମ ଓ ନରୱେର ଓସ୍‌ଲୋଠାରୁ ସଂପୃକ୍ତ ରାଜପରିବାରମାନଙ୍କର ଉପସ୍ଥିତିରେ ପ୍ରଦାନ ହୋଇଥାଏ।

**ବାଦଲ ଭୂୟାଁ**, ପ୍ରତିଷ୍ଠାତା ସମ୍ପାଦକ ‘ସିଂହଭୂମ’, ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ୍, ପୁରୁଣା ସୋନାରୀ, ଜାମସେଦପୁର, ଦୂରଭାଷ : ୭୪୮୮୯୯୮୫୩୨,
E-mail : badal009bhuyan@gmail.com

**DISPLAY CLASSIFIED**

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

## ଫୁଲନଖରାରୁ ଜବର ଦଖଲ ଉଚ୍ଛେଦ



ଫୁଲନଖରା (ପିଏନ୍)-କଟକ ମହାନଗର ନିଗମ ୫୯ନମ୍ବର ୱାର୍ଡ଼ ଅନ୍ତର୍ଗତ ଫୁଲନଖରା ଛକରୁ ଜବର ଦଖଲ ଉଚ୍ଛେଦ ହୋଇଛି। ପ୍ରଶାସନ, ପୁଲିସ ଓ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ମିଳିତ ସହଯୋଗରେ ଏହି ଅଭିଯାନ ଆରମ୍ଭ ହୋଇଛି। ୧୬ନମ୍ବର ଜାତୀୟ ରାଜପଥ ଫୁଲନଖରା ଛକଠାରୁ ରାଜପଥ ପାର୍ଶ୍ୱ ବମ୍ପକୁଦ ପର୍ଯ୍ୟନ୍ତ ଏହି ଉଚ୍ଛେଦ ପ୍ରକ୍ରିୟା ଚାଲିଥିଲା। ଏଥିରେ ସିଏମସି ଡେପୁଟୀ କମିଶନର ଅଜୟକୁମାର ମହାନ୍ତି, ସଦର ଥାନା ଅଧିକାରୀ ରଶ୍ମିରଂଜନ ମହାପାତ୍ର, ଜାତୀୟ ରାଜପଥ ଅଧିକାରୀ ପଞ୍ଚାନନ ପାଲ, ପ୍ରଭାତ ଲେଙ୍କା, ରବିନ୍ଦ୍ର ଜେନା, ଅଶୋକ ବାରିକ ଏବଂ ଏନଫୋର୍ସମେଣ୍ଟ ସ୍କ୍ୱାର୍ଡ଼ ଉପସ୍ଥିତ ଥିଲେ। ପ୍ରଥମ ପର୍ଯ୍ୟାୟରେ ଜଳଖିଆ ଦୋକାନ, ଢାବା, ଗ୍ୟାରେଜ, ପାନ ଦୋକାନ ଓ ଅନ୍ୟାନ୍ୟ ୨୨ଟି ବେଆଇନ ନିର୍ମାଣକୁ ବୁଲଡୋଜର ଲଗାଇ ଉଚ୍ଛେଦ କରାଯାଇଥିଲାବେଳେ ପରବର୍ତ୍ତୀ ପର୍ଯ୍ୟାୟରେ ବମ୍ପକୁଦଠାରୁ କଟକ ଶିଖରପୁର ପର୍ଯ୍ୟନ୍ତ ଜବର ଦଖଲ ଉଚ୍ଛେଦ କାର୍ଯ୍ୟ ଚାଲିବ ବୋଲି ଅଧିକାରୀମାନେ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ୨୦୧୩ ମସିହା ନଭେମ୍ବର ୨୭ ତାରିଖରେ ପ୍ରଶାସନ ତରଫରୁ ଫୁଲନଖରା ବଜାରରୁ ବେଆଇନ ଜବର ଦଖଲ ଉଚ୍ଛେଦ କରାଯାଇଥିଲା।

## ଧର୍ମଶାଳା ମହୋତ୍ସବ ଓ ଲକ୍ଷ୍ମୀନାରାୟଣ ପୂଜା ଉପଲକ୍ଷେ ପ୍ରସ୍ତୁତି ବୈଠକ



ଧର୍ମଶାଳା (ପିଏନ୍): ଧର୍ମଶାଳା ମହୋତ୍ସବ ପୂଜା କମିଟି ଆନୁକୂଲ୍ୟରେ ଚଳିତ ବର୍ଷ ଲକ୍ଷ୍ମୀନାରାୟଣ ପୂଜା ଓ ଧର୍ମଶାଳା ମହୋତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜାରକାସ୍ଥିତ ସିଭିକ ସେଂଟର ପରିସରରେ ସଭାପତି ଜଳଧର ମହାଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆସନ୍ତା ୧୬ ତାରିଖ ଧନୁସଂକ୍ରାନ୍ତିଠାରୁ ଲକ୍ଷ୍ମୀ ନାରାୟଣ ପୂଜା ଆରମ୍ଭ ହେବା ସହ ୨୫ ତାରିଖରୁ ଧର୍ମଶାଳା ମହୋତ୍ସବ ଉଦଘାଟନ କରାଯିବାକୁ ସ୍ଥିର ହୋଇଛି। ଏହି ଅବସରରେ ଜାରକା ଲକ୍ଷ୍ମୀନରାୟଣ ପୂଜା ମଣ୍ଡପରେ ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହିତ ମହୋତ୍ସବ ଉଦଘାଟନଠାରୁ ଉଦଯାପନ ପର୍ଯ୍ୟନ୍ତ ରାଜ୍ୟ ଓ ରାଜ୍ୟ ବାହାର କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ସ୍ଥିର କରାଯାଇଛି। ଏହି ବୈଠକରେ କମିଟିର ସଦସ୍ୟମାନଙ୍କୁ ବିଭିନ୍ନ ଦାୟିତ୍ୱ ବଂଟନ କରାଯାଇଥିଲା। ଏଥିରେ କମିଟିର ଉପସଭାପତି ଇନ୍ଦ୍ରମଣି ନାୟକ, ସହ ସମ୍ପାଦକ ଆନନ୍ଦ ନାୟକ, କୋଷାଧ୍ୟକ୍ଷ ସୁଦୀପ୍ତ ସ୍ୱାଇଁ ରାଜ କୁମାର ଶତପଥୀ,କିଶୋର ନାୟକ, ଅଜୟ କୁମାର ନାୟକ, ଜଳଧର ସାହୁ, ବିଚିତ୍ର ସ୍ୱାଇଁ, କ୍ଷିରୋଦ ମୁଦୁଲି, ରାମଚନ୍ଦ୍ର ମଲିକ, ଅନିରୁଦ୍ଧ ରାଉତ, ନିର୍ମଳ ପ୍ରଧାନ, ପୁର୍ଣ୍ଣଚନ୍ଦ୍ର ଶତପଥୀ, ଆକୁଳି ସ୍ୱାଇଁ, ରବିନାରାୟଣ ସାହୁ,ପ୍ରତାପ ପ୍ରଧାନ, ମନୋଜ ଦାସ, ମାନସ ମହାନ୍ତି, କାଶିନାଥ ସାହୁ, ମଦନ ନାୟକ, ସୁଦାମ ବେହେରା, ସବ୍ୟସାଚୀ ବେହେରା,ସବ୍ୟସାଚୀ ସୁନ୍ଦରରାୟ, ଧରଣୀ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

## ପ୍ରଫେସର ସୁଦର୍ଶନ ଆଚାର୍ଯ୍ୟ ଓ ଝରଣା ଦାସଙ୍କ ବିୟୋଗରେ ଶୋକ

ଧର୍ମଶାଳା (ପିଏନ୍): ଓଡିଆ ଭାଷା ସାହିତ୍ୟର ଗବେଷକ ତଥା ଅତିବଡି ଜଗନ୍ନାଥ ଦାସ ପୁରସ୍କାର ପ୍ରାପ୍ତ ପ୍ରଫେସର ସୁଦର୍ଶନ ଆଚାର୍ଯ୍ୟ, ଓଡିଆ ଚଳଚିତ୍ର ଜଗତର ବର୍ଷିଆନ ଅଭିନେତ୍ରୀ ଝରଣା ଦାସ ଓ ବିଶିଷ୍ଟ ଔପନ୍ୟାସିକା ଗୀତା ହୋତାଙ୍କ ବିୟୋଗରେ ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷଙ୍କ ପକ୍ଷରୁ ଶୋକ ପ୍ରକାଶ କରାଯାଇଛି। ପ୍ରଫେସର ଆଚାର୍ଯ୍ୟ ଓଡିଶା ସାହିତ୍ୟ ଏକାଦେମୀର ସର୍ବୋଚ୍ଚ ପୁରସ୍କାର ଅତିବଡି ଜଗନ୍ନାଥ ଦାସ, କେନ୍ଦ୍ର ସାହିତ୍ୟ ଏକାଦେମୀ ଓ ବହୁ ଅନୁଷ୍ଠାନ ପକ୍ଷରୁ ପୁରସ୍କୃତ ହୋଇଥିଲେ। ତାଙ୍କ ରଚିତ ଗ୍ରନ୍ଥ ଗୁଡିକ ମଧ୍ୟରେ ସାହିତ୍ୟ ଓ ସାହିତ୍ୟିକ, ସ୍ରଷ୍ଟା ଓ ସୃଷ୍ଟି, ଓଡିଆ କାବ୍ୟ କୌଶଳ, ଓଡିଆ ଅସ୍ମିତା ସନ୍ଧାନ ଆଦି ୨୦ଟି ସମ୍ପାଦିତ ପୁସ୍ତକ ପ୍ରକାଶ ପାଇଛି। ସେହିପରି ଚଳଚିତ୍ର ଜଗତର ବର୍ଷିଆନ କଳାକାର ଝରଣା ଦାସଙ୍କ ବିୟୋଗରେ ଓଡିଆ ଚଳଚିତ୍ର ଜଗତରେ ଜଗତ ସ୍ତବ୍ଧ ହୋଇପଡିଛି। ସେହିପରି ବିଶିଷ୍ଟ ଔପନ୍ୟାସିକା ଗୀତା ହୋତାଙ୍କ ଲିଖିତ ମନବୀଣା ପୁସ୍ତକ ସମସ୍ତଙ୍କ ଆଦର ଲାଭ କରିଥିଲା। ତାଙ୍କ ସମ୍ପାଦନାରେ ଅମୃତାୟନ ପରି ଏକ ପତ୍ରିକା ଦୀର୍ଘ ୫୦ ବର୍ଷ ଧରି ଚାଲିଆସିଛି। ଏମାନଙ୍କ ବିୟୋଗରେ ଓଡିଶା ସାହିତ୍ୟ ଜଗତ ଓ ଚଳଚିତ୍ର ଜଗତରେ ଅପୁରଣୀୟ କ୍ଷତି ଘଟିଲା ବୋଲି ଧର୍ମଶାଳା ଅଂଚଳର ବହୁ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷଙ୍କ ପକ୍ଷରୁ ମତପ୍ରକାଶ ପାଇଛି। ଗୋକର୍ଣ୍ଣିକା ସାହିତ୍ୟ ସମାଜର ସଭାପତି ରମାକାନ୍ତ ଜେନା, ବରିଷ୍ଠ ଶିଶୁ ସାହିତ୍ୟିକ ବଟକୃଷ୍ଣ ଓଝା, ପ୍ରଫେସର ବିଜୟ କୁମାର ଶତପଥୀ, ଧର୍ମଶାଳା ସାହିତ୍ୟ ସମାଜର ସମ୍ପାଦକ ଡ. ପ୍ରଶାନ୍ତ କୁମାର ସ୍ୱାଇଁ, ଡ. ତୁହିନାଂଶୁ ରଥ, ଜିଲ୍ଲା ଲେଖକ ସମ୍ମେଳନ ସଭାପତି ଡ. ରୁଦ୍ରନାରାୟଣ ପୃଷ୍ଟି, ଶୁଭ ସକାଳର ଉପସଭାପତି ମିନତୀ ସାହୁ, ପୂର୍ବତନ ସାଂସଦ ରୀତା ତରାଇ ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିଛନ୍ତି।

## ଶକ୍ତି ଉତ୍ତୋଳନରେ ପ୍ରଭାକରଙ୍କୁ ସ୍ୱର୍ଣ୍ଣ



ଫୁଲନଖରା (ପିଏନ୍)-ରାଜ୍ୟସ୍ତରୀୟ ଶକ୍ତି ଉତ୍ତୋଳନ ପ୍ରତିଯୋଗିତାରେ ସଦର ଥାନା ଆମଣ ପଞ୍ଚାୟତ ଅନ୍ତର୍ଗତ ଅଡ଼ାଳିଆ ଗ୍ରାମର ପ୍ରଭାକର ସେଠୀ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ରାୟଗଡ଼ାଠାରେ ଅନୁଷ୍ଠିତ ପ୍ରଥମ କଳିଙ୍ଗ ଓପନ ଭାରୋତ୍ତୋଳନ ଚମ୍ପିଆନସିପରେ ପ୍ରଭାକର ଚମତ୍କାର ପ୍ରଦର୍ଶନ କରି ମାଷ୍ଟର୍ସ ବିଭାଗରେ ରାଜ୍ୟରେ ପ୍ରଥମ ସ୍ଥାନ ହାସଲ କରିଥିଲେ। ଏହି ପ୍ରତିଯୋଗିତାରେ ରାଜ୍ୟରୁ ଦୁଇଶହ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ଏହା ପୂର୍ବରୁ ପ୍ରଭାକର ନୂଆଦିଲ୍ଲୀଠାରେ ଅନୁଷ୍ଠିତ ଜାତୀୟ ଭାରୋତ୍ତୋଳନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରି ଦୁଇଟି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଏହି ସଫଳତା ପାଇଁ ଆମଣ ପଞ୍ଚାୟତର ପୂର୍ବତନ ସମିତି ସଭ୍ୟା ସୁଭାସୀନି ସେଠୀ, ଗୁରୁ ରୁଦ୍ରନାରାୟଣ ସାହୁ, ବିଚିତ୍ରାନନ୍ଦ ନାୟକ, ସୌମ୍ୟ, ଆକାଶ, ରାକେଶ, ଅଭୟ, ରୋନିତ ଓ ରକି ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

## ପୂର୍ବ ଶତ୍ରୁତାକୁ ନେଇ ମାରପିଟ୍, ୩ ଗିରଫ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ କମ୍ପାଲୁ ଓ ମଙ୍ଗରାଜପୁର ଗ୍ରାମର ଦୁଇ ପରିବାର ମଧ୍ୟରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଘଟିଥିବା ଗଣ୍ଡଗୋଳ ଘଟଣାରେ ପୁଲିସ ୩ଜଣଙ୍କୁ ଗିରଫ କରିଛି। ସୂଚନା ଅନୁଯାୟୀ କମ୍ପାଲୁ ଗ୍ରାମର କୃପାସିନ୍ଧୁ ସାହୁ ଓ ଲକ୍ଷ୍ମୀଧର ସାହୁଙ୍କ ପରିବାର ମଧ୍ୟରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗତ ୬ ତାରିଖରେ ଗଣ୍ଡଗୋଳ ଘଟି ଉଭୟ ପରିବାରର ୮ଜଣ ଆହତ ହୋଇଥିଲେ। ଏନେଇ ଉଭୟ ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଥିଲା। ଅଭିଯୋଗକୁ ଆଧାରକରି ପୁଲିସ ୩୫୨/୨୨ ଓ ୩୫୩/୨୨ରେ ଦୁଇଟି କେଶ ରୁଜୁ କରି ତଦନ୍ତ ଚଳାଇବା ସହ ଏହି ଘଟଣାରେ ପୁଲିସ ମଙ୍ଗରାଜପୁର ଗ୍ରାମର ଲକ୍ଷ୍ମୀଧର ସାହୁ (୬୦), ଜଗବନ୍ଧୁ ସାହୁ (୩୦) ଓ କମ୍ପାଲୁ ଗ୍ରାମର କୃପାସିନ୍ଧୁ ସାହୁ (୪୫)ଙ୍କୁ ଗିରଫ କରି ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରିଛି ବୋଲି ଜେନାପୁର ଥାନା ଏସଆଇ ସୌମ୍ୟରଂଜନ ଭୋଳ ସୂଚନା ଦେଇଛନ୍ତି।




# ହାଇଦ୍ରାବାଦରେ ଦାଦନ ଶ୍ରମିକଙ୍କ ମୃତ୍ୟୁ, ଥାନାରେ ମାମଲା

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲାରେ ପୁଣି ଜଣେ ଦାଦନ ଶ୍ରମିକଙ୍କର ମୃତ୍ୟୁ ଘଟିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି । ଏନେଇ ମୃତ ଦାଦନ ଶ୍ରମିକଙ୍କ ଭାଇ ଖଡିଆଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ସୂଚନାମତେ ଖଡିଆଳ ବ୍ଲକ ରାଣିମୁଣ୍ଡା ଗ୍ରାମର ମନୋଜ ହିଆଲ ନାମକ ଯୁବକ ଚଳିତ ମାସ ୫ ତାରିଖ ଦିନ ହଇଦ୍ରାବାଦକୁ ଦାଦନ ଖଟିବାକୁ ବାହାରିଥିଲେ । ସେ ଗତ ୭ ତାରିଖ ଦିନ ହାଇଦ୍ରାବାଦର ଇନ୍ଦ୍ରମପାଟନମ ଥାନା ସ୍ଥିତ ପିତୁଲା ଗ୍ରାମରେ ଥିବା ଇଟାଭାଟିରେ ପହଂଚିଥିଲେ । ଦାଦନ ମାଲିକ ଏଙ୍କେଟେସ ମନୋଜ ହିଆଲଙ୍କୁ ପ୍ରଥମେ ଟ୍ରେନରେ ଟିକେଟ କାଟି ଦେଇ ପହଂଚିଲା ପରେ ୬୦ ହଜାର ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେଇଥିଲେ । ହେଲେ ମନୋଜ ପହଂଚିବା ପରେ କାମ କରିବାକୁ କହିଥିଲେ । ଟଙ୍କା କଥା କହିବାରୁ କିଛି ଦିନ ପରେ ଦିଆଯିବ ବୋଲି କହିଥିଲେ । କିନ୍ତୁ ଗତକାଲି ମନୋଜ କାମ କରିବା ପରେ ଅସୁସ୍ଥ ଅନୁଭବ କରିଥିଲେ । ସାଥି ମାନେ ଏନେଇ ମାଲିକଙ୍କୁ ମଧ୍ୟ ଖବର ଦେଇଥିଲେ । କିନ୍ତୁ ମାଲିକ କୌଣସି ଗୁରୁତ୍ୱ ଦେଇନଥିଲେ । ଶେଷରେ ଗ୍ରାମରୁ ମନୋଜଙ୍କ ଭାଇ ତୁକାରାମ ହିଆଲ ମାଲିକ ଏଙ୍କେଟେସଙ୍କୁ ଫୋନ କରି ଭାଇର ଦେହ ଖରାପ ଥିବା କହି ଡାକ୍ତରଖାନା ନେବାକୁ କହିଥିଲେ । ଶେଷରେ ଗତରାତ୍ରୀରେ ଡାକ୍ତରଖାନାକୁ ନେବା ବେଳକୁ ତାଙ୍କର ମୃତ୍ୟୁ ହୋଇ ସାରିଥିଲା । ଏନେଇ ମନୋଜଙ୍କ ଭାଇ ତୁକାରାମ ହିଆଲ ମାଲିକ ଏଙ୍କେଟେସଙ୍କ ବିରୁଦ୍ଧରେ ଖଡିଆଳ ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି । ଏଠାରେ ସୂଚନା ଯୋଗ୍ୟ ଯେ ନୂଆପଡା ଜିଲାରେ ଦାଦନ ସମସ୍ୟାର ଅନ୍ତ ଘଟୁନାହିଁ । ଜିଲାର ପ୍ରତି ପ୍ରାନ୍ତରୁ ଦାଦନ ସମସ୍ୟା ଦେଖାଦେଇଛି । ଏଠାକାର ଶ୍ରମିକ ଦାଦନ ଖଟିଯାଇ ଅନେକ ସମୟରେ ଅକଥନୀୟ ନିର୍ଯ୍ୟାତନା ଭୋଗ କରୁଥିବା ସ୍ଥଳେ ଦାଦନ ସମସ୍ୟାର ସମସ୍ୟାର ସମାଧାନ ହୋଇ ପାରୁନାହିଁ । ସରକାର ଦାଦନ ରୋକିବା ସକାଶେ ଅନେକ ଯୋଜନା କାର୍ଯ୍ୟକାରୀ କରିଥିବା ସ୍ଥଳେ ତାର ସମାଧାନ ହୋଇ ପାରୁନାହିଁ । ଫଳରେ ଏଠାକାର ଲୋକେ ଅଧିକ ଅର୍ଥ ଲାଳସାରେ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇ ଅକାରଣରେ ସେମାନଙ୍କ ଜୀବନ ଚାଲି ଯାଉଥିବା ଭଳି ଘଟଣା ଅନେକ ସମୟରେ ଘଟୁଅଛି । ଜିଲ୍ଲା ପ୍ରଶାସନ ସହ ରାଜ୍ୟ ସରକାର ତୁରନ୍ତ ଦୃଷ୍ଟି ଦେଇ ଦାଦନ ସମସ୍ୟାର ସମାଧାନ କରିବାକୁ ସାଧାରଣରେ ଦାବୀ ହେଉଛି ।

# ନିରୁଦ୍ଧିଷ୍ଟ ଶ୍ରମିକଙ୍କୁ ଉଦ୍ଧାର ଦାବୀରେ ଦଳିତ ଅଧିକାର ମଂଚର ଥାନାଧିକାରୀଙ୍କୁ ଦାବୀପତ୍ର ପ୍ରଦାନ

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲା ଦଳିତ ଅଧିକାର ମଂଚ ପକ୍ଷରୁ ନିରୁଦ୍ଧିଷ୍ଟ ଦାଦନ ଶ୍ରମିକ କିଶୋର ବନଛୋରଙ୍କୁ ଉଦ୍ଧାର ଦାବୀରେ ବୋଡେନ ଥାନାଧିକାରୀଙ୍କୁ ୫ ଦଫା ଦାବୀପତ୍ର ପ୍ରଦାନ କରାଯାଇ ତାଙ୍କୁ ଉଦ୍ଧାର କରିବାକୁ ଦାବୀ କରିଛନ୍ତି । ସୂଚନାମତେ ବୋଡେନ ଥାନା ଅନ୍ତର୍ଗତ ଆମଗୁଡା ଗ୍ରାମର କିଶୋର ବନଛୋର ୨୦୧୯ ମସିହା ମାର୍ଚ୍ଚ ମାସରେ ସିକନ୍ଦରାବାଦକୁ ଦାଦନ ଖଟିବାକୁ ଯାଇଥିଲେ । ତାଙ୍କୁ ସ୍ଥାନୀୟ ବିନୋପୁର ଗ୍ରାମର ଅରୁପ ନିଆଲ ଏବଂ କଂଟାବାଞ୍ଜିର ପାର୍ଥିବ ବେହେରା ପଠାଇଥିବା ନେଇ କିଶୋରଙ୍କ ପତ୍ନୀ କୁଳ ବନଛୋର ଜଣାଇଛନ୍ତି । ଏନେଇ ଗତ ୨୧.୮.୨୦୨୦ ରେ କୁଳ ବନଛୋର ତାଙ୍କ ସ୍ୱାମୀ ନିଖୋଜ ଥିବା ନେଇ ବୋଡେନ ଥାନାରେ ଲିଖିତ ଅଭିଯୋଗ କରି ତାଙ୍କ ସ୍ୱାମୀଙ୍କୁ ଉଦ୍ଧାର କରିବାକୁ ଦାବୀ କରିଥିଲେ । ହେଲେ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଇନଥିବା ଜଣାପଡିଛି । ଏନେଇ ନୂଆପଡା ଜିଲ୍ଲା ଦଳିତ ଅଧିକାର ମଂଚର ସଭାପତି କମଳ ଚରଣ ତାଣ୍ଡି ଖବର ପାଇ ମଂଚର କର୍ମକର୍ତା ବୋଡେନ ଥାନାଧିକାରୀଙ୍କୁ ଭେଟି ୫ ଦଫା ଦାବୀପତ୍ର ପ୍ରଦାନ କରି ତୁରନ୍ତ କିଶୋରଙ୍କୁ ଉଦ୍ଧାର କରିବାକୁ ଦାବୀ କରିଛନ୍ତି । ଦାବୀରେ କୁଳ ବନଛୋରଙ୍କ ଏତଲା ଆଧାରରେ ଅରୁପ ନିଆଲ ଓ ପାର୍ଥ ବେହେରାଙ୍କୁ ଥାନାକୁ ଡାକି ସତ୍ୟାସତ୍ୟ ଅନୁସନ୍ଧାନ କରିବା, ଏହି ୨ ଜଣ ସନ୍ତୋଷଜନକ ଉତର ନଦେଲେ ସେମାନଙ୍କୁ ଗିରଫ କରିବା, ପୀଡିତ ପରିବାରଙ୍କୁ ୩ ଲକ୍ଷ ଟଙ୍କା ଆର୍ଥୀକ ସହାୟତା ପ୍ରଦାନ କରିବା, କିଶୋରଙ୍କ ସନ୍ଧାନ ନିମନ୍ତେ ଏକ ତଦନ୍ତକାରୀ ଟିମ ଗଠନ କରିବା, ପ୍ରଶାସନ ତରଫରୁ ପରିବାରଙ୍କୁ ରାସନ ସାମଗ୍ରୀ ପ୍ରଦାନ ପ୍ରମୁଖ ଦାବୀ କରିଛନ୍ତି । ଯଦି ଏସବୁ ସମସ୍ୟାର ସମାଧାନ କରାନଯାଏ ତେବେ ଆଗାମୀ ଦିନରେ ବୋଡେନ ଥାନାକୁ ଘେରାଉ କରିବା ସହ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି । ଏହି ଦାବୀପତ୍ର ପ୍ରଦାନ ବେଳେ ଦଳିତ ଅଧିକାର ମଂଚର ଜିଲ୍ଲା ସଭାପତିଙ୍କ ସହ ବୋଡେନ ବ୍ଲକ ସଭାପତି ବେଣୁଧର ଜଗତ, ବିଶ୍ୱ ବେହେରା, କାର୍ତିକ ମହାନନ୍ଦ, ଗଣେଷ ବାଗ, ସଞ୍ଜୟ ଜାଲ, ଲମ୍ବୋଦର ତାଣ୍ଡି ପ୍ରମୁଖ ଯୋଗ ଦେଇଥିଲେ ।

## ଯୁବ ଶ୍ରମିକଙ୍କ ଉପରେ ଚଢିଗଲା ଟ୍ରାକ୍ଟର

ଧର୍ମଶାଳା, (ପି.ଏନ); ଯାଜପୁର ଜିଲା ୧୬ ନମ୍ବର ଜାତୀୟ ରାଜପଥ ଶଙ୍ଖାରିଡିହ ନିକଟସ୍ଥ ତରାପୁର ଛକ ନିକଟରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଛି । ବୁଲେଟ୍ ଓ ସ୍କୁଟି ମଧ୍ୟରେ ଧକ୍କା ହୋଇଥିଲା । ଫଳରେ ସ୍କୁଟି ପଛରେ ବସିଥିବା ଜଣେ ଯୁବକ ତଳେ ପଡିଯାଇ ଥିଲେ । ସେହି ସମୟରେ ପଛପଟୁ ଆସୁଥିବା ଏକ ଟ୍ରାକ୍ଟର ତା' ଉପରେ ଚଢି ଯାଇଥିଲା । ଯୁବକଙ୍କୁ ସଂଗେ ସଂଗେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ତେବେ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଯୁବ ଶ୍ରମିକଙ୍କ ରଥିଆ ଛକ ନିକଟସ୍ଥ ଏକ କ୍ରସରରେ ଶ୍ରମିକଭାବେ କାମ କରୁଥିଲେ । ସୂଚନା ମୁତାବକ, ଆଜି ଦିନ ୧୨ଟା ସମୟରେ ଯାଜପୁର ଜିଲା ଧର୍ମଶାଳା ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥ ଶଙ୍ଖାରିଡିହସ୍ଥ ତରାପୁର ଛକ ନିକଟରେ ଏକ ବୁଲେଟ୍ ସହିତ ସ୍କୁଟି ସହ ଧକ୍କା ହୋଇଥିଲା । ଫଳରେ ସ୍କୁଟିରେ ଥିବା ୨ ଜଣ ରାସ୍ତା ଉପରେ ପଡିଯାଇଥିଲେ । ସ୍କୁଟି ପଛରେ ବସିଥିବା ଜଣେ କ୍ରସର ଶ୍ରମିକ ରାସ୍ତା ଉପରେ ଛିଟିକି ପଡିଥିଲେ । ସେହି ସମୟରେ ପଛରେ ଆସୁଥିବା ଏକ ଟ୍ରାକ୍ଟର ତାଙ୍କ ଉପରେ ଚଢି ଯାଇଥିଲା । ତାଙ୍କୁ ସଂଗେସଂଗେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତି କରାଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଯୁବ ଶ୍ରମିକଙ୍କର ପ୍ରକୃତ ପରିଚୟ ମିଳି ନଥିବା ବେଳେ ସେ ଜାରକା ରଥିଆଛକ ନିକଟରେ ଥିବା ଏକ କ୍ରସରରେ ଶ୍ରମିକ ଭାବେ କାମ କରୁଥିଲେ ।

# କେନ୍ଦ୍ରାପଡାରେ ଜିଲ୍ଲା ସ୍ତରୀୟ ବ୍ୟାଙ୍କ ପରାମର୍ଶ ଦାତା କମିଟି ବୈଠକ

କେନ୍ଦ୍ରାପଡ଼ା, (ପିଏନ)- କେନ୍ଦ୍ରାପଡା ଜିଲ୍ଲା ସ୍ତରୀୟ ସମସ୍ତ ବ୍ୟାଙ୍କ ପରାମର୍ଶ ଦାତା କମିଟି ବୈଠକ ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଶୁକ୍ରବାର ଦିନ ଅନୁଷ୍ଠିତ ଏହି ବୈଠକରେ କେନ୍ଦ୍ରାପଡା ଜିଲ୍ଲାରେ ଗ୍ରାମୀଣ ଆତ୍ମ ନିଯୁକ୍ତି ପ୍ରଶିକ୍ଷଣ ଉପରେ ଗୁରୁତ୍ୱାରୋପ କରା ଯାଇଥିଲା । ସରକାର ଙ୍କର ସମସ୍ତ ଯୋଯନାକୁ କାର୍ଯ୍ୟକାରୀ କରିବା ପାଇଁ ଏହି ବୈଠକରେ ଗୁରୁତ୍ୱ ଦିଆ ଯାଇଥିଲା । ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ଋଣ ପ୍ରଦାନ ଶିକ୍ଷିତ ବେକାର ଯୁବକ ଯୁବତୀଙ୍କୁ ଋଣ ପ୍ରଦାନ ଓ ଚାଷୀଙ୍କୁ ଋଣ ପ୍ରଦାନ କୁ ନେଇ ଏହି ବୈଠକରେ ଆଲୋଚନା ହୋଇଥିଲା । ପୂର୍ବରୁ ଏହି କମିଟିକୁ ନେଇ ଅନୁଷ୍ଠିତ ହୋଇଥିବା ବୈଠକର କାର୍ଯ୍ୟକାରିତା ଉପରେ ଅଲୋଚନା କରାଯାଇଥିଲା । ପରେ ଗ୍ରାମୀଣ ଆତ୍ମ ନିଯୁକ୍ତି ପାଇଁ ପ୍ରଶିକ୍ଷଣ ଗ୍ରହଣ କରିଥିବା ବ୍ୟକ୍ତିଙ୍କ ଅଗ୍ରଗତି ସଂପର୍କରେ ଆଲୋଚନା କରାଯିବା ସହ ଏହି ପ୍ରଶିକ୍ଷାର୍ଥୀ ମାନଙ୍କୁ ଡିଆର ଡିଏ, ଓ ଏଲ ଏମ, ଅର ଏସ ଇ ଟିଆଇ , ଓ ଏନଜିଓ ମାନଙ୍କ ଦ୍ୱାରା କେଉଁ ପରିମାଣରେ ପ୍ରୋତ୍ସାହନ ଦିଆ ଯାଇଛି, ତାହା ମଧ ଅଲୋଚନା କରାଯାଇଥିଲା । ଏଥି ସହିତ ଏହି ପ୍ରଶିକ୍ଷାର୍ଥୀ ମାନଙ୍କୁ ଆତ୍ମ ନିଯୁକ୍ତି ପାଇଁ କିଭଳି ଋଣ ପ୍ରଦାନ କରିବ ସେ ବିଷୟରେ ବିଶେଷକରି ଆଲୋଚନା କରା ଯାଇଥିଲା । ଏହି ବୈଠକରେ ଏଲଡି ଏମ ଏମ କେ ମିତ୍ର, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବିଜି ମହାନ୍ତି, ଜିଲ୍ଲା ନାବାର୍ଡ ଅଧିକାରୀ ଅକ୍ଷୟ କୁମାର ଆଚାର୍ଯ୍ୟ , ଜି ଏମ ଡିଆସି ସନ୍ତୋଷ କୁମାର ମିଶ୍ର ଙ୍କ ସହିତ ସମସ୍ତ ବ୍ୟାଙ୍କର ମ୍ୟାନେଜର ଙ୍କ ସହ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

# ରଙ୍ଗତୁଳି କଳାକାର ସଂଘର ସାଧାରଣ ପରିଷଦ ବୈଠକ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲା କ.ନୂଆଗାଁ ବ୍ଲକ ଅନ୍ତର୍ଗତ ସିର୍ତିଗୁଡା ଠାରେ ଜିଲା ରଙ୍ଗତୁଳି କଳାକାର ସଂଘର ଏକ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲାର ବିଭିନ୍ନ ବ୍ଲକର ରଙ୍ଗତୁଳି କଳାକାର ମାନେ ଯୋଗଦେଇଥିଲେ । ଅନୁଷ୍ଠିତ ସାଧାରଣ ପରିଷଦ ବୈଠକରେ କରୋନା ସଂକ୍ରମଣର କଟକଣା ଯୋଗୁଁ କିଭଳି ଭାବେ ରୋଜଗାର ପାଇଁ ସମସ୍ୟାରେ ପଡୁଛନ୍ତି ସେ ସଂପର୍କରେ ଆଲେଚାନା କରାଯାଇଥିଲା । ସଭା ପରେ ପରେ ଜିଲା ସ୍ତରୀୟ କର୍ମକର୍ତା ଚୟନ କରାଯାଇଥିଲା । ସଭାପତି ଭାବେ ପ୍ରମୋଦ ଦଣ୍ଡିଆ ମନୋନୀତ ହୋଇଥିବା ବେଳେ ସଂପାଦକ ଭାବେ ଗୋବିନ୍ଦ ଭୁକ୍ତା , ଉସ-ଭାତି ଭାବେ ମିଥୁନ୍ ପ୍ରଧାନୀ, ସହ ସଂପଦାକ ଭାବେ ଜଗତସିଂ ପାତ୍ର ଓ କୋଷାଧକ୍ଷ ଭାବେ ସୁନିଲ୍ ବିନ୍ଧାଣୀ ମନୋନିତ ହୋଇଛନ୍ତି । ଏଥି ସହିତ କାର୍ଯ୍ୟକାରି ସଭ୍ୟ ଭାବେ ଅଶ୍ୱିନୀ କୁମାର ବିଷୋୟୀ , ବିଷ୍ଣୁ ଚରଣ ବେହେରା , ସୁନିଲ୍ ନାୟକ , ଶ୍ରୀକାନ୍ତ ପ୍ରଧାନୀ , ଲକ୍ଷ୍ମୀଣ ପ୍ରଧାନ ପ୍ରମୁଖ ମନୋନିତ ହୋଇଛନ୍ତି । କରୋନା କଟକଣା ଯୋଗୁଁ ବର୍ତମାନ କଳାକାର ମାନଙ୍କର ରୋଜଗାର ପନ୍ଥା ସଂପୂର୍ଣ୍ଣଭାବେ ବନ୍ଦ ହୋଇଯାଇଥିବା ବେଳେ ଅନେକ କଳାକାର ଜୀବିକା ହରାଇବା ସହିତ ପରବାର ପ୍ରତିପୋଷଣ କରିବା ସମସ୍ୟା ସୃଷ୍ଟି ହୋଇଛି । ଜିଲାରେ ପ୍ରାୟ ୨ ହଜାରରୁ ଉର୍ଦ୍ଧ ରଙ୍ଗତୁଳି କାଳାକାର ଥିବା ବେଳେ ଆଜି ପର୍ଯ୍ୟନ୍ତ ସରକାର ଏହି କଳାକାର ମାନଙ୍କ ପାଇଁ କୌଣସି ପ୍ରକାର ପଦକ୍ଷେପ ଗ୍ରହଣ କରିନାହାନ୍ତି । ସେମାନଙ୍କର ଏହି ଆର୍ଥିକ ଅନାଟନ ବେଳେ ସେମାନଙ୍କୁ ଜିଲା ପ୍ରଶାସନ କାମ ଯୋଗାଇ ଦେବା ପାଇଁ ଦାବୀ କରାଯିବା ସମ୍ପର୍କରେ ବୈଠକରେ ନିଷ୍ପତି ନିଆଯାଇଥିଲା ।

# ମାଟି ବୋଝେଇ ଟ୍ରାକ୍ଟର ଜବତ୍ ପରେ ବନ ବିଭାଗ ଦେଖାଇଲା ନେଲୁଙ୍ଗ ସଂରକ୍ଷିତ ଜଙ୍ଗଲ ଘଟଣାର ତଦନ୍ତ ଦାବୀ

କେନ୍ଦୁଝର(ପିଏନ)-କେନ୍ଦୁଝର ସଦର ରେଞ୍ଜ ଟାଉନ ସେକ୍ସନ ଅନ୍ତର୍ଗତ ବେଲଦା ସଂରକ୍ଷିତ ଜଙ୍ଗଲର ମହାଦେଇପୁରଠାରେ ବନ ବିଭାଗ ଗତକାଲି ମାଟି ବୋଝେଇ ଏକ ଟ୍ରାକ୍ଟର ଜବତ୍ କରିଛି । ଜଙ୍ଗଲ ଭିତରେ ଓଆର୦୯କେ ୦୧୧୮ ନମ୍ବର ବିଶିଷ୍ଟ ଏକ ଟ୍ରାକ୍ଟର ମାଟି ଚାଲାଣ କରୁଥିବାବେଳେ ବନ ବିଭାଗ ଚଢଉ କରି ଟ୍ରାକ୍ଟର ଜବତ୍ କରିଥିଲା । ତେବେ ବନ ବିଭାଗ ଜବତ୍ ଗାଡିକୁ ବେଲଦା ସଂରକ୍ଷିତ ଜଙ୍ଗଲ ନଦେଖାଇ ନେଲୁଙ୍ଗ ସଂରକ୍ଷିତ ଜଙ୍ଗଲରୁ ଜବତ୍ ହେବା ଦର୍ଶାଇଥିବା ଜବତ୍ ଗାଡି ମାଲିକ ମହେଶ୍ୱର ନାୟକ କହିଛନ୍ତି । ତେବେ କେଉଁ ଉଦ୍ଦେଶ୍ୟରେ ଗୋଟିଏ ସ୍ଥାନରେ ଜବତ୍ ଗାଡି ଅନ୍ୟ ସ୍ଥାନରେ ଦେଖାଉଛି ତାହା ତଦନ୍ତ କରିବାକୁ ଦାବୀ ହୋଇଛି । ସୂଚନା ଯୋଗ୍ୟ ଯେ, ବେଲଦା ସଂରକ୍ଷିତ ଜଙ୍ଗଲର ବେଲଦା, କେନ୍ଦୁଆ, ଭାଲୁଘର, ପୋଟଳ, ମଥୁରାମଣ୍ଡଳୀ ଅଞ୍ଚଳରେ ଦିନ ରାତି ଅବାଧରେ ମାଟି,ମୋରମ ଏବଂ ପଥର ଚୋରୀ ହେଉଥିବାବେଳେ ବନ ବିଭାଗର ସ୍ଥାଣୁତା ଯୋଗୁଁ ଲଘୁ ଖଣିଜ ସମ୍ପଦ ଲୁଟ ସହ ଜଙ୍ଗଲ ନଷ୍ଟ ହେଉଛି । ବନ କର୍ମଚାରୀ ପେଟ୍ରୋଲିଂ କରୁନଥିବା ସୁଯୋଗରେ ମାଫିଆ ମାନେ ସ୍ଥାନୀୟ ଲୋକଙ୍କ ଅଳ୍ପ କିଛି ମଜୁରୀ ଦେଇ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଦୀର୍ଘ ଦିନ ଧରି ଚୋରୀ କରୁଥିଲେ ହେଁ ଧରପଗଡ



କରାଯାଉନାହିଁ । ଜଙ୍ଗଲ ଭିତରେ ନିୟମିତ ଚୋରୀ ଯୋଗୁଁ ବଡ ବଡ ଗାତ ସୃଷ୍ଟି ହୋଇ ବନ୍ୟ ଜୀବଜନ୍ତୁଙ୍କ ପାଇଁ ବିପଦର କାରଣ ହୋଇଛି । ସଂରକ୍ଷିତ ଜଙ୍ଗଲରେ ବାହାର ଲୋକ ଏବଂ ଗାଡି ପ୍ରବେଶ ବାରଣ ଥିଲେ ମଧ୍ୟ ବେଲଦା ଏବଂ ନେଲୁଙ୍ଗ ସଂରକ୍ଷିତ ଜଙ୍ଗଲରେ ରାସ୍ତା କରି ଲଘୁ ଖଣିଜ ସମ୍ପଦ ଲୁଟ ହେଉଛି । ଡିଏଫଓ ସ୍ୱୟମ ମଲ୍ଲିକ ଘଟଣାର ତଦନ୍ତ କରି ପଦକ୍ଷେପ ନେବାକୁ ପରିବେଶପ୍ରେମୀ ମାନେ ଦାବୀ କରିଛନ୍ତି । ନେଲୁଙ୍ଗ ଏବଂ ବେଲଦା ସଂରକ୍ଷତ ଜଙ୍ଗଲରେ ଗତ ୩/୪ ବର୍ଷ ମଧ୍ୟରେ ବହୁ ପୁରାତନ ବୃକ୍ଷ ଏବଂ କୋଟି କୋଟି ଟଙ୍କାର ଲଘୁ ଖଣିଜ ସମ୍ପଦ ଲୁଟ ହୋଇଥିବାବେଳେ ଏହାର ଆକଳନ କରି ଦାୟିତ୍ୱରେ ଅବହେଳା କରିଥିବା ବନ ବିଭାଗ ଅଧିକାରୀ ଏବଂ କର୍ମଚାରୀଙ୍କଠାରୁ ଆଦାୟ କରିବାକୁ ଦାବୀ ହୋଇଛି ।




2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada


# କନ୍ଧମାଳ ଜିଲ୍ଲାରେ ଗାଈଗୋରୁ ମାନଙ୍କର ଲମ୍ପି ସ୍କିନ୍ ରୋଗର ସଚେତନତା କାର୍ଯ୍ୟକ୍ରମ

କନ୍ଧମାଳ,(ପି.ଏନ): ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, କନ୍ଧମାଳଙ୍କ ସୂତ୍ରରୁ ପ୍ରକାଶ ଯେ, ଆମ ଜିଲ୍ଲାର ପଡ଼ୋଶୀ ଜିଲ୍ଲା ମାନଙ୍କରେ ଏବେ ଗାଈଗୋରୁଙ୍କଠାରେ ଲମ୍ପି ସ୍କିନ୍ ଡିଜିଜ୍ ବା ଚର୍ମବିଣ୍ଡି ରୋଗ ଦେଖାଦେଉଛି । ଏହା ଏକ ଭୂତାଣୁ ଜନିତ ରୋଗ ଓ କାପ୍ରିପକ୍ସ ନାମକ ଭାଇରସ୍ ଦ୍ୱାରା ବ୍ୟାପିଥାଏ । ମଶା, ଡାଆଁଶ ଓ ଟିଙ୍କମାନେ ଏହି ରୋଗର ବାହକ ଭାବେ କାର୍ଯ୍ୟ କରନ୍ତି । ଘାଦ', ରକ୍ତ, ଲାଳ, ସିଙ୍ଘାଣି ଓ ଶୁକ୍ର ଦ୍ୱାରା ଏହି ରୋଗ ଗୋଟିଏ ପଶୁର ଶରୀରରୁ ଅନ୍ୟ ପଶୁର ଶରୀରକୁ ସଂକ୍ରମିତ ହୋଇଥାଏ । ଏହି ରୋଗ ହେଲେ ଗାଈଗୋରୁଙ୍କ ମୁଣ୍ଡ, ବେକ, ଗୋଡ଼ ଓ ପହ୍ନା ଆଦିରେ ଆବୁ ବାହାରିଲା ପରି ଦ' ଫୁଲା ଦ' ଦେଖାଯାଏ । ଆବୁ ଗୁଡ଼ିକ ଗୋଲାକାର, ଦେଖିବାକୁ କଳା ରଙ୍ଗର ଓ ଛୁଇଁଲେ ଟାଣ ଲାଗିଥାଏ । ଛୋଟ ଆକୃତିର ଆବୁଗୁଡ଼ିକ ଆପେ ମିଳେଇଯାଏ କିନ୍ତୁ ଅପେକ୍ଷାକୃତ ବଡ଼ ଆବୁଗୁଡ଼ିକ ଗାଈଗୋରୁଙ୍କ ଶରୀରରେ କିଛି ମାସ ପର୍ଯ୍ୟନ୍ତ ରହିଥାଏ । ଆକ୍ରନ୍ତ ଗାଈଗୋରୁଙ୍କ ଶରୀରରେ ତାପମାତ୍ରାରେ ବୃଦ୍ଧି ଘଟି ସେମାନେ ଜ୍ୱରରେ ପଡ଼ନ୍ତି ଓ ଚାଲିବାରେ କଷ୍ଟ ଅନୁଭବ କରିଥାନ୍ତି । ତେବେ ଆଶୁଚିକିତ୍ସା ପ୍ରଦାନ କଲେ ଏହି ରୋଗ ସମ୍ପୂର୍ଣ୍ଣ ଆରୋଗସାଧ । ଏ ରୋଗରେ ପ୍ରାୟତଃ ଗାଈଗୋରୁଙ୍କ ମୃତ୍ୟୁ ହୁଏ ନାହିଁ । ତେଣୁ ଭୟଭୀତ ନ ହୋଇ ନିଜେ ପାଳିଥିବା ଗାଈଗୋରୁଙ୍କ ଯତ୍ନ ନେବାକୁ କନ୍ଧମାଳ ସି.ଡି.ଭି.ଓ. ଅନୁରୋଧ କରିଛନ୍ତି । ଯଦିଓ ଆମ ଜିଲ୍ଲାରେ ଏହି ରୋଗ ଦେଖା ଦେଇନି ତଥାପି ଖୁବ୍ ଶିଘ୍ର ଦେଖାଦେବାର ସମ୍ଭାବନା ରହିଛି । ଆମ ପଡ଼ୋଶୀ ଜିଲ୍ଲା ଗଞ୍ଜାମ, ଗଜପତି ଓ ନୟାଗଡ଼ରେ ଏହି ରୋଗ ଦେଖାଦେଇଥିବାରୁ ଖଜୁରୀପଡ଼ା, ଚକାପାଦ,ଦାରିଙ୍ଗିବାଡ଼ି, ଘୁ. ଉଦୟଗିରି, ରାଇକିଆ ଓ ବାଲିଗୁଡ଼ା ବ୍ଲକରେ ପ୍ରତିଷେଧକ ଟୀକା ଓ ଔଷଧ ମହଜୁଦ୍ ଅଛି ବୋଲି ସେ ଜଣାଇଛନ୍ତି । ପ୍ରତି ବ୍ଲକରେ ରାପିଡ୍ ରେସ୍ପନ୍ସ ଟିମ୍ ,ଗାଡ଼ି ଓ ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀମାନେ ସଜାଗ ମଧ୍ୟ ଅଛନ୍ତି । ଗାଈଗୋରୁଙ୍କଠାରେ ଏଭଳି ଲକ୍ଷଣ ଦେଖାଦେଲେ ନିକଟସ୍ଥ ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ କିମ୍ବା ସି.ଡି.ଭି.ଓ. କାର୍ଯ୍ୟାଳୟର କଣ୍ଟ୍ରୋଲ୍ ରୁମ୍ ନଂବର ୯୪୩୭୪୬୧୫୦୮ କିମ୍ବା ଆନିମଲ୍ ହେଲ୍ପ ଲାଇନ୍ ନମ୍ବର ୧୯୬୨ ସହ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି ।

# କେନ୍ଦୁଝର ଜିଲ୍ଲା କୃଷି କାର୍ଯ୍ୟାଳୟରେ ବଳରାମ ଯୋଜନାର ତାଲିମ୍ ଶିବିର




କେନ୍ଦୁଝର(ପିଏନ)- ସଂପ୍ରତି କେନ୍ଦୁଝର ଜିଲ୍ଲା ସଦର ବ୍ଲକ ଉପଖଣ୍ଡ କୃଷି ଓ ସୂଚନା ପରାମର୍ଶ କେନ୍ଦ୍ର ପରିସରରେ ବଳରାମ ଯୋଜନା ସମ୍ପର୍କରେ ଏକ ଦିନିକିଆ ତାଲିମ୍ ଶିବିର ଅନୁଷ୍ଠିତ ହୋଇଯାଇଛି । ଭୂମିହୀନ ଭାଗ ଚାଷି ମାନଙ୍କୁ ବ୍ୟାଙ୍କ୍ ସହିତ ଯୋଡି ସେମାନଙ୍କୁ କୃଷି ଋଣ ଯୋଗାଇ ଦେବା ଏହାର ମୁଖ୍ୟ ଉଦ୍ଦେଶ୍ୟ । ଉକ୍ତ ତାଲିମ୍ ଶିବିରରେ ବ୍ଲକ କୃଷି ଅଧିକାରୀ ଘାଷିରାମ ପାତ୍ରଙ୍କ ଅଧକ୍ଷତାରେ ତାଲିମ୍ ଶିବିର ଆରମ୍ଭ ହୋଇଥିଲା । ଏହି ତାଲିମ୍ ଶିବିରରେ ଜିଲ୍ଲାର ବିଭିନ୍ନ ବ୍ୟାଙ୍କ୍ର ଅଧିକାରୀ, ଲ୍ୟାମ୍ପ ଅଧିକାରୀ, ଗ୍ରାମ୍ୟ କୃଷି କର୍ମଚାରୀ, ଉଦ୍ୟାନ ଅଧିକାରୀ, କୃଷକ ସାଥୀ ପ୍ରମୁଖ ଶିବିରରେ ଯୋଗ ଦେଇଥିଲେ । କୃଷି ଅଧିକାରୀ ରଘୁନାଥ ସାହୁ ପ୍ରଶିକ୍ଷାର୍ଥୀ ମାନଙ୍କୁ ତାଲିମ୍ର ଉଦ୍ଦେଶ୍ୟ ବିସ୍ତୃତ ଭାବରେ ବୁଝାଇ ଥିଲେ । ନିଜସ୍ୱ ଚାଷ ଜମି ନଥିବାରୁ ଭୂମିହୀନ ଭାଗ ଚାଷୀମାନେ ବିଭିନ୍ନ ସରକାରୀ ସୁବିଧାରୁ ବଂଚିତ ହେଉଛନ୍ତି । ଏପରିକି ଭାଗଚାଷ କରୁଥିଲେ ମଧ କୌଣସି ବ୍ୟାଙ୍କ୍ କିମ୍ବା ସେବା ସମବାୟ ସମିତି ପଞ୍ଜିକୃତ ଚାଷ ଜମି ନଥିବାରୁ ଋଣ ପ୍ରଦାନ କରୁନାହିଁ । ଏପରି ସ୍ଥଳେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ସେ ପ୍ରକାର ଚାଷୀଙ୍କୁ ଚିହ୍ନଟ କରି ବ୍ୟାଙ୍କ୍ ଓ ସମବାୟ ସଂସ୍ଥା ସେମାନଙ୍କୁ ସହାୟତା କରିବାକୁ ହାତ ବଢାଇବାକୁ ଅନୁରୋଧ କରିଥିଲେ । ଆତ୍ମାର ସହକାରୀ ବୈଷୟୀକ ପରିଚାଳକ ଶିବ ଶଙ୍କର ମିଶ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ସରକାରଙ୍କ ଏହି ବଳରାମ ଯୋଜନା କିଭଳି ସଫଳ ହେବ ସେଥିପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି ଶ୍ରୀ ମିଶ୍ର କହିଥିଲେ ।

## କିଟ୍‌ରେ ଷ୍ଟାର୍ଟ ଅପ୍ ଇନୋଭେସନ୍ କନକ୍ଲେଭ



ଭୁବନେଶ୍ୱର,(ପି.ଏନ): କିଟ୍‌ର ରୌପ୍ୟ ଜୟନ୍ତୀ ଓ କିଟ୍ ଟିବିଆଇର ୧୨ବର୍ଷ ପୂର୍ତ୍ତି ଅବସରରେ କିଟ୍ ଟିବିଆଇ ପକ୍ଷରୁ କିଟ୍‌ରେ ଶୁକ୍ରବାରଠାରୁ ଦୁଇଦିନିଆ ଷ୍ଟାର୍ଟ ଅପ୍ ଇନୋଭେସନ୍ କନ୍‌କ୍ଲେଭ ଆରମ୍ଭ ହୋଇଛି। ଆଜି ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଭାରତ ସରକାରଙ୍କ ଉତ୍ତର ପୂର୍ବାଞ୍ଚଳ ବିକାଶ ମନ୍ତ୍ରାଳୟ ସଚିବ ଲୋକ ରଞ୍ଜନ କହିଲେ, ବିଭିନ୍ନ ଚାଲେଞ୍ଜ ମଧ୍ୟରେ ସୁଯୋଗର ସଦୁପଯୋଗ କରି ପାରିଲେ ଜଣେ ସଫଳ ଉଦ୍ୟୋଗୀ ହୋଇପାରିବ। ଉଦ୍ୟୋଗୀ ହେବା ମଧ୍ୟ ସାମାଜିକ ଦାୟିତ୍ୱବୋଧ ବୋଲି ସେ କହିଥିଲେ। ଦେଶର ଉତ୍ତର ପୂର୍ବାଞ୍ଚଳରେ ଉଦ୍ୟୋଗ ପ୍ରତିଷ୍ଠା ହୋଇପାରିବ ନାହିଁ ବୋଲି ସାଧାରଣରେ ଯେଉଁ ଧାରଣା ରହିଛି ତାହା ଭୁଲ୍ ବୋଲି ଶ୍ରୀ ରଞ୍ଜନ କହିଥିଲେ। ଏହି ଅଞ୍ଚଳରେ ଉଦ୍ୟୋଗ ପ୍ରତିଷ୍ଠା କରିବାର ଯଥେଷ୍ଟ ସୁଯୋଗ ଥିବାରୁ ଉଦ୍ୟୋଗୀମାନେ ଏହାର ସୁଯୋଗ ନେବାକୁ ସେ ଆହ୍ୱାନ ଦେଇଥିଲେ। ଭାରତ ସରକାରଙ୍କ ଟେକ୍ନୋଲୋଜି ଡେଭଲପ୍‌ମେଣ୍ଟ ବୋର୍ଡର ସଚିବ ରାଜେଶ କୁମାର ପାଠକ ଛୋଟ ଛୋଟ ସହରରେ ଉଦ୍ୟୋଗ ଓ ଷ୍ଟାର୍ଟଅପ୍ ପ୍ରତିଷ୍ଠା ଉପରେ ଗୁରୁତ୍ୱାରୋପ କରିଥିଲେ। ଏ ଦିଗରେ ଟେକ୍ନୋଲୋଜି ଡେଭଲପ୍‌ମେଣ୍ଟ ବୋର୍ଡ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବ ବୋଲି ସେ କହିଥିଲେ। ଅହମ୍ମଦାବାଦ୍‌ସ୍ଥିତ ଏଣ୍ଟରପ୍ରେନିୟରସିପ୍ ଡେଭଲପ୍‌ମେଣ୍ଟ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ (ଇଡିଆଇଆଇ)ର ମହାନିର୍ଦ୍ଦେଶକ ସୁନିଲ ଶୁକ୍ଳା ଯୁବକଙ୍କ ମଧ୍ୟରେ ଔଦ୍ୟୋଗିକ ମନୋଭାବ ବିକାଶର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ସେ କହିଲେ, ତାଙ୍କ ଅନୁଷ୍ଠାନ ପକ୍ଷରୁ କରାଯାଇଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ ଉଦ୍ୟୋଗୀ ହେବାକୁ ଚାହୁଁଥିବା ଦେଶର ୫୨% ଯୁବକଙ୍କ ଭିତରେ ଏଥିପାଇଁ ଆତ୍ମବିଶ୍ୱାସ ନାହିଁ। ଆମକୁ ସେମାନଙ୍କ ମଧ୍ୟରେ ଉଦ୍ୟୋଗୀ ହେବାର ଆତ୍ମବିଶ୍ୱାସ ଜନ୍ମାଇବାକୁ ପଡିବ। ଜଣେ ସଫଳ ଉଦ୍ୟୋଗୀ ହେବାପାଇଁ ଓଡ଼ିଶାରେ ମଧ ବ୍ୟାପକ ସମ୍ଭାବନା ରହିଛି ବୋଲି ଭାରତ ସରକାରଙ୍କ ବିଜ୍ଞାନ ଓ କାରିଗରୀ କୌଶଳ ବିଭାଗ ଓ ଟେକ୍ନୋଲୋଜି ଡେଭଲପ୍‌ମେଣ୍ଟ ବୋର୍ଡର ପୂର୍ବତନ ସଚିବ ଏଚ୍ କେ ମିତ୍ତଲ ମତ ପ୍ରକାଶ କରିଥିଲେ। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଲେ, କିଟ୍ ଓ କିସ୍ ହେଉଛି ସଫଳ ଉଦ୍ୟୋଗର ଜ୍ୱଳନ୍ତ ଉଦାହରଣ। ଏହି ଦୁଇଟି ଅନୁଷ୍ଠାନ ପ୍ରତିଷ୍ଠା ସମୟରେ ବହୁ ବାଧାବିଘ୍ନ ଆସିଥିଲେ ମଧ୍ୟ ସେସବୁର ମୁକାବିଲା କରି ଆଜି କିଟ୍ ଓ କିସ୍‌କୁ ପ୍ରତିଷ୍ଠିତ କରିପାରିଛୁ। ସଫଳ ଉଦ୍ୟୋଗୀ ହେବା ପାଇଁ ଦୃଢ଼ ଆତ୍ମବିଶ୍ୱାସ, ନିଷ୍ଠା ଓ କଠିନ ପରିଶ୍ରମର ଆବଶ୍ୟକତା ରହିଛି ବୋଲି ଶ୍ରୀ ସାମନ୍ତ କହିଥିଲେ। କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସସ୍ମିତା ସାମନ୍ତ କହିଲେ, କିଟ୍ ଓ କିସ୍‌ର ପ୍ରତିଷ୍ଠାତା ସର୍ବଦା ନୂତନ ସର୍ଜନା, ଷ୍ଟାର୍ଟଅପ୍ ଓ ଉଦ୍ୟୋଗକୁ ଗୁରୁତ୍ୱ ଦେଇଆସୁଛନ୍ତି। ଯେଉଁଥି ପାଇଁ କିଟ୍ ଟିବିଆଇ ଆଜି ସମଗ୍ର ଦେଶରେ ନବ ସର୍ଜନା ଓ ଷ୍ଟାର୍ଟଅପ୍ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିପାରିଛି। କିଟ୍‌ର ପୁରାତନ ଛାତ୍ର ଏବଂ ଭାରତୀୟ ଷ୍ଟାର୍ଟଅପ୍‌ର ପୋଷ୍ଟର ବୟ ତଥା ଫାରଆଇର ସିଓ ଗୌତମ କୁମାର ସମାଜର ସବୁ କ୍ଷେତ୍ରକୁ ଛୁଇଁଲା ଭଳି ସର୍ଜନା ଓ ବ୍ୟବସାୟର ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କିଟ୍ ଟିବିଆଇରେ ପ୍ରଥମ ଷ୍ଟାର୍ଟଅପ୍ ପ୍ରତିଷ୍ଠା ସମୟରେ ପ୍ରତିଷ୍ଠାତା ଶ୍ରୀ ସାମନ୍ତ କିଭଳି ତାଙ୍କୁ ଉତ୍ସାହିତ କରିଥିଲେ ସେ ସମ୍ପର୍କରେ କହିଥିଲେ। କାର୍ଯ୍ୟକ୍ରମରେ କିଟ୍ ଟିବିଆଇର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱାଗତ ଭାଷଣ ପ୍ରଦାନ କରି କିଟ୍ ଟିବିଆଇର ସଫଳତା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଅତିଥିମାନେ କିଟ୍ ଟିବିଆଇ ଇମ୍ପାକ୍ଟ ରିପୋର୍ଟକୁ ଉନ୍ମୋଚନ କରିବା ସହ ଉତ୍ତର ପୂର୍ବାଞ୍ଚଳ ଷ୍ଟାର୍ଟଅପ୍ ଏକ୍ସପୋକୁ ଉଦ୍‌ଘାଟନ କରିଥିଲେ। ଏହି କନ୍‌କ୍ଲେଭରେ ସଫଳ ଉଦ୍ୟୋଗୀ, ପୁଞ୍ଜି ନିବେଶକାରୀ, ସଫଳ ଷ୍ଟାର୍ଟଅପ୍ ପ୍ରତିଷ୍ଠାତାଙ୍କ ସମେତ ବହୁ ବରିଷ୍ଠ ପଦାଧିକାରୀ ଯୋଗ ଦେଇଥିଲେ।

## ବିଜେପି କର୍ମୀ ସମ୍ମିଳନୀ ଅନୁଷ୍ଠିତ

ମାଲକାନଗିରି,(ପି.ଏନ):ଆଜି ମାଲକାନଗିରି ପୌରପରିଷଦ ନଗର ଭବନ ଠାରେ ଜିଲ୍ଲା ବିଜେପି ଦଳ ପକ୍ଷରୁ ଜିଲ୍ଲା ସଭାପତି ନିମାଇଁ ଚନ୍ଦ୍ର ପାଲଙ୍କ ଅଧ୍ୟକ୍ଷତାରେ କର୍ମକର୍ତ୍ତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଦୀର୍ଘ ଦିନ ଧରି କିଡନୀ ଜନିତ ରୋଗରେ ପୀଡିତ ହୋଇ ବିଶାଖାପାଟଣା ଠାରେ ସଫଳତାର ସହିତ କିଡ଼ନୀ ପ୍ରତିରୋପଣ କରି ମାଲକାନଗିରି କୁ ଫେରି ଥିବା ବିଧାୟକ ଆଦିତ୍ୟ ମାଢ଼ି ଙ୍କୁ ଦଳୀୟ ନେତା ଓ କର୍ମୀ ସ୍ୱାଗତ ସମ୍ବର୍ଦ୍ଧନ ଜଣାଇ ତାଙ୍କର ସୁସ୍ଥ ଓ ଦୀର୍ଘମୟ ଜୀବନ କାମନା କରିଛନ୍ତି ।ନିତ ରୋଗରେ ପୀଡିତ ହୋଇ ବିଶାଖାପାଟଣା ଠାରେ ସଫଳତାର ସହିତ କିଡ୍ନୀ ପ୍ରତିରୋପଣ କରି ମାଲକାନଗିରି କୁ ଫେରି ଥିବା ବିଧାୟକ ଆଦିତ୍ୟ ମାଢ଼ି ଙ୍କୁ ଦଳୀୟ ନେତା ଓ କର୍ମୀ ସ୍ୱାଗତ ସମ୍ବର୍ଦ୍ଧନ ଜଣାଇ ତାଙ୍କର ସୁସ୍ଥ ଓ ଦୀର୍ଘମୟ ଜୀବନ କାମନା କରିଛନ୍ତି। ଜିଲ୍ଲାର ସୁପ୍ତ ପ୍ରାୟ ବିଜେପି କର୍ମକର୍ତ୍ତା, ଯୁବମୋର୍ଚ୍ଚା। ସଂଗଠନକୁ ମଜବୁତ କରିବା ଉଦ୍ଦେଶ୍ୟ ଏହି ବୈଠକର ମୂଳ ଲକ୍ଷ୍ୟ ଥିବା ଜିଲ୍ଲା ସଭାପତି ପାଲ ନିଜ ଅଭିଭାଷଣ ରେ କହିଥିଲେ ।ମାଲକାନଗିରି ଜିଲ୍ଲା ପ୍ରଭାରୀ କାଳିରାମ ମାଝୀ କହିଥିଲେ ଯେ ଭାରତୀୟ ଜନତା ପାର୍ଟି ୧୯୫୧ ମସିହାରୁ ନିଜର ସଂଗ୍ରାମ ଜାରି ରଖିଛି।

## ଉତ୍ତମ ଶିକ୍ଷା ହିଁ ଅଂଚଳର ଅର୍ଥନୈତିକ ବିକାଶର ଚାବିକାଠି:ନରସିଂହ

ବଲାଙ୍ଗିର,(ପି.ଏନ):) କେବଳ ସହର ନୁହେଁ ଗାଁପିଲା ମଧ ଯେପରି ଉତ୍ତମ ଶିକ୍ଷା ପାଇ ପାରିବେ ତାହାର ଚେଷ୍ଟା ଅନବରତ ଜାରି ରହିଛି । ଅନେକ ଗାଁରେ ଖାଲି ଥିବା ଶିକ୍ଷକ ପଦବି ପୂରଣ କରିବା ସହ ସ୍କୁଲର ଭିତିଭୂମୀକୁ ସୁଦୃଢ କରାଯାଉଛି । ଆପଣଙ୍କ ଗାଁ ସ୍କୁଲରେ ନବମ ଓ ଦଶମ ଶ୍ରେଣୀ ଖୋଲାଯିବା ପାଇଁ ଆପଣମାନେ ଦାବୀ କରିଥିଲେ । ଆମର ସାମଗ୍ରିକ ଚେଷ୍ଟା ବଳରେ ତାହା ଆଜି ସଫଳ ହୋଇଛି । ଆପଣଙ୍କ ଅଂଚଳର ସ୍କୁଲ ପିଲାମାନେ ଅଷ୍ଟମ ଶ୍ରେଣୀ ପରେ ସ୍କୁଲ ବଦଳାଇବା ପାଇଁ ବାଧ ହେଉଥିଲେ । କିନ୍ତୁ ଏହି ପଦକ୍ଷେପ ଦ୍ୱାରା ସ୍କୁଲ ପିଲାମାନେ ତାଙ୍କ ସ୍କୁଲରେ ହିଁ ନବମ ଶ୍ରେଣୀରେ ନାମ ଲେଖାଇ ପାରିବେ, ତଦ୍ୱାରା ପିଲା ଶିକ୍ଷିତ ହେବା ସହ ଅଂଚଳର ଅର୍ଥନୈତିକ ବିକଶ ହୋଇ ପାରିବ । କାରଣ ଉତମ ଶିକ୍ଷା ହିଁ ଅଂଚଳର ଅର୍ଥନୈତିକ ବିକାଶର ଚାବିକାଠି ବୋଲି ମାନ୍ୟବର ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର ଦେଓଗାଁ ବ୍ଲକ ସ୍ଥିତ ଲଣ୍ଡାପଥର ର ପର୍ଶୁରାମ ସ୍କୁଲରେ ନବମ ଶ୍ରଣି ସ୍ୱିକୃତି ପାଇବା ଉଦ୍ଦେଶ୍ୟରେ ଆୟୋଜିତ ସମ୍ବର୍ଦ୍ଧାନା ସଭା ରେ ସ୍କୁଲ କତୃପକ୍ଷ, ଛାତ୍ରଛାତ୍ରୀ ଅଭିଭାବକ ତଥା ଗ୍ରାମବାସୀମାନଙ୍କୁ ସମ୍ବୋଧିତ କରିଛନ୍ତି । ଏହି ପ୍ରରିପ୍ରେକ୍ଷିରେ ସେ ଆହୁରି କହିଛନ୍ତି ଯେ, ଶିକ୍ଷାଦାନ ତଥା ଶିକ୍ଷାଲାଭ କ୍ଷେତ୍ରରେ ଥିବା ସମସ୍ତ ପ୍ରକାର ଅସୁବିଧାକୁ ଦୁର କରିବା ପାଇଁ ସେ ପ୍ରତିଶୃତି ବଦ୍ଧ । ତେଣୁ ଛାତ୍ରଛାତ୍ରୀମାନେ ଅସୁବିଧାକୁ ଗୁରତ୍ୱ ନଦେଇ ଉତମ ପାଠପଢା , ଶିକ୍ଷକ ଶିକ୍ଷୟିତ୍ରୀମାନେ ଉତମ ଶିକ୍ଷାଦାନରେ ମନୋନିବେଶ କରନ୍ତୁ ଏବଂ ଗ୍ରାମବାସୀମାନେ ସେମାନଙ୍କୁ ସହଯୋଗ କରନ୍ତୁ । ଆଜି ପୁର୍ବାହ୍ନରେ ବିଧାୟକ ଶ୍ରୀ ମିଶ୍ରଙ୍କୁ ଲଣ୍ଡାପଥର ଠାରେ ଏକ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏଥରେ ସ୍କୁଲ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଓ ଗ୍ରାମବାସୀମାନେ ଶ୍ରୀ ମିଶ୍ରଙ୍କୁ ଉଚ୍ଛଶିତ ସମ୍ବର୍ଧନା ଜ୍ଞାପନ କରିଥିଲେ । ସ୍କୁ ପ୍ରଧାନ ଶିକ୍ଷକ ବିଧାୟକ ଶ୍ରୀ ମିଶ୍ରଙ୍କୁ ଧନ୍ୟବାଦ ଜ୍ଞାପନ କରିବା ସହ ସ୍କୁଲର ଉନ୍ନତି ପାଇଁ ବିଧାୟକଙ୍କ ଶୁଭ ଦୃଷ୍ଟି ଲୋଡିଥିଲେ । ଏହି କାର୍ଯ୍ୟକ୍ରମ ପରେ ବିଧାୟକ ଦେଷଣ୍ଡ ଗ୍ରାମ ଗସ୍ତ କରି ଗ୍ରାମବାସୀଙ୍କୁ ସୁବିଧା ଅସୁବିଧା ବୁଝିଥିଲେ । ପର୍ଯ୍ୟଟକଙ୍କୁ ଆକର୍ଷିତ କରୁଥିବା ଚାନ୍ଦଲି ପାହଡର ଉନ୍ନତି କରାଯାଇ ଏକ ପର୍ଯ୍ୟଟନ ସ୍ଥଳି କରାଯିବା ପାଇଁ ଅନେକ ପଦକ୍ଷେପ ନିଆ ସରିଛି ବୋଲି ଶ୍ରୀମିଶ୍ର ଗ୍ରାମବାସୀମାନଙ୍କୁ କହିଥିଲେ । ଆଜିର ଏହି ସମସ୍ତ କାର୍ଯ୍ୟକ୍ରମରେ ଲଣ୍ଡାପଥର ସରପଂଚ ଦେବନ୍ତି କ୍ଷେତୀ, ସମିତି ସଭ୍ୟ ବିକାଶ ଭୋଇ, ରାମଜି ଚୌଧରି, ଅସିତ ମିଶ୍ର, କାନ୍ତେଶ୍ୱର ପ୍ରଧାନ, ପପୁ ପାତ୍ର, କୈଳାସ ତାଣ୍ଡି, ଦେଷଣ୍ଡ ସରପଂଚ ଯଶୋଦା ମେହେର, ସମିତି ସଭ୍ୟ ରୁଦନା ଧରୁଆ, ଶିଂଘାମୁଣ୍ଡା ସରପଂଚ ଜାହ୍ନବି ମହାରଣା , ବଡବନ୍ଧ ସରପଂଚ ଜଗବନ୍ଧୁ ମେହେର, ଛତିଶ କ୍ଷେତୀ, କୁନା ସାହୁ, ପ୍ରହଲ୍ଲାଦ କର୍ମି, ଅଚ୍ୟୁତ ମହାନନ୍ଦ, ନିଳମଣୀ ପ୍ରଧାନ, ଦିନବନ୍ଧୁ ମେହେର, ରାଜେନ୍ଦ୍ର ସାଏ, ସ୍ୱୟମ ମେହେର, ଇନ୍ଦ୍ରଜିତ ରାଉତ, ରବିର୍ନ୍ଦ ସାଏ, ଜୁଲୁ ଷଡଙ୍ଗି, ବନମାଳୀ ମେହେର, ଏକାନନ ବୁଧିଆ, ଜଲିନ୍ଦ୍ର କଲେତ, ଭକ୍ତ ଧରୁଆ, ବୈଷ୍ଣବ ଧରୁଆ, ଗଦାଧର ପ୍ରଧାନ, ଭାଗବତ ମିଶ୍ର, ରାଧେଶ୍ୟାମ ପୋଢ, ବୁଡକୁ ନାଏକ, ତ୍ରିନାଥ ବୁଧିଆ, ରାଧେଶ୍ୟାମ ଭୋଇ, ରଘୁନାଥ ରାଉତ ଓ କୃତି ମେହେର ପ୍ରମୁଖ ଉପସ୍ଥିତ ଥିଲେ ।

## ଉତ୍ତରାଂଚଳ ରାଜସ୍ୱ କମିଶନରଙ୍କ କେନ୍ଦୁଝର ଜିଲ୍ଲା ଗସ୍ତ : କ୍ଷେତ୍ର ପରିଦର୍ଶନ ସହ ବିଭିନ୍ନ କାର୍ଯ୍ୟକ୍ରମର ତଦାରଖ ଓ ସମୀକ୍ଷା

କେନ୍ଦୁଝର ,(ପି.ଏନ): ଉତରାଂଚଳ ରାଜସ୍ୱ କମିଶନର ଡ. ସୁରେନ୍ଦ୍ର ଚନ୍ଦ୍ର ଦଳାଇ ଡିସେମ୍ବର ୭ ତାରିଖ ରୁ କେନ୍ଦୁଝର ଜିଲ୍ଲା ଗସ୍ତରେ ଆସି କ୍ଷେତ୍ର ପରିଦର୍ଶନ କରିବା ସହ ବିଭିନ୍ନ କାର୍ଯକ୍ରମର ତଦାରଖ ଓ ସମୀକ୍ଷା କରିଥିଲେ । ଶ୍ରୀ ଦଳାଇ ବୁଧବାର ବାର ଦିନ ଆନନ୍ଦପୁର ବ୍ୟାରେଜ ପରିଦର୍ଶନ କରିବା ସହ ତାହାର ତଦାରଖ କରିଥିଲେ । ତା ପରଦିନ ଗୁରୁବାର ଦିନ ଜିଲ୍ଲା ମୁକ୍ୟ ଚିକିତ୍ସାଳୟ ପରିଦର୍ଶନ ରେ ଯାଇ ବିଭିନ୍ନ ଓ୍ୟାର୍ଡ ଓ ନବଜାତ ଶିଶୁ ଯତ୍ନ ୟୁନିଟ ଓ ପରିସର ବୁଲି ଦେଖିଥିଲେ । କୋଗୀ , ଡାକ୍ତର , କର୍ମକର୍ତ୍ତା ଓ କର୍ମଚାରୀ ପ୍ରମୁଖଙ୍କ ସହ ବାର୍ତ୍ତାଳାପ କରିବା ମାଧମରେ ଯୋଗାଇ ଦିଆଯାଇଥିବା ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥା , ଚିକିତ୍ସାଳୟ ପରିଷରର ପରିଷ୍କାର ପରିଛନ୍ନତା , ଔଷଧ ବିତରଣ ଆଦି ସଂପର୍କରେ ପଚାରି ବୁଝିଥିଲେ ।

## ଓଡ଼ିଆ ଭାଷାର ଉନ୍ମେଷ ଓ ବିକାଶ ଶିର୍ଷକ ଆଲୋଚନା ଚକ୍ର



ଚଣ୍ଡିଖୋଲ, (ପି.ଏନ): ଚଣ୍ଡିଖୋଲ ସ୍ଥିତ ବାବା ଭୈରବାନନ୍ଦ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଓଡ଼ିଆ ଭାଷା ସାହିତ୍ୟ ବିଭାଗ ତରଫରୁ ଓଡ଼ିଆ ଭାଷାର ଉନ୍ମେଷ ଓ ବିକାଶ ଶିର୍ଷକ ଆଲୋଚନା ଚକ୍ର ଆଜି ମହାବିନାୟକ ସ୍ଥିତ ନବମାଳତୀ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ଅଧ୍ୟାପିକା ସୁକେଶିନୀ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ଼ଃ. ରୁଦ୍ର ନାରାୟଣ ମହାପାତ୍ର ଓଡ଼ିଆ ଭାଷା ପ୍ରାଚୀନତମ ଭାଷା, ମନୁ ସଂହିତାରେ ଆର୍ଯ୍ୟଗଣ ବ୍ରାତ ବା ପତିତ ଥିଲେ। ଗବେଷକଙ୍କ ମତରେ ଏହା ଇଣ୍ଡୋ-ୟୁରୋପିଆନ୍ ଭାଷା ପରିବାରରୁ ଆସିଥିଲେ ମଧ ବିଭିନ୍ନ ମତରେ ଭରତଙ୍କ ନାଟ୍ୟ ଶାସ୍ତ୍ରରେ ବର୍ଣ୍ଣିତ ଶବର, ଆଭିର, ଚାଣ୍ଡାଳ, ଦ୍ରାବିଡ୍ ଓ ବନଚର ମାନଙ୍କର ମୁଖର ଭାଷା ପ୍ରଥମ ଓଡ଼ିଆ ଭାଷା ବୋଲି ମତବ୍ୟକ୍ତ କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ଼ଃ ମନୋଜ କୁମାର ଦାସ ଆଲୋଚନା ଚକ୍ରରେ ଯୋଗ ଦେଇ ଭାଷାର ଉନ୍ମେଷ ଓ ବିକାଶ ଧାରା ଉପରେ ଆଲୋକପାତ କରିଥିଲେ। ଅଧ୍ୟାପକ ବିରଂଚି ନାରାୟଣ ନାୟକ ତଥିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଆ ବିଭାଗର ଅଧ୍ୟାପିକା ସ୍ୱର୍ଣ୍ଣପ୍ରଭା ରାଉତରାୟ, ବିଜୟକେତନ ସାମଲ, ଦୀପ୍ତୀମୟୀ ନାୟକ, ଡ଼ଲିନ୍‌ବାଳା ସାମଲ, ଯତିନ୍ଦ୍ର କୁମାର ରାଉତ, ଓମ୍‌ପ୍ରକାଶ ସାହୁ, ଡ଼ଃ ପ୍ରମୋଦ କୁମାର ଦାସ, ଡ଼ଃ ସୁଜାତା ସେନାପତି, ଡ଼ଃ ସଂଜୟ କୁମାର ରାୟ, ତପନ କୁମାର ଜେନା ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଶେଷରେ ଅଧ୍ୟାପିକା ସ୍ୱର୍ଣ୍ଣପ୍ରଭା ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ।

## ଜେଏସଡବ୍ଲ୍ୟୁ ପକ୍ଷରୁ ସ୍ଥାନୀୟ ଅଂଚଳର ୨୪ ଜଣଙ୍କୁ ନିଯୁକ୍ତି



ପାରାଦୀପ,୯।୧୨(ପିଏନ):ଜେଏସଡବ୍ଲ୍ୟୁ ଏକ ସମନ୍ୱିତ ଇସ୍ପାତ କାରଖାନା ଜଗତସିଂହପୁର ଜିଲ୍ଲାର ଢିଙ୍କିଆ,ନୂଆଗାଁ ଏବଂ ଗଡକୁଜଙ୍ଗ ପଂଚାୟତରେ ପ୍ରତିଷ୍ଠା କରିବାକୁ ଯାଉଛି । ସ୍ଥାନୀୟ ଅଂଚଳର ମାଟ୍ରିକ ପରୀକ୍ଷାରେ ପାସ୍ କରି ବୈଷୟିକ ଶିକ୍ଷା ଗ୍ରହଣ କରିଥିବା ୭ ଜଣ ବେକାରଙ୍କୁ ଜେଏସଡବ୍ଲ୍ୟୁର ଆନ୍ଧ୍ର ପ୍ରଦେଶର ବିଜୟନଗରମ୍ ଠାରେ ଥିବା ଇସ୍ପାତ କାରଖାନାରେ ନିଯୁକ୍ତି ଦେଇଛି । ଏହି ଯୁବକମାନେ ଏକ ବର୍ଷ ତାଲିମ ନେବା ପରେ ସେମାନଙ୍କୁ ସେମାନଙ୍କ ବିଭାଗ ଅନୁଯାୟୀ ନିଯୋଜିତ କରାଯିବ । ସେହିପରି ତିନି ପଂଚାୟତରୁ ୧୭ଜଣ ଯୁବକଙ୍କୁ ସୁରକ୍ଷା କର୍ମୀ ଭାବେ କମ୍ପାନୀ ତାର ବଡବିଲସ୍ଥିତ କାର୍ଯ୍ୟାଳୟ ଓ ଖଣି ଅଂଚଳକୁ ପଠାଇଛି । ସେମାନେ କମ୍ପାନୀର ସୁରକ୍ଷା ସମ୍ପର୍କରେ ତାଲିମ ପାଇବା ପରେ କାର୍ଯ୍ୟରେ ନିଯୋଜନ କରାଯିବ । ସର୍ବନିମ୍ନ ଯୋଗ୍ୟତା ଥିବା ୧୫ଜଣ ଯୁବକଙ୍କୁ ଯାଜପୁର ଜିଲ୍ଲାର ଛତିଆ ଠାରେ ଥିବା ଡ୍ରାଇଭର ତାଲିମ କେନ୍ଦ୍ରକୁ ପଠାଯାଇଛି । ସେଠାରେ ୨୧ ଦିନ ତାଲିମ ଶେଷ କରିବା ପରେ କମ୍ପାନୀର ବିଭିନ୍ନ କାର୍ଯ୍ୟାଳୟ ସମେତ ଅନ୍ୟ ଅଟୋମୋବାଇଲ୍ କମ୍ପାନୀରେ ନିଯୋଜନ କରାଯିବ । ଫାଉଣ୍ଡେସନ ଦ୍ୱାରା ନିଯୁକ୍ତିର ସୁଯୋଗ ପାଇଥିବା ଯୁବକମାନେ କମ୍ପାନୀକୁ ସାଧୁବାଦ ଜଣାଇଛନ୍ତି । ଜେଏସଡବ୍ଲ୍ୟୁ ଫାଉଣ୍ଡେସନ୍ ଏହାକୁ ଦୃଷ୍ଟିରେ ରଖି ସ୍ଥାନୀୟ ଅଂଚଳର ଶିକ୍ଷିତ ବେକାରମାନଙ୍କୁ ନିଯୁକ୍ତି ଦେବାକୁ ପ୍ରାଥମିକତା ଦେଇଥିବା କମ୍ପାନୀ ପକ୍ଷରୁ ସୂଚନା ମିଳିଛି।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)
NURSERY (3+)
LKG, UKG, STD-I TO V



FIND THE DIFFERENCE

●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray